୬ କୋଲକାତାକୁ ୧୬ ରନରେ ହରାଇଲା ପଞ୍ଜାବ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୭୮ ● ୧୬ ଅପ୍ରେଲ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-78 ● 16th April 2025, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପୋଡି: ଅଭିଯୁକ୍ତ ଗିରଫ

**ପାଟଣାଗଡ/ଭୁବନେଶ୍ୱର, ୧୫।୪**
**ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ପାଟଣାଗଡ଼ ବ୍ଲକଛକରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମଙ୍ଗଳବାର ସକାଳୁ ଜଣେ ଦୁର୍ବୃତ୍ତ ବ୍ଲକ ଛକରେ ଥିବା ଏହି ପ୍ରତିମୂର୍ତ୍ତିରେ ନିଆଁ ଲଗାଇ ପୋଡିବା ଘଟଣା ଜଣାପଡିବା ପରେ ପୋଲିସ୍ ସଂପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିଥିବାର ସୂଚନା ମିଳିଛି। ଅଗ୍ନିକାଣ୍ଡ ଯୋଗୁଁ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପୋଡ଼ି ନଷ୍ଟ ହୋଇଯାଇଛି । ଏହି ଘଟଣାକୁ ବିଜୁ ଜନତା ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ସ୍ଥାନୀୟ ନେତା ଓ କର୍ମୀମାନେ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ *(ପୃଷ୍ଠା ୭ରେ)*



## ନିନ୍ଦା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫।୪ : ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ଠାରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଏହି ଘଟଣାର ତୀବ୍ର ନିନ୍ଦା କରିଛନ୍ତି । ଏ ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତି ନିଶ୍ଚିତ ଭାବରେ ଜଣେ ହୀନ ଓ ରୁଗ୍‌ଣ ମାନସିକତାର ବ୍ୟକ୍ତି ହୋଇଥିବେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି । ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସମସ୍ତ ବରପୁତ୍ରଙ୍କୁ ରାଜ୍ୟ ସରକାର ସମ୍ମାନ ଦେବାରେ ବିଶ୍ୱାସ କରନ୍ତି ଓ ପୂଜ୍ୟପୂଜା ପାଇଁ ସମସ୍ତ ପଦକ୍ଷେପ ନେଇ ଆସୁଛନ୍ତି। ବିଜୁବାବୁଙ୍କ ପ୍ରତି ତାଙ୍କର ବ୍ୟକ୍ତିଗତ ଭାବେ ଗଭୀର ସମ୍ମାନ ରହି *(ପୃଷ୍ଠା ୭ରେ)*

# ଏସ୍‌ଏଚ୍‌ଜିଙ୍କ ପାଇଁ ସୁଧ ମୁକ୍ତ ଋଣ ବ୍ୟବସ୍ଥା ଜାରି ରହିବ

**ଭୁବନେଶ୍ୱର, ୧୫।୪**
**ନ୍ୟୁଜ୍ ବ୍ୟୁରୋ**

ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ସୁଧ ମୁକ୍ତ ଋଣ ବ୍ୟବସ୍ଥା ଜାରି ରହିବ। ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ସୁଧ ଦେବାକୁ ପଡିବ ନାହିଁ । ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ସୁଧ ମୁକ୍ତ ଋଣ ବ୍ୟବସ୍ଥାକୁ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି।

ସୂଚନା ଯୋଗ୍ୟ, ଏହି ସୁଧ ମୁକ୍ତ ଋଣ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଜାରି ରଖିଥିଲେ । ଆଜି ଏହାକୁ ୨୦୨୫-୨୬ ଆର୍ଥିକ ବର୍ଷ ଓ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ଜାରି ରଖିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି।

ଏହା ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ପଦକ୍ଷେପ ରାଜ୍ୟରେ ମହିଳା ଉଦ୍ୟୋଗୀ ଓ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହିତ ମହିଳା ଭାଗିଦାରୀ ଜରିଆରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବ ବୋଲି ସେ କହିଛନ୍ତି।



## ପ୍ରଶାନ୍ତ ନନ୍ଦ ପାଇଲେ ଉତ୍କଳ ବିଶ୍ୱ ଗୌରବ ସମ୍ମାନ



**ଭୁବନେଶ୍ୱର, ୧୫।୪**
**ନ୍ୟୁଜ୍ ବ୍ୟୁରୋ**

ଲଣ୍ଡନରେ ଉତ୍କଳ ଦିବସ ପାଳିଲେ ଓଡ଼ିଆ। ଓଡ଼ିଶା ସୋସାଇଟି ଅଫ ୟୁନାଇଟେଡ କିଙ୍ଗଡମ୍(ଓଏସୟୁକେ) ପକ୍ଷରୁ ଶନିବାର ଲଣ୍ଡନର ହାରୋଲ୍ଡ ହିଲ୍‌ସ୍ଥିତ ଡ୍ରାପର୍ସ ଏକାଡେମୀରେ ୯୦ତମ ଉତ୍କଳ ଦିବସ ମହାସମାରୋହରେ ପାଳନ କରାଯାଇଛି। ଦିନ ଗୋଟାଏରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ଭାଷା ଏବଂ ମାନବିକ ଭାବନା ପ୍ରତି ଏକ ଉତ୍କୃଷ୍ଟ ଶ୍ରଦ୍ଧାଞ୍ଜଳି ଥିଲା, ଯେଉଁଥିରେ ୟୁକେ ଏବଂ ବାହାରର ପ୍ରବାସୀ ଓଡ଼ିଆ ପ୍ରବାସୀମାନେ ଯୋଗ ଦେଇଥିଲେ। ଏହି ଉତ୍ସବରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦଙ୍କୁ ଉତ୍କଳ ବିଶ୍ୱ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସୁମନ୍ତ ମାନସିଂହଙ୍କ ସ୍ୱାଗତ ଭାଷଣ ସହ ମହାମହିମ ରାଜା ଚାର୍ଲ୍ସ ତୃତୀୟଙ୍କ ରାଜକୀୟ ପ୍ରତିନିଧି ତଥା ଡେପୁଟି ଲେଫ୍ଟନାଣ୍ଟ ମନଜିତ କୌର ସିଂହଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉପସ୍ଥିତ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ନିର୍ମାତା ପ୍ରଶାନ୍ତ ନନ୍ଦଙ୍କ ସମେତ ଭାରତୀୟ ପାରମ୍ପରିକ ବିଜ୍ଞାନ ଉପରେ ସର୍ବଦଳୀୟ ସଂସଦୀୟ ଗୋଷ୍ଠୀର ସଚିବ ଅମରଜିତ ଏସ୍. ଭାମରା, ଭାରତୀୟ ଉଚ୍ଚାୟୁକ୍ତ ମନୋଜ କୁମାର ପଣ୍ଡା ପ୍ରମୁଖଙ୍କ ସହ ଓଏସୟୁକେର ସଦସ୍ୟମାନେ ସାମିଲ ହୋଇଥିଲେ। ଡେପୁଟି ଲେଫ୍ଟନାଣ୍ଟ *(ପୃଷ୍ଠା ୭ରେ)*

# ଦୁଗ୍ଧ ଚାଷୀଙ୍କୁ ୩୧.୧୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ

**ଭୁବନେଶ୍ୱର, ୧୫।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଓମଫେଡର ପ୍ରାୟ ୧ ଲକ୍ଷ ଯୋଗ୍ୟ ଦୁଗ୍ଧ ଚାଷୀଙ୍କୁ ୩୧.୧୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏହି ଅର୍ଥ ଓମଫେଡ ପକ୍ଷରୁ ଡିବିଟି ମାଧ୍ୟମରେ ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ଯାଇଛି। ସେପ୍ଟେମ୍ବର ୨୦୨୪ରୁ ଫେବୃଆରୀ ୨୦୨୫ ମଧ୍ୟରେ ଯେଉଁ ଚାଷୀ ଯେଉଁ ପରିମାଣର ଦୁଗ୍ଧ ଓମଫେଡକୁ ଦେଇଛନ୍ତି, ସେମାନଙ୍କ ବ୍ୟାଙ୍କ ଖାତାକୁ ସେହି ଅନୁପାତରେ ଏହି ପ୍ରୋତ୍ସାହନ ରାଶି ଯାଇଛି।

ସାଧାରଣତଃ ଗତ ସେପ୍ଟେମ୍ବରରୁ- ଫେବୃଆରୀ ପର୍ଯ୍ୟନ୍ତ ୬ ମାସ ହେଉଛି ଦୁଗ୍ଧର ତିରୋଟ ସମୟ ବା ଦୁଗ୍ଧ ଉତ୍ପାଦନ କମ ହୋଇଥାଏ। ଏହି ସମୟରେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ତଥା ସେମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଓମଫେଡ ପକ୍ଷରୁ ଲିଟର ପିଛା ୧ ରୁ ୫ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ପୂର୍ବରୁ ଘୋଷଣା କରାଯାଇଥିଲା । ଏଥିପାଇଁ ରାଜ୍ୟ ସରକାର ମଧ୍ୟ ଓମଫେଡକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ।



ସଂପ୍ରତି ରାଜ୍ୟରେ ମୋଟ ୧୧ଟି ଜିଲ୍ଲା ଦୁଗ୍ଧ ସମବାୟ ସମିତି ରହିଛି । ଏହି ୧୧ଟି ଜିଲ୍ଲା ଦୁଗ୍ଧ ସମୟବାୟ ସମିତି ମଧ୍ୟରୁ ସର୍ବାଧିକ ୩୩ ହଜାର ଚାଷୀ କଟକ ଜିଲ୍ଲା ଦୁଗ୍ଧ ସମବାୟ ସମିତିରେ ରହିଛନ୍ତି। କଟକ ପଛକୁ ରହିଛି ବାଲେଶ୍ୱର । ଏହି ଜିଲ୍ଲା ଦୁଗ୍ଧ ସମବାୟ ସମିତିରେ ୧୮ ହାଜର ଚାଷୀ ରହିଛନ୍ତି । ସର୍ବନିମ୍ନ ଅର୍ଥାତ ୫୩୧ ଜଣ ଚାଷୀ ରହିଛନ୍ତି ମୟୂରଭଞ୍ଜ ଜିଲ୍ଲା ଦୁଗ୍ଧ ସମବାୟ ସମିତିରେ।

କଟକ ଜିଲ୍ଲା ଦୁଗ୍ଧ ସମବାୟ ସମିତି ଅଧିନରେ ଥିବା ଚାଷୀଙ୍କ ଖାତାକୁ ସର୍ବାଧିକ ୧୩ କୋଟି ଟଙ୍କା ଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲା ଦୁଗ୍ଧ ସମବାୟ ସମିତି ଚାଷୀଙ୍କ ଖାତାକୁ ଯାଇଛି ୫ କୋଟି । ସେହିପରି ସମ୍ବଲପୁରକୁ ୪.୭୩ କୋଟି, ବଲାଙ୍ଗୀର-କଳାହାଣ୍ଡି-ନୂଆପଡା ଜିଲ୍ଲା ଦୁଗ୍ଧ ସମବାୟ ସମିତ *(ପୃଷ୍ଠା ୭ରେ)*

# ୱାକଫ ବିଲ୍ ପରେ ୟୁନିଫର୍ମ ସିଭିଲ କୋଡ୍ ପାଇଁ ପ୍ରସ୍ତୁତ ହେଉଛନ୍ତି ମୋଦୀ ସରକାର

**ନୂଆଦିଲ୍ଲୀ, ୧୫।୪**

ୱାକଫ ସଂଶୋଧନ ବିଲ୍‌କୁ ସଂସଦରେ ସମର୍ଥନ ମିଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବେ ୟୁନିଫର୍ମ ସିଭିଲ କୋଡ (ୟୁସିସି) ପ୍ରଣୟନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ ଏହା ସରକାରଙ୍କ ପ୍ରାଥମିକତା ତାଲିକାରେ ରହିଛି ଏବଂ ୨୩ତମ ନିୟମ କମିଶନକୁ ଏହାର ଖସଡ଼ା ପ୍ରସ୍ତୁତ କରିବା ଦାୟିତ୍ୱ ଦିଆଯାଇଛି।

ୟୁସିସି ହେଉଛି ଏକ ଏଭଳି ଆଇନ୍, ଯାହା ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ପାଇଁ ବିବାହ, ବିଚ୍ଛେଦ, ଉତ୍ତରାଧିକାର ଓ ଦାନ ଗ୍ରହଣ ଭଳି ବ୍ୟକ୍ତିଗତ ବିଷୟରେ ଏକ ସମାନ ଆଇନ ପ୍ରଣୟନ କରିବ। ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୪୪ରେ ଉଲ୍ଲେଖ ହୋଇଛି, ଯାହା ରାଷ୍ଟ୍ରକୁ ଏକ ସମାନ ନାଗରିକ ସଂହିତା ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛି । ବିଜେପି ନିର୍ବାଚନୀ ଇସ୍ତାହାରରେ ମଧ୍ୟ ୟୁସିସିକୁ ପ୍ରାଧାନ୍ୟ ଦେଇଛି, ଯାହାକୁ ମହିଳା ସଶକ୍ତିକରଣ ଓ ଜାତୀୟ ଏକତାର ମାଧ୍ୟମ ଭାବେ ଦେଖାଯାଉଛି।



ଗତ କିଛି ବର୍ଷ ଧରି ୟୁସିସି ଏକ ବିବାଦୀୟ ବିଷୟ ହୋଇ ରହିଛି । ଏହାର ସମର୍ଥକମାନେ ଏହାକୁ ସାମାଜିକ ସମାନତା ଓ ଆଧୁନିକତାର ପ୍ରତୀକ ଭାବେ ଦେଖୁଛନ୍ତି, ଯେଉଁଠାରେ ବିଭିନ୍ନ ଧାର୍ମିକ ବ୍ୟକ୍ତିଗତ ଆଇନ୍‌ରେ ଥିବା ଅସମାନତା ଦୂର ହେବ। ଅନ୍ୟପକ୍ଷରେ, ବିରୋଧୀମାନେ କହୁଛନ୍ତି ଯେ ଏହା ଧାର୍ମିକ ସ୍ୱାଧୀନତା ଓ ସାଂସ୍କୃତିକ ବିବିଧତା ଉପରେ ଆଘାତ ହେବ। ବିଶେଷତଃ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଏହାକୁ ନେଇ ଆଶଙ୍କା ରହିଛି।

ଉତ୍ତରାଖଣ୍ଡରେ ସମ୍ପ୍ରତି ୟୁସିସି କାର୍ଯ୍ୟକାରୀ ହୋଇଛି, ଯାହା ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ଭାବେ ଦେଖାଯାଉଛି । ଏହା ବିବାହ ନିବନ୍ଧନ, ବହୁବିବାହ ଉପରେ ନିଷେଧ ଓ ସମାନ ଉତ୍ତରାଧିକାର ଅଧିକାର ଭଳି ବିଷୟକୁ ଗୁରୁତ୍ୱ ଦେଇଛି । କେନ୍ଦ୍ର ସରକାର ଏହାକୁ ଜାତୀୟ ସ୍ତରରେ ଲାଗୁ କରିବା ପାଇଁ ସମସ୍ତ ହିତାଧିକାରୀଙ୍କ ସହ ଆଲୋଚନା କରିବା ଆବଶ୍ୟକ। ନିୟମ କମିଶନର ରିପୋର୍ଟ ଏହାର ଖସଡା ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସରକାରଙ୍କ ଏହି ପଦକ୍ଷେପ ରାଜନୈତିକ ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ୱାକଫ ବିଲ୍‌ରେ ବିଜେଡି ଓ ୱାଇଏସଆରସିପି ଭଳି ଦଳମାନଙ୍କ ସମର୍ଥନ ସରକାରଙ୍କୁ ଆତ୍ମବିଶ୍ୱାସ ଯୋଗାଇଛି। ତେବେ ୟୁସିସିର ସଫଳ କାର୍ଯ୍ୟକାରିତା ନିର୍ଭର କରିବ ସମାଜରେ ଏହାର ଗ୍ରହଣୀୟତା ଓ ଆଇନଗତ ସନ୍ତୁଳନ ଉପରେ।

# ୨୫୦୦ ଗୃହରକ୍ଷୀ ପଦବୀ ବୃଦ୍ଧି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

**ଭୁବନେଶ୍ୱର, ୧୫।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଏବେ ଗୃହରକ୍ଷୀ(ହୋମଗାର୍ଡ) ନିଯୁକ୍ତି ଚାଲିଥିବା ବେଳେ ସୃଷ୍ଟି ହୋଇଛି ଅତିରିକ୍ତ ୨,୫୦୦ ପଦବୀ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି।

ରାଜ୍ୟରେ ବର୍ତ୍ତମାନ ଗୃହରକ୍ଷୀ ପଦବୀ ସଂଖ୍ୟା ୧୭,୬୭୫ ଅଛି । ୨,୫୦୦ ନୂଆ ପଦବୀ ସୃଷ୍ଟି ହେବା ପରେ ସମୁଦାୟ ପଦବୀ ସଂଖ୍ୟା ୨୦,୧୭୫ ହେଲା ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ପୋଲିସ ବାହିନୀରେ ପଦବୀ ସଂଖ୍ୟା ବୃଦ୍ଧି କରାଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ । ରାଜ୍ୟ ପୋଲିସ ବିଭାଗର ବିଭିନ୍ନ ଶାଖାରେ ପ୍ରାୟ ୧୨,୦୦୦ ପଦବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଛନ୍ତି ।



ସୂଚନାଯୋଗ୍ୟ, କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ରାଜ୍ୟ ସରକାର ପ୍ରାୟ ୧୨,୦୦୦ ଖାଲି ପୋଲିସ ପଦବୀ ପୂରଣ କରିବେ। ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ *(ପୃଷ୍ଠା ୭ରେ)*

# ପିଲା ଚୋରି ହେଲେ ରଦ୍ଦ ହେବ ହସ୍ପିଟାଲ ଲାଇସେନ୍ସ

**ନୂଆଦିଲ୍ଲୀ, ୧୫।୪**

ଶିଶୁ ଚାଲାଣ ମାମଲା ଉପରେ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ଦେଇଛନ୍ତି। ନବଜାତ ଶିଶୁ ଚୋରି ସହ ଜଡିତ ମାମଲା ଉପରେ ରାଜ୍ୟ ସରକାରମାନେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି କୋର୍ଟ କହିଛନ୍ତି । ପ୍ରଥମତଃ ଯେଉଁ ହସ୍ପିଟାଲରୁ ନବଜାତ ଶିଶୁ ଚୋରି ହୁଏ, ସେହି ହସ୍ପିଟାଲର ଲାଇସେନ୍ସ ବାତିଲ କରାଯିବା ଉଚିତ।

ବାରାଣସୀ ଏବଂ ଆଖପାଖର ଡାକ୍ତରଖାନାଗୁଡ଼ିକରେ ଶିଶୁ ଚୋରି ମାମଲାରେ ଅଭିଯୁକ୍ତମାନଙ୍କୁ ଆହ୍ଲାବାଦ ହାଇକୋର୍ଟ ୨୦୨୪ ମସିହାରେ ଜାମିନ ପ୍ରଦାନ କରିଥିଲେ। ଏହା ବିରୁଦ୍ଧରେ ଶିଶୁମାନଙ୍କ ପରିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ଶୁଣାଣି କରିବା ସମୟରେ ସୁପ୍ରିମକୋର୍ଟ ଏହାର ପରିସରକୁ ବିସ୍ତାର କରିଥିଲେ। କୋର୍ଟ ଜାତୀୟ ମାନବାଧିକାର କମିଶନ ଏବଂ ଭାରତୀୟ ବିକାଶ ସଂସ୍ଥାନଠାରୁ ଏକ ରିପୋର୍ଟ ମାଗିଥିଲେ।



ଏବେ ଦିଆଯାଇଥିବା ନିଷ୍ପତ୍ତିରେ, ସୁପ୍ରିମକୋର୍ଟର ବିଚାରପତି ଜେବି ପାରଡିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଅଭିଯୁକ୍ତଙ୍କ ଜାମିନକୁ ବାତିଲ କରିଛନ୍ତି । କୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ ଏହା ଏକ ଦେଶବ୍ୟାପୀ ଗ୍ୟାଙ୍ଗ ଥିଲା । ଏହାର ଚୋରି ହୋଇଥିବା ପିଲାମାନେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଏପରିକି ରାଜସ୍ଥାନରୁ ମଧ୍ୟ ଉଦ୍ଧାର କରାଯାଇଛି। ସୁପ୍ରିମକୋର୍ଟ ଅଭିଯୁକ୍ତମାନଙ୍କୁ ସମାଜ ପାଇଁ ବିପଦ ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ସେମାନଙ୍କୁ ଜାମିନ ଦେବା ହାଇକୋର୍ଟର ଅସାବଧାନ ମନୋଭାବକୁ ଦର୍ଶାଉଛି । ଜାମିନ ଆଦେଶକୁ ଚ୍ୟାଲେଞ୍ଜ ନକରିବା ପାଇଁ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ *(ପୃଷ୍ଠା ୭ରେ)*

## ୫ ଲ୍ୟାଣ୍ଡମାଇନ୍ ନିଷ୍କ୍ରିୟ କଲେ ଯବାନ

**ମାଲକାନଗିରି, ୧୫।୪**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ଯବାନ ନକ୍ସଲଙ୍କର ଏକ ବଡ଼ ଆକ୍ରମଣ ଯୋଜନାକୁ ବିଫଳ କରିଛନ୍ତି । ଗୋରନା ଏବଂ ମନକେଲି ଗ୍ରାମ ମଧ୍ୟରେ ରହିଥିବା କଚ୍ଚା ରାସ୍ତାରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ କରୁଥିବା ବେଳେ ଏହି ୫ଟି ଲ୍ୟାଣ୍ଡମାଇନକୁ ଉଦ୍ଧାର କରିଥିଲେ। ଏହି ରାସ୍ତା ଅତି ବିପଦପୂର୍ଣ୍ଣ ଥିବା ସୁରକ୍ଷାକର୍ମୀ ଜାଣିବା ପରେ ଏହି ଅଞ୍ଚଳରେ ଅତି ସତର୍କତାର ସହ ଚାଲୁଥିଲେ। ଗୋରନା ଏବଂ ମନକେଲି ଗ୍ରାମ ମଧ୍ୟରେ ରହିଥିବା କଚ୍ଚା ରାସ୍ତାରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ କରୁଥିବା ବେଳେ ଏହି ୫ଟି ଲ୍ୟାଣ୍ଡମାଇନକୁ ଉଦ୍ଧାର କରିଥିଲେ। ତେବେ ବୋମା ଯାଞ୍ଚ କରିବା ମେସିନ ଦ୍ୱାରା ରାସ୍ତାର ବିଭିନ୍ନ ସ୍ଥାନରେ ୨କିଲୋ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



କଳିକଜିଆ ଭିତରେ ଜଣେ
ପଦ ହେଲା ବଣ୍ଟାବଣ୍ଟି
ଛିଡୁନି କିନ୍ତୁ ବଡ ସାନମଧ୍ୟେ
ଯୁକ୍ତି କଥା କଟାକଟି
ଦଳର ଜାମ୍ ତଣ୍ଟି
ସବୁ ଅମାନିଆ ଷଣ୍ଢ ସାଜିଛନ୍ତି
କିଏ ସେ ବାନ୍ଧିବ ଖୁଣ୍ଟି।

# ଏଥର ସ୍ୱାଭାବିକ ଠାରୁ ଅଧିକା ବର୍ଷା



**ନୂଆଦିଲ୍ଲୀ, ୧୫।୪**

ଆଗାମୀ ମୌସୁମୀ ଋତୁରେ ଭାରତରେ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସ୍ୱାଭାବିକ ଠାରୁ ଅଧିକା ବର୍ଷା ଫଳରେ କୃଷିଭିତ୍ତିକ ଅର୍ଥନୀତି ପାଇଁ ଭଲ ଫସଲ ଅମଳ ହେବାର ଆଶା ସଞ୍ଚାର ହୋଇଛି।

ଭାରତରେ ଦକ୍ଷିଣପଶ୍ଚିମ ମୌସୁମୀ ଜୁନ୍ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଅନୁଭୂତ ହୋଇଥାଏ। ଦୀର୍ଘମିଆଦୀ ହାରାହାରି ବୃଷ୍ଟିପାତ ୮୭ ସେଣ୍ଟିମିଟର ହୋଇଥିବା ବେଳେ ମୌସୁମୀ ଚତୁର୍ମାସରେ ଏହା ୧୦୫ ପ୍ରତିଶତ ବୃଷ୍ଟିପାତ ହେବ ବୋଲି ଆକଳନ କରାଯାଇଥିବା ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରବିଚନ୍ଦ୍ରନ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ତାମିଲନାଡୁର ଅଧିକାଂଶ ଅଞ୍ଚଳ ଏବଂ ଉତ୍ତରପୂର୍ବାଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ସେହିପରି ଜମ୍ମୁ-କଶ୍ମୀର, ଲଦାଖ, ବିହାରର କେତେକ ଅଞ୍ଚଳରେ ମଧ୍ୟ କମ୍ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ *(ପୃଷ୍ଠା ୭ରେ)*

# କାଳବୈଶାଖୀ ପ୍ରଭାବ : ଟୁଇନ ସିଟିରେ ବର୍ଷା



**ଭୁବନେଶ୍ୱର, ୧୫।୪**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଦିନ ବେଳା ପ୍ରଚଣ୍ଡ ଖରା ହୋଇଥିବା ବେଳେ ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟିଆସିଥିଲା। କାଳବୈଶାଖୀ ପ୍ରଭାବରେ ଉତ୍ତର ଓ ପଶ୍ଚିମ ଭୁବନେଶ୍ୱର ସମେତ କଟକ ସହରରେ ଝଡ ପବନ ଓ ବର୍ଷା ତାଣ୍ଡବ ରଚିଥିଲା। ଏହି ବର୍ଷା ଓ ପବନ ଯୋଗୁ ଅନେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କେତେକ ସ୍ଥାନରେ ଟିଣ ଓ କଚ୍ଚା ଘର ଛପର ଉଡିଯାଇଥିବା ବେଳେ ବଡ ବଡ ଗଛ ମଧ୍ୟ ଭାଙ୍ଗି ଯାଇଥିବା ଦେଖାଯାଇଛି। କଟକ-ଭୁବନେଶ୍ୱର ବ୍ୟତୀତ ଉପକୂଳ ଜିଲ୍ଲାରେ ମଧ୍ୟ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୬ ଅପ୍ରେଲ ୨୦୨୫ ବୁଧବାର





# ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ରେଳ ଷ୍ଟେସନର ସମୀକ୍ଷା: 'ଅକ୍ଟୋବର ୩୧ରେ ଲୋକାର୍ପଣ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆ ରୂପ ପାଇବାକୁ ଯାଉଛି ଲିଙ୍ଗରାଜ ଟେମ୍ପଲ୍ ରୋଡ୍ ରେଳ ଷ୍ଟେସନ। ନୂଆ ଲିଫ୍ଟ ନିର୍ମାଣ ସହ ଫୁଟ୍ଓଭର ବ୍ରିଜ୍, ଅତ୍ୟାଧୁନିକ ଶୌଚାଳୟ, କାଫେଟେରିଆ, କମର୍ସିଆଲ୍ କମ୍ପ୍ଲେକ୍ସ, ଯାତ୍ରୀଙ୍କ ବିଶ୍ରାମ ପାଇଁ ଶୀତତାପ ନିୟନ୍ତ୍ରିତ କୋଠରୀ କାର୍ଯ୍ୟ ଜାରି ରହିଛି। ଅକ୍ଟୋବର ୩୧ ଭିତରେ ଷ୍ଟେସନ୍ର ନବୀକରଣ କାର୍ଯ୍ୟ ଶେଷ ସହ ଲୋକାର୍ପଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ସୂଚନା ଅନୁଯାୟୀ ମୋଟ ୧୯.୫୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପରେ ୭୬୫ ବର୍ଗ ମିଟରର ଜି+୨ର



ଏକ ନୂତନ ଷ୍ଟେସନ ବିଲ୍ଡିଂ ନିର୍ମାଣ ହେଉଛି। ବର୍ତ୍ତମାନ ଷ୍ଟେସନର ସମ୍ମୁଖ ଭାଗରେ ୧୧୦୦ ବର୍ଗ ମିଟରର ବିଲ୍ଡିଂର ନବୀକରଣ ଚାଲିଛି। ୧୨ ମିଟର ଓସାରର ଏକ ଫୁଟ୍ଓଭର ବ୍ରିଜ୍, ୨୬୦ ବର୍ଗ ମିଟର ଅଞ୍ଚଳରେ ଦୁଇ ଓ ତିନି ଚକିଆ ଯାନ ପାଇଁ ପୃଥକ୍ ପୃଥକ୍ ପାର୍କିଂ, ୧୩୦ ବର୍ଗ ମିଟରର ଏକ ପ୍ରତୀକ୍ଷାଳୟ ନିର୍ମାଣ ହେବ। ପୁରୁଷ ଓ ମହିଳାଙ୍କ ପାଇଁ ୬୫ ବର୍ଗମିଟରର ପ୍ରିମିୟମ୍ ମଡ୍ୟୁଲାର ଟଏଲେଟ୍, ୧, ୨ ଓ ୩ ନମ୍ବର ପ୍ଲାଟଫର୍ମରେ ଗ୍ରାନାଇଟ୍ ଓ ମୋଜାଇକ୍ ଚଟାଣ ଲାଗି ମଧ୍ୟ ଯୋଜନା ରହିଛି। ଏଥିସହ ୨୯ ବେଜ୍ର ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟର ନିର୍ମାଣ କରାଯିବ।

## ବାଣ ଉପରେ କଟକଣା ହଟାଇବାକୁ ମନାକଲେ ସୁପ୍ରିମକୋର୍ଟ

# ଦିଲ୍ଲୀରେ ବିପଦଜନକ ରହିଛି ବାୟୁ ପ୍ରଦୂଷଣ ସ୍ତର

**ନୂଆଦିଲ୍ଲୀ :**

ଦିଲ୍ଲୀ-ଏନସିଆରରେ ବାଣ ତିଆରି, ସଂରକ୍ଷଣ ଏବଂ ବିକ୍ରୟ ଉପରେ ଲଗାଯାଇଥିବା କଟକଣାକୁ ଉଠାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି,ଏଠାରେ ବାୟୁ ପ୍ରଦୂଷଣ ଦୀର୍ଘ ସମୟ ଧରି ବିପଜ୍ଜନକ ସ୍ତରରେ ରହିଛି। ମାମଲାର ଶୁଣାଣି ସମୟରେ ବିଚାରପତି ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂଇଁଆଙ୍କ ଖଣ୍ଡପୀଠ କହିଛନ୍ତି, ରାସ୍ତାରେ କାମ କରୁଥିବା ଲୋକମାନେ



ପ୍ରଦୂଷଣ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ସମସ୍ତଙ୍କର ଘରେ କିମ୍ବା କାର୍ଯ୍ୟସ୍ଥଳରେ ଏୟାର ପ୍ୟୁରିଫାୟର୍ ଲଗାଇବାର ସୁବିଧା ନାହିଁ। ସୁପ୍ରିମକୋର୍ଟ କହିଛନ୍ତି, 'ଗତ ଛଅ ମାସରେ, କୋର୍ଟ ଅନେକ ନିର୍ଦ୍ଦେଶ ଦେଇଛନ୍ତି ଯାହା ଦର୍ଶାଉଛି ଯେ ଦିଲ୍ଲୀରେ ବାୟୁ ପ୍ରଦୂଷଣର ସ୍ଥିତି ବହୁତ ଖରାପ ରହିଛି।' ସମ୍ବିଧାନର ଧାରା ୨୧ ଅନୁଯାୟୀ ସ୍ୱାସ୍ଥ୍ୟ ଅଧିକାର ପ୍ରତ୍ୟେକ ନାଗରିକଙ୍କର ଅଧିକାର, ଯେଉଁଥିରେ ଏକ ସ୍ୱଚ୍ଛ ଏବଂ ପ୍ରଦୂଷଣମୁକ୍ତ ପରିବେଶରେ ବଞ୍ଚିବାର ଅଧିକାର ମଧ୍ୟ ରହିଛି।' ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେଉଁ ପର୍ଯ୍ୟନ୍ତ ଏହା ପ୍ରମାଣିତ ନହୁଏ ଯେ ଗ୍ରୀନ୍ କ୍ରାକର ଖୁବ୍ କମ୍ ପ୍ରଦୂଷଣ ସୃଷ୍ଟି କରେ, ସେପର୍ଯ୍ୟନ୍ତ ଏହି ନିଷେଧ ଉପରେ ପୁନର୍ବିଚାର କରିବାର କୌଣସି ପ୍ରଶ୍ନ ଉଠୁନାହିଁ। କୋର୍ଟଙ୍କ ଅନୁଯାୟୀ, ଦିଲ୍ଲୀରେ ଅସାଧାରଣ ସ୍ଥିତି ଲାଗି ରହିଛି, ସେହି କାରଣରୁ ବାଣ ଉପରେ କଟକଣା ଲଗାଇବା ସମ୍ପୂର୍ଣ୍ଣ ଜରୁରୀ।

# ରାଜଧାନୀରେ ତିନି ଥାକିଆ ଲେନ୍ ଡ୍ରାଇଭିଂ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦ୍ରୁତଗାମୀ ଗାଡ଼ି କେଉଁ ଲେନ୍ରେ ଯିବ ମଧ୍ୟମ ଓ ଅଳ୍ପ ସ୍ପିଡ୍ରେ ଯାଉଥିବା ଗାଡ଼ି ପାଇଁ କେଉଁ ଲେନ୍ ଉଦ୍ଦିଷ୍ଟ ଗାଡ଼ି ଚାଳକମାନେ ଅଭ୍ୟସ୍ତ ହେବା ପାଇଁ ସହର ଭିତରେ ଆଜିଠୁ ଲେନ୍ ଡ୍ରାଇଭିଂ ଆରମ୍ଭ ହୋଇଛି । ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାରେ ତିନି ଲେନ୍ରେ ବସ୍, କାର, ଅଟୋରିକ୍ସା ଓ ବାଇକ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ୍ ଡିସିପି ତପନ କୁମାର ମହାନ୍ତି କହିଛନ୍ତି, ସଡ଼କ ସୁରକ୍ଷା ନିୟମ ଅନୁସାରେ ପ୍ରତି ଲେନ୍ ପାଇଁ ନିର୍ଦ୍ଦିଷ୍ଟ ବେଗ ରହିଛି । ସହରର ପ୍ରାୟ ସବୁ ବଡ଼ ରାସ୍ତାଗୁଡ଼ିକ ୬ଟି ଥାକିଆ ବିଶିଷ୍ଟ । ଅର୍ଥାତ୍, ରାସ୍ତାର ଦୁଇପାର୍ଶ୍ୱରେ ୩ ଲେଖାଏଁ ଲେନ୍ ଅଛି । ଜୟଦେବ ବିହାର ରାସ୍ତାରେ ୩ ଥାକିଆ ଲେନ୍ ରଖାଯାଇଛି । ଗାଡ଼ିର ବେଗ ଅନୁସାରେ, ପ୍ରତି ଲେନ୍ରେ ଗାଡ଼ି ଯା'ଆସ କରୁଛି । ଦୁର୍ଘଟଣା କମାଇବା ଉଦ୍ଦେଶ୍ୟରେ ଜୟଦେବ ବିହାରରେ ଲେନ୍ ଡ୍ରାଇଭିଂ ଆରମ୍ଭ ହୋଇଛି । ଟ୍ରାଫିକ୍ ଅତିରିକ୍ତ ଡିସିପି ଅମିତ୍ ବର୍ମାଙ୍କ କହିବା ମୁତାବକ, ଗାଡ଼ି ଚାଳକମାନେ ମନଇଚ୍ଛା ଓଭରଟେକ୍ କରୁଥିବାରୁ ଗାଡ଼ି ସହ ଗାଡ଼ି ଘସି ହୋଇଯାଉଛି। ଅଯଥାରେ ଦୁର୍ଘଟଣା ସହ ଟ୍ରାଫିକ ଭିଡ଼ ବଢୁଛି ।



ଡ୍ରାଇଭରମାନେ ଥରେ ଲେନ୍ ଡ୍ରାଇଭିଂରେ ଅଭ୍ୟସ୍ତ ହୋଇଗଲେ, ଦୁର୍ଘଟଣା କମିବା ସମ୍ଭାବନା ରହିଛି। ଆଚାର୍ଯ୍ୟବିହାର, କିଟ୍ ଛକରେ ଲାଗୁ ହୋଇଛି । ଆଗାମୀ ଦିନରେ ନାଲ୍କୋ ଛକ, ଏଜି ଛକ, ରାମ ମନ୍ଦିର ଭଳି କିଛି ଗୁରୁତ୍ୱପୂର୍ଣ୍ଣ ଛକରେ ଏନେଇ ଲେନ୍ ଡ୍ରାଇଭିଂର ବ୍ୟବସ୍ଥା କରାଯିବ । ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦଙ୍କ କହିବା ମୁତାବକ, ତତ୍କାଳୀନ ଟ୍ରାଫିକ୍ ଡିସିପି ତଥା ଖୋର୍ଦ୍ଧା ଏସ୍ପି ସାଗରିକା ନାଥ ୨୦୨୦ ମସିହାରେ ପ୍ରଥମଥର ପାଇଁ ଲେନ୍ ଡ୍ରାଇଭିଂ ବ୍ୟବସ୍ଥା ଆପଣାଇଥିଲେ । ୧୬ନଂ ଜାତୀୟ ରାଜପଥ (ଏନଏଚ୍)ର ରସୁଲଗଡ଼ରୁ ଫୁଲନଖରା ଯାଏଁ ଲେନ୍ ଡ୍ରାଇଭିଂ ଆରମ୍ଭ ହୋଇଥିଲା । ଗାଡ଼ିର ବେଗ ଓ ତଦନୁସାରେ ଲେନ୍ ସମ୍ପର୍କରେ ସବିଶେଷ ତଥ୍ୟ ବଡ଼ ହୋର୍ଡିଂ ଜରିଆରେ ଗାଡ଼ି ଚାଳକଙ୍କୁ ଜଣାଯାଉଥିଲା । କିନ୍ତୁ ଶ୍ରୀମତୀ ନାଥ ଟ୍ରାଫିକ୍ ଡିସିପି ଦାୟିତ୍ୱ ଛାଡ଼ିବା ପରେ ଲେନ୍ ଡ୍ରାଇଭିଂ ଉଭେଇ ଗଲା । ଖାଲି ସହର ଭିତରେ ନୁହେଁ, ସମସ୍ତ ଏନଏଚ୍ ଓ ରାଜ୍ୟ ରାଜପଥ (ଏସ୍ଏଚ୍)ରେ ଏହି ଲେନ୍ ବ୍ୟବସ୍ଥା ଲାଗୁ ହେଉ। କାହିଁକି ନା, ଦ୍ରୁତଗାମୀ ଗାଡ଼ି ରାଜପଥରେ ମନଇଚ୍ଛା ଅନ୍ୟ ଗାଡ଼ିକୁ ଓଭରଟେକ୍ କରୁଛି । ଦୁର୍ଘଟଣାର କାରଣ ପାଲଟୁଛି । ଗୋଟିଏ ରାସ୍ତାରେ ପିକ୍ ପିରିଅଡରେ କେତେ ଗାଡ଼ି ଯାଉଛି, ସେନେଇ ସର୍ଭେ କରାଯାଉ । ଜାତୀୟ ସଡ଼କ ସୁରକ୍ଷା ପରିଷଦ ପୂର୍ବତନ ସଦସ୍ୟ ସୟେଦ ମକବୁଲ ଅଲ୍ଲୀ କହିଛନ୍ତି, ଗାଡ଼ିର ବେଗ ଅନୁସାରେ ସମସ୍ତ ଏନ୍ଏଚ୍ ଓ ଏସ୍ଏଚ୍ରେ ଲେନ୍ ଡ୍ରାଇଭିଂ ବାବଦରେ ନିର୍ଦ୍ଦିଷ୍ଟ ନିୟମ ଅଛି । ରାସ୍ତାର ଡିଭାଇଡରକୁ ଲାଗିକି ଥିବା ପ୍ରଥମ ଲେନ୍ (ଦକ୍ଷିଣ ପାର୍ଶ୍ୱ)ରେ ଦ୍ରୁତଗାମୀ ଗାଡ଼ି (ଅତି ବେଶୀରେ ଘଣ୍ଟା ପ୍ରତି ୮୦ କିମି) ଯା' ଆସ କରିବା ଉଚିତ୍ । ମଝି ଲେନ୍ରେ ମଧ୍ୟମ ବେଗରେ ଯାଉଥିବା ଗାଡ଼ି (ଘଣ୍ଟା ପ୍ରତି ୫୦/୬୦ କିମି) ଯିବା ଦରକାର । ବସ୍, ଟ୍ରକ, ହାଇୱା ଭଳି ଭାରୀଯାନଗୁଡ଼ିକ ପାଇଁ ଏହି ଲେନ୍ ଉଦ୍ଦିଷ୍ଟ। ରାସ୍ତାକଡ଼ରେ ଥିବା ଲେନ୍(ବାମପାର୍ଶ୍ୱ)ରେ କମ୍ ବେଗ (ଘଣ୍ଟା ପ୍ରତି ୪୦ କିମ୍ବା ତା'ଠୁ କମ୍) ଥିବା ଗାଡ଼ି ଯାଇପାରିବ। କୌଣସି ଗାଡ଼ିର ଅବସ୍ଥା ଖରାପ ଥିଲେ, କିମ୍ବା ପୁରୁଣା ଗାଡ଼ି ପାଇଁ ଏହି ଲେନ୍ ଉଦ୍ଦିଷ୍ଟ । ଯଦି ଗାଡ଼ିଟି ଚାଲୁଥିବା ବେଳେ ବ୍ରେକ୍ ଡାଉନ୍ ହୋଇଗଲା, ତେବେ ରାସ୍ତାକଡ଼କୁ ସହଜରେ ଯାଇ ପାର୍କିଂ କରିପାରିବ । ସେହିପରି ଏନ୍ଏଚ୍ରେ ଚତୁର୍ଥ ଲେନ୍ ମଧ୍ୟ ଅଛି । ଯାହାକୁ 'ରାସ୍ତାର କାନ୍ଧ' କୁହାଯାଏ । ରାସ୍ତାକଡ଼ରୁ ୬ ଫୁଟ୍ ଯାଏଁ ଲମ୍ବିଥିବା ଏହି ଲେନ୍ଟି ସାଧାରଣତଃ ଫାଙ୍କା ରହିଥାଏ । କୌଣସି ଜରୁରୀକାଳୀନ ଗାଡ଼ି କିମ୍ବା ବ୍ରେକ୍ ଡାଉନ୍ ହୋଇଥିବା ଗାଡ଼ିକୁ ଉକ୍ତ ଲେନ୍ରେ ପାର୍କିଂ କରାଯାଇ ପାରିବ । ଏନ୍ଏଚ୍ରେ ଟ୍ରାଫିକ୍ ଭିଡ଼ ବଢ଼ିଲେ, ଉକ୍ତ ଲେନ୍ରେ ଗାଡ଼ି ଯାଇପାରିବ।

# ଦିନରେ ସରକାରୀ କାର୍ଯ୍ୟ : ସନ୍ଧ୍ୟାରେ ସମର କୋର୍ସ ପଢ଼ାଉଛନ୍ତି ବିଡିଓ



**ଖଜୁରୀପଡ଼ା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତି । ନିଆରା ଆଭିମୁଖ୍ୟ ପାଇଁ ଏବେ ଚର୍ଚ୍ଚାରେ। ଦିନରେ ନିଜର ସରକାରୀ କାର୍ଯ୍ୟ ପରେ ସନ୍ଧ୍ୟାବେଳେ ପିଲାଙ୍କୁ ପଢ଼ାଇବାକୁ ମନୋନିବେଶ କରିଛନ୍ତି। ସନ୍ଧ୍ୟା ୬ରୁ ୭ ପର୍ଯ୍ୟନ୍ତ ବ୍ଲକର କନ୍ଫରେନ୍ସ ହଲରେ ସମର କୋର୍ସ ଦିଆଯାଉଛି । ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଡାକି ନିଜେ ଶିକ୍ଷାଦାନ କରୁଛନ୍ତି ବିଡିଓ ବାହିନୀପତି । ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକୀୟ ଶିକ୍ଷଣୀୟ ଜ୍ଞାନ ପ୍ରଦାନ କରୁଛନ୍ତି । ବର୍ତ୍ତମାନ ପଞ୍ଚମ ଶ୍ରେଣୀରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ସାଧାରଣଜ୍ଞାନ ଓ ଇଂରାଜୀ କହିବାର ଦକ୍ଷତା ବଢ଼ାଇବା ପାଇଁ ଏକମାସ ବ୍ୟାପୀ ଖରାଦିନିଆ କୋର୍ସ ଚଳାଇଛନ୍ତି । କେବଳ ଏତିକି ନୁହେଁ, ଛାତ୍ରଛାତ୍ରୀଙ୍କୁ ଭେଟି ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ସହିତ ବିଭିନ୍ନ ଆବାସିକ ବିଦ୍ୟାଳୟକୁ ଯାଇ ଶୃଙ୍ଖଳା ଓ ନୀତି ଆଦର୍ଶ ଉପରେ ମାର୍ଗଦର୍ଶନ ଦେଉଛନ୍ତି । ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଇ ବ୍ୟକ୍ତିଗତ ଭାବେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଭେଟି ଭଲ ପଢ଼ିବା ପାଇଁ ବୁଝାଇବା ସହ ଭବିଷ୍ୟତରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିଭଳି ଭାଗ ନେଇ ସଫଳ ହେବେ ସେନେଇ ମଧ୍ୟ ଟିପ୍ସ୍ ଦେଉଛନ୍ତି । ବିଡିଓଙ୍କ ଏଭଳି ଶିକ୍ଷାଦାନ କାର୍ଯ୍ୟ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମହଲରେ ବେଶ ଆଦୃତ ହୋଇଛି । ଏହାଦ୍ୱାରା ତାଙ୍କର ସରକାରୀ କାର୍ଯ୍ୟ ବ୍ୟାଘାତ ହେଉ ନଥିବା ସେ କହିଛନ୍ତି। ବିଡିଓ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ସାଧାରଣ ଲୋକଙ୍କ ସହ ସମସ୍ୟା ବିଷୟରେ ଆଲୋଚନା କରୁଛନ୍ତି। ଛୁଟି ଦିନରେ ମଧ୍ୟ ସରକାରୀ କାମ କରୁଥିବା ଦେଖିବାକୁ ମିଳୁଛି । ମୁଁ କନ୍ଧମାଳର ବାସିନ୍ଦା, ତେଣୁ ଜିଲ୍ଲାର ସମସ୍ୟା ମୁଁ ଜାଣିଛି । ଗରିବ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବା ପାଇଁ ମୁଁ ଉଦ୍ୟମ କରୁଛି ବୋଲି ବିଡିଓ କହିଛନ୍ତି।

# କ୍ୟାପିଟାଲ୍ ହସ୍ପିଟାଲ୍: ସାଢ଼େ ୩ ମାସର ଶିଶୁ ହୃତ୍ପିଣ୍ଡରେ ଅସ୍ତ୍ରୋପଚାର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କ୍ୟାପିଟାଲ ହସ୍ପିଟାଲରେ ପୁଣି ଏକ ବିରଳ ଓ ଜଟିଳ ଅସ୍ତ୍ରୋପଚାର କରାଯାଇଛି । ଅପପୁଷ୍ଟି ରୋଗରେ ପୀଡ଼ିତ ସାଢ଼େ ୩ ମାସ ଶିଶୁ ପୁତ୍ରର ହୃତ୍ପିଣ୍ଡରେ ଥିବା ଏକ କଣାକୁ ସଫଳ ଭାବେ ଅସ୍ତ୍ରୋପଚାର କରାଯାଇଛି। ଶିଶୁ ବିଭାଗ, ନିଶ୍ଚେତକ ବିଭାଗ ଓ ହୃଦ୍ରୋଗ ବିଭାଗ ଡାକ୍ତର ମିଳିତ ଭାବେ ଏହି ଅସ୍ତ୍ରୋପଚାର କରିଥିଲେ। ଶିଶୁଟି ଏବେ ସୁସ୍ଥ ଥିବା ବେଳେ ଶିଶୁ ବିଭାଗର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସୂଚନାଅନୁସାରେ କିଛି ଦିନ ତଳେ ନୟାଗଡ଼ର ଜଣେ ତିନି ମାସର ଶିଶୁ ୪ ଦିନ ହେବ କାଶ ଓ କଫରେ ପୀଡ଼ିତ ହୋଇ କ୍ୟାପିଟାଲ ହସ୍ପିଟାଲର ଶିଶୁ ବିଭାଗରେ ଭର୍ତ୍ତି ହୋଇଥିଲେ। ଶିଶୁଟି ଅପପୁଷ୍ଟି ଓ ନିମୋନିଆ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଶିଶୁର ଓଜନ ମାତ୍ର ୩.୫ କେଜି ରହିଥିଲା। ଶିଶୁ ବିଭାଗ ଡାକ୍ତର ପରୀକ୍ଷା କରିବା ପରେ ଶିଶୁର ହୃତ୍ପିଣ୍ଡରେ ଏକ ୮ ମିଲିମିଟର ଛିଦ୍ର ରହିଥିବା ଦେଖାଯାଇଥିଲା। ଏହା ଏକ ଜଟିଳ ଅସ୍ତ୍ରୋପଚାର ଥିବାରୁ ହସ୍ପିଟାଲ ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିଲା। ହୃଦ୍ରୋଗ ବିଭାଗ ମୁଖ୍ୟ ଡାକ୍ତର ପିକେ ଦାଶଙ୍କ ନେତୃତ୍ୱରେ ଏହି ଦଳ ସତର୍କତାର ସହିତ ଏହି ଜଟିଳ ଅସ୍ତ୍ରୋପଚାରକୁ ସଫଳ କରିଥିଲେ। କିଛି ଦିନ ପରେ ଶିଶୁର ଆଉ ଏକ ସାଧାରଣ ଅସ୍ତ୍ରୋପଚାର ହେବାକୁ ଥିବା ଡାକ୍ତର ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ବାହାର ହସ୍ପିଟାଲକୁ ରେଫର କରାଯାଉଥିଲା। କିନ୍ତୁ ଏବେ ସରକାର ଉନ୍ନତ ଯନ୍ତ୍ରପାତି ଯୋଗାଇ ଦେଉଥିବାରୁ ଏହା ସହାୟତାରେ ଏଭଳି ଜଟିଳ ଅସ୍ତ୍ରୋପଚାର କ୍ୟାପିଟାଲ ହସ୍ପିଟାଲରେ ସମ୍ଭବ ହୋଇପାରିଲା ବୋଲି ଡାକ୍ତରୀ ଦଳ କହିଛି। ଏହି ଡାକ୍ତରୀ ଟିମରେ ନିଶ୍ଚେତକ ବିଭାଗ ମୁଖ୍ୟ ପ୍ରଫେସର ନିବେଦିତା ପାଣି, ପ୍ରଫେସର ରବି କୁମାର, ଶିଶୁ ବିଭାଗ ମୁଖ୍ୟ ପ୍ରଫେସର ଲିନା ଦାସ, ପ୍ରଫେସର ଆଶା ପ୍ରକାଶ ମହାପାତ୍ରଙ୍କ ସମେତ ନର୍ସିଂ ଓ କ୍ୟାଥ୍ଲ୍ୟାବ୍ ଟେକ୍ନିସିଆନ ପ୍ରମୁଖ ସାମିଲ ଥିଲେ।

# କଂକ୍ରିଟ୍ରେ ଅବରୁଦ୍ଧ ରାଜଧାନୀର ଅନ୍ତିମ ପ୍ରାକୃତିକ ଜଳଉତ୍ସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେଦାରଗୌରୀ କୁଣ୍ଡ ଭଳି ପ୍ରଦୂଷଣର କରାଳ ଦୁର୍ଦ୍ଦଶା ଭୋଗିବାକୁ ଯାଉଛି ପ୍ରାଚୀନ ଗଙ୍ଗାଯମୁନା କୁଣ୍ଡ ଓ ଗୁଆଝରେ। ରାଜଧାନୀର ଅନ୍ତିମ ପ୍ରାକୃତିକ ଏହି ସ୍ୱଚ୍ଛ ଜଳଧାରାଦ୍ୱୟ ମଳମୂତ୍ରର କୁଣ୍ଡ ପାଲଟିବାକୁ ଯାଉଛି। କାରଣ ଏହି ଐତିହ୍ୟସ୍ଥଳୀକୁ ଲଗାଇ ବିନା ଅନୁମତିରେ ଅନେକ ଅଟ୍ଟାଳିକା ଗୋଟିଏ ପରେ ଗୋଟିଏ ଠିଆ ହେବାରେ ଲାଗିଛି। ସେଥିରୁ ବାହାରୁଥିବା ମଳମୂତ୍ର କୁଣ୍ଡରେ ମିଶିଲାଣି। ବିଷାକ୍ତ ଜୀବାଣୁ ପାଣିର ରଙ୍ଗ ବଦଳାଇ ଦେଲେଣି। ଏକାମ୍ର ଐତିହ୍ୟର ଅନ୍ୟତମ ସୁନ୍ଦର ନିଦର୍ଶନ ପ୍ରାଚୀନ ଗଙ୍ଗେଶ୍ୱର-ଯମୁନେଶ୍ୱର ମନ୍ଦିର। ଏହି ମନ୍ଦିର ପରିସରରେ ପ୍ରାକୃତିକ ଅନ୍ତଃସ୍ରୋତରେ ପରିପୂର୍ଣ୍ଣ ଗଙ୍ଗାଯମୁନା କୁଣ୍ଡ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ଶ୍ରୀଲିଙ୍ଗରାଜ ମନ୍ଦିର ଠାରୁ ଏହି ମନ୍ଦିର ପ୍ରାୟ ୧୫୦ ମିଟର, ଦେବୀ ପାଦହରା (ସହସ୍ର ଲିଙ୍ଗମ୍) ଠାରୁ ୫୦ ମିଟର ଓ ଅନନ୍ତ ବାସୁଦେବ ମନ୍ଦିର ଠାରୁ ୮୦ ମିଟର ନିକଟରେ ଅବସ୍ଥିତ। ପର୍ଯ୍ୟଟକଙ୍କ ଅବଲୋକନ ନିମନ୍ତେ ଏକାମ୍ର ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହାର ଚାରିପଟେ ଥିବା କୋଠାବାଡ଼ି ଅଧିଗ୍ରହଣ କରାଯାଇଥିଲା। ଖୋଦ୍ ବିଏମ୍ସି ଉକ୍ତ କୋଠାବାଡ଼ିକୁ ଭାଙ୍ଗି ପାରିପାର୍ଶ୍ୱିକ ଅଞ୍ଚଳକୁ ସୁନ୍ଦର



ଭାବେ ସଜାଡ଼ିଥିଲା । ଫଳରେ ଏହି ଐତିହ୍ୟ ପର୍ଯ୍ୟଟକଙ୍କ ନଜରକୁ ଆସିଥିଲା। ହେଲେ, ଏକାମ୍ର ଯୋଜନା ଏବେ ଦିଗହରା ଭଳି ପ୍ରତୀୟମାନ । ଦେଖିବାକୁ ମିଳିଲାଣି ଏହି ଐତିହ୍ୟ ଚାରିପଟେ ଏକାଧିକ ନୂଆ କୋଠାବାଡ଼ି ନିର୍ମାଣ ହେବାରେ ଲାଗିଛି । ପ୍ରାକୃତିକ ଝରର ନିଷ୍କାସନ ପ୍ରଣାଳୀରେ କଂକ୍ରିଟର ଯାବ ଦିଆଯାଉଛି । କାଳକ୍ରମେ ତାହା କୋଠାବାଡ଼ିରୁ ନିର୍ଗତ ବର୍ଜ୍ୟଜଳର ପ୍ରବାହ ପାଲଟିଛି । ସବୁଠାରୁ ବଡ଼ କଥା ହେଲା ଗଙ୍ଗାଯମୁନା ନିକଟସ୍ଥ ଏକ କୋଠାକୁ ଭାଙ୍ଗିଦେବା ଲାଗି ଓଡିଏ(ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ)ଙ୍କ ଅଦାଲତଙ୍କ ନିକଟରେ ମାମଲା ନଂ-୧୨୭ ଆଗତ ହୋଇଥିଲା । ବିଚାରପତି ଉକ୍ତ କୋଠାକୁ ଭାଙ୍ଗିଦେଇ ତୁରନ୍ତ ରିପୋର୍ଟ କରିବା ଲାଗି ୨୦୨୪ ଜାନୁଆରୀ ୪ ତାରିଖରେ ବିଏମ୍ସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ କାର୍ଯ୍ୟାନୁଷ୍ଠାନ ପ୍ରଭାବଶାଳୀଙ୍କ ଚାପରେ ଚାପି ହୋଇ ରହିଯାଇଛି । ଫଳରେ ଏହି ଐତିହ୍ୟକ୍ଷେତ୍ରକୁ ଲଗାଇ ଆହୁରି ଅନେକ କୋଠା ବିନା ପ୍ଲାନ୍ ମଞ୍ଜୁରିରେ ବେଆଇନ ଆଉ ନିରଙ୍କୁଶ ଭାବେ ଗଢ଼ି ଉଠିବାରେ ଲାଗିଛି । ଗୁଆଝରର ଅବସ୍ଥା ଆହୁରି ଦୟନୀୟ। କେଦାରଗୌରୀ ମନ୍ଦିର ନିକଟସ୍ଥ ଏହି ଝର ଦିନେ ନିଜର ସ୍ୱଚ୍ଛତା ପାଇଁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିଥିଲା । ହେଲେ ବର୍ତ୍ତମାନ ଏହି ଝର ପରିସରକୁ ଆବୋରି ନେଇଛି କଂକ୍ରିଟ । ଅନେକ ଅବ୍ୟବସ୍ଥିତ ବେଆଇନ ନିର୍ମାଣ ଏହି ଝରକୁ ଘେରାବନ୍ଦୀ କରି ସାରିଲାଣି । ଉକ୍ତ କୋଠାବାଡ଼ିରୁ ନିର୍ଗତ ବର୍ଜ୍ୟଜଳ ସିଧାସଳଖ ଗୁଆଝର ପୁଷ୍କରିଣୀରେ ମିଶୁଛି । କେଦାରଗୌରୀ ମନ୍ଦିର ପରିସରରେ ଥିବା କୁଣ୍ଡ ଗୁଡ଼ିକ ଘୋର ପ୍ରଦୂଷଣ ଯୋଗୁ ଯେପରି ବ୍ୟବହାର ଅଯୋଗ୍ୟ ହୋଇପଡ଼ିଛି, ସେହିଭଳି ଅବସ୍ଥାରେ ଗୁଆଝର ପହଞ୍ଚିବାକୁ ଆଉ ବେଶୀ ଦୂର ନୁହେଁ । ଏକାମ୍ର ଐତିହ୍ୟର ଶୋଭା ମଣ୍ଡନ କରୁଥିବା ଏହି ୨ ଐତିହ୍ୟସ୍ଥଳକୁ ବଞ୍ଚାଇବା ଲାଗି ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରଚେଷ୍ଟା ଚଳାଇଛନ୍ତି । ଭାରତୀୟ ପ୍ରତ୍ନତତ୍ତ୍ୱ ଆଇନକୁ ଏହି ନିର୍ମାଣ ଗୁଡ଼ିକ ବିରୁଦ୍ଧାଚରଣ କରୁଥିବାରୁ ଏହାକୁ ହଟାଇବା ଲାଗି ବିଭାଗୀୟ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ଙ୍କୁ ଦାବିପତ୍ର ଜରିଆରେ ଜଣାଇଛନ୍ତି । ସ୍ୱେଚ୍ଛାସେବୀ ସଂଗଠନ ଏକାମ୍ର ଜନ ଜାଗରଣ ମଞ୍ଚ ନେତୃତ୍ୱରେ ସ୍ଥାନୀୟ ଲୋକଙ୍କ ଏକ ପ୍ରତିନିଧି ମଣ୍ଡଳି ବିଏମ୍ସି କମିଶନରଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ହସ୍ତାକ୍ଷର ସମ୍ବଳିତ ଏକ ଦାବିପତ୍ର ଦେଇ ଉକ୍ତ ବେଆଇନ ନିର୍ମାଣ ହଟାଇ ଏକାମ୍ର ଯୋଜନାର ମାନ ରକ୍ଷା କରିବାକୁ ନିବେଦନ କରିଛନ୍ତି ।

## ଅବୈଧ ପ୍ରବାସୀଙ୍କ ଉପରେ ଟ୍ରମ୍ପଙ୍କ ଆଉ ଏକ ଆକ୍ରମଣ

# ଆମେରିକା ନଛାଡ଼ିଲେ ଦେବେ କୋଟି କୋଟି ଟଙ୍କାର ଜରିମାନା

**ୱାଶିଂଟନ :**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ୟ ଥର ପଦ ଭାର ନେବା ପରେ ପୂରା ଆକ୍ରମଣ ମୁଡ୍ରେ। ସେ 'ଆମେରିକା ଫାର୍ଷ୍ଟ' ର ନୀତିକୁ ଆପଣାଇ ଅବୈଧ ପ୍ରବାସୀଙ୍କୁ ଦେଶରୁ ତଡ଼ିବା ପାଇଁ ଦୃଢ ପଦକ୍ଷେପ ନେଇଛନ୍ତି। ଟ୍ରମ୍ପ ପ୍ରଶାସନ କେବଳ ହଜାର ହଜାର ପ୍ରବାସୀଙ୍କୁ ସେନା ବିମାନରେ ଡିପୋର୍ଟ କରିନାହାନ୍ତି , ବରଂ ଦେଶରେ ତାଙ୍କ ଉପରେ କଡ଼ା ନଜର ରଖାଯାଇଛି। ଏହି ମଧ୍ୟରେ ଏମିତି ଖବର ଆସିଛି ଯେ, ଟ୍ରମ୍ପ ଖୁବ୍ ଶୀଘ୍ର ପ୍ରବାସୀଙ୍କୁ ନେଇ ଆଉ ଏକ ବଡ଼ ଘୋଷଣା କରି ପାରନ୍ତି। ରୟଟର୍ସର ଏକ ରିପୋର୍ଟ ମୁତାବିକ , ଆମେରିକା ସରକାର ଡିପୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ଆମେରିକା ଛାଡି ନଥିବା ଲୋକଙ୍କ ଉପରେ ଜୋରିମନା ଲଗାଇବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ରୟଟର୍ସ ଦ୍ୱାରା ସମୀକ୍ଷା କରାଯାଇ ଥିବା କାଗଜପତ୍ର ମୁତାବିକ ଟ୍ରମ୍ପ ପ୍ରଶାସନ ନିର୍ବାସନ ନିର୍ଦ୍ଦେଶ ଅନୁସାରେ , ପ୍ରବାସୀଙ୍କ ଉପରେ ପ୍ରତିଦିନ ୯୯୮ ଡଲାର ପର୍ଯ୍ୟନ୍ତ ଜୋରିମନା ଲଗାଇବାକୁ ଯୋଜନା କରୁଛନ୍ତି। ଏହି ମୁତାବିକ ଯଦି ପ୍ରବାସୀ, ନିର୍ଦ୍ଦିଷ୍ଟ ସମୟ ସୀମା ଯାଏ ଆମେରିକା ଛାଡ଼ିବାରେ ବିଫଳ ରହନ୍ତି ତ ଦେୟ ନଦେଲେ ତାଙ୍କର ସଂପତ୍ତି ମଧ୍ୟ ଜବତ କରି ନିଆଯିବ। ରିପୋର୍ଟରେ କୁହାଯାଉଛି ଯେ, ଏହି ନିଷ୍ପତ୍ତିକୁ ବାସ୍ତବ ରୂପ ଦେବା ପାଇଁ ଟ୍ରମ୍ପ ୧୯୯୬ର ଏକ ଆଇନର ସାହାଯ୍ୟ ନେଇ ପାରନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ଜଣେ ବରିଷ୍ଠ ଅଧିକାରୀ ଏହି ଯୋଜନା ଗୁଡ଼ିକ ଉପରେ ଆଲୋଚନା କରିବା ପାଇଁ ନାଁ ଗୋପନ ରଖିବା ସର୍ତ୍ତରେ କହିଛନ୍ତି କି, ଟ୍ରମ୍ପ ପ୍ରଶାସନ ଏହି ଜୋରିମନା ୫ ବର୍ଷ ପର୍ଯ୍ୟନ୍ତ ପିଛିଲା ଭାବରେ ଲାଗୁ କରି ପାରନ୍ତି। ଯଦି ଏହି ଯୋଜନା କାର୍ଯ୍ୟକାରୀ ହୁଏ , ତେବେ ପ୍ରବାସୀମାନଅଙ୍କୁ ୧ନିୟୁତ ଡଲାରରୁ ଅଧିକ ଜୋରିମନା ହୋଇପାରେ। ଏଥି ସହ ଜଡ଼ିତ ପ୍ରଶ୍ନର ଜବାବରେ ୟୁଏସ୍ ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ପ୍ରବକ୍ତା ଟ୍ରିସିଆ ମ୍ୟାକଲାଘଲିନ ଏକ ବୟାନରେ ଅବୈଧ ରୂପେ ରହୁଥିବା ପ୍ରବାସୀଙ୍କୁ ସେଲଫ୍ ଡିପୋର୍ଟ (ଆତ୍ମ ନିର୍ବାସନ) ଓ ଦେଶ ଛାଡ଼ିବା ପାଇଁ ଏକ ମୋବାଇଲ ଆପ୍ର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ମ୍ୟାକଲାଘଲିନ ଆହୁରି କହିଛନ୍ତି, ଯଦି ସେ ଏମିତି ନକରନ୍ତି ତ ତାଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ । ତାଙ୍କୁ ପ୍ରତିଦିନ ୯୯୮ ଡଲାରର ଜୋରିମନା ଭରିବାକୁ ହେବ। ବିଭାଗ ୩୧ ମାର୍ଚ୍ଚରେ ଏକ ସୋସିଆଲ ମିଡ଼ିଆ ପୋଷ୍ଟରେ ଜୋରିମନାର ଚେତାବନୀ ମଧ୍ୟ ଦେଇଛି।

# ଅସଲିଙ୍କ ନିଦ ହଜାଇଲେଣି ନକଲି ପୁଲିସ: ବର୍ଷକରେ ବନ୍ଧା ହେଲେଣି ୧୫ରୁ ଊର୍ଦ୍ଧ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେହରେ ଅସଲି ପୋଷାକ ହାତରେ ବାଡ଼ି, ଅଣ୍ଟାରେ ବନ୍ଧୁକ ସାଙ୍ଗରେ ପରିଚୟପତ୍ର। ବେଶପୋଷାକ ସାଙ୍ଗକୁ କଥାବାର୍ତ୍ତା ସହଜରେ ନକଲି ବୋଲି ଠଉରେଇବା କାଠିକର ପାଠ। ରାଜଧାନୀ ରାସ୍ତାଘାଟରେ ଏମିତି ଅସଲି ପୁଲିସ ବେଶରେ ବୁଲୁଛନ୍ତି ମାଲ ମାଲ ନକଲି ପୁଲିସ। କାହାକୁ ଚାକିରି ଦେବାକୁ କହି ତ କାହାକୁ ମାମଲାରେ ରଫାଦଫା କରାଇଦେବାର ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କାର ଚୂନ ଲଗାଇଲେଣି। ପୁଣି କେଉଁଠି ଚେକିଂ ବ୍ଲକିଂ କରି ଜରିମାନା ଆଦାୟ କଲେଣି ତ ଆଉ କେଉଁଠି ଲୁଟ୍ ଓ ଜାଲ୍ ନୋଟ୍ କାରବାରରେ ଲିପ୍ତ ହେଉଛନ୍ତି। ରାଜଧାନୀରେ ଏଭଳି ଗୋଟିଏ ପରେ ଗୋଟିଏ ନକଲି ପୁଲିସ ଗ୍ୟାଙ୍ଗ୍ ମୁଣ୍ଡ ଟେକିବା ଫଳରେ କମିସନରେଟ୍ ପୁଲିସର ନିଦ ହଜିଯାଇଛି। ବର୍ଷକ ମଧ୍ୟରେ ପୁଲିସ ୧୫ରୁ ଊର୍ଦ୍ଧ୍ୱ ନକଲି ପୁଲିସକୁ ଗିରଫ



କରିଥିବା ବେଳେ ଏବେ ବି ଅନେକ ସକ୍ରିୟ ଅଛନ୍ତି। ଗତ ମାର୍ଚ୍ଚ ୨୪ ତାରିଖରେ ଏକ ନକଲି ପୁଲିସ ରାକେଟ୍ର ପର୍ଦ୍ଦାଫାସ୍ ହୋଇଥିଲା। ଯେଉଁଥିରେ ରାକେଟ୍ର ମାଷ୍ଟରମାଇଣ୍ଡ୍ ତଥା ନକଲି ଏସିପି ମାନସ ରଂଜନ ସେନାପତି ଓ ସହଯୋଗୀ ତଥା ନକଲି କନେଷ୍ଟବଳ ଆଶିଷ କୁମାର ସ୍ୱାଇଁକୁ ପୁଲିସ୍ ଗିରଫ କରିଥିଲା। ମାନସ ପୁଲିସ କଣ୍ଟ୍ରୋଲ୍ ରୁମ୍ରେ ବସିବାର ଫଟୋକୁ ସୋସିଆଲ୍ ମିଡିଆରେ ଛାଡ଼ି ଲୋକଙ୍କ ଆସ୍ଥାଭାଜନ ହେଉଥିଲା। ଆଉ ପୁଲିସ ପରିଚୟ ଦେଇ ଚେକିଂ ବ୍ଲକିଂ କରି ଲୋକଙ୍କଠୁ ଜରିମାନା ଆଦାୟ କରୁଥିଲା। ଖାଲି ଏତିକି ନୁହେଁ ଚାକିରି କରାଇ ଦେବା ନାଁରେ ଲୋକଙ୍କଠୁ ଲକ୍ଷ ଲକ୍ଷ ଟଙ୍କା ଚୂନ ଲଗାଇବା ସହ ଜାଲ୍ ନୋଟ୍ କାରବାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ତାଠାରୁ ଲକ୍ଷାଧିକ ଟଙ୍କାର ନକଲି ନୋଟ୍ ମଧ୍ୟ ଜବତ କରାଯାଇଥିଲା। ସକାଳେ ସନ୍ଧ୍ୟାରେ ଚାଲୁଥିବା ମହିଳା ଓ ବୟସ୍କ ଲୋକଙ୍କୁ ଏମାନେ ଟାର୍ଗେଟ୍ କରନ୍ତି। ସେମାନଙ୍କୁ ପୁଲିସ ପରିଚୟ ଦେଇ ସହରରେ ବଢୁଥିବା ଲୁଟ୍ପାଟ ବାବଦରେ ସଚେତନ କରାନ୍ତି। ସଚେତନତା ଆଳରେ କାଗଜପୁଡ଼ିଆରେ ସୁନାଗହଣା ଗୁଡ଼ାଇବା ବେଳେ ହାତ ସଫେଇ କୌଶଳରେ ଅସଲି ଗହଣାକୁ ନେଇ ନକଲି ଗହଣା ଧରାଇ ଚମ୍ପଟ ମାରନ୍ତି। ପୁଲିସ ବେଶରେ ରାଜଧାନୀରେ ଲୁଟ୍ତରାଜ ଚଳାଇ ଆସିଥିବା ୭ ଜଣିଆ ଲୁଟେରା ଗ୍ୟାଙ୍ଗ୍କୁ କମିସନରେଟ୍ ପୁଲିସ୍ ଗତ ୨୦୨୪ ମସିହା ଏପ୍ରିଲ୍ ୨୨ ତାରିଖରେ ଗିରଫ ପରେ ଗ୍ୟାଙ୍ଗ୍ର ଗୁମର ଖୋଲିଥିଲା। ଗ୍ୟାଙ୍ଗ୍ ମୁଖିଆ ସଦାକ୍ ହୁସେନ୍, ସବିର ଅଲ୍ଲୀ, ହାସନ୍ ଅଲ୍ଲୀ, ରାଜେନ୍ଦ୍ର କୁମାର କୁଶଓ୍ୱାହା, ଫୟାଜ୍ ହୁସେନ୍, ଆବୁଜାର ଅଲ୍ଲୀ ଓ ଜାହିର ଅଲ୍ଲୀଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା। ଏହି ଗ୍ୟାଙ୍ଗ ରାଜଧାନୀରେ ୩ମାସ ଆତଙ୍କ ଖେଳାଇଥିଲା। ୩ମାସ ମଧ୍ୟରେ ରାଜଧାନୀରୁ ୧୫ଟି ଲୁଟ୍ପାଟ ପରେ ଶେଷରେ ଧରାପଡ଼ିଥିଲା। ପୁଲିସ ପୋଷାକ ପିନ୍ଧି ନିଜକୁ ଥାନା ବାବୁ ସଜାଇଥିଲା। ଭଡ଼ା ଘରେ ଥାନା ବସାଇ ନିଜର ରୋବାବ୍ ଦେଖାଉଥିଲା। ମାଡ଼ ମାରି ମାମଲା ଫଇସଲା ବି କରୁଥିଲା। ଏପରିକି ସ୍ପେସାଲ ସ୍କ୍ୱାଡ୍ ଗଠନ କରି ଚଢ଼ଉ କରିବାର ଭୟ ଦେଖାଉଥିଲା। ରାଜଧାନୀରେ ପୁଲିସକୁ ଲଣ୍ଡନ ଦେଖାଇଥିବା କେନ୍ଦ୍ରାପଡ଼ା ଆଳି ଅଞ୍ଚଳର ରଞ୍ଜନ ଭୂୟାଁ ନାମକ ଜଣେ ଯୁବକଙ୍କୁ ଏୟାରଫିଲ୍ଡ ଥାନା ପୁଲିସ ୨୦୨୪ ଫେବୃୟାରୀ ମାସରେ ଗିରଫ ପରେ ଘଟଣା ପଦାକୁ ଆସିଥିଲା। ନିଜକୁ ଏୟାରଫିଲ୍ଡ ଥାନା ଆଇଆଇସି ସୁବୋଧ କୁମାର ନାୟକ ବୋଲି ପରିଚୟ ଦେଇ ଜଣେ ଯୁବକଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ପରେ ଏୟାରଫିଲ୍ଡ ଥାନା ପୁଲିସ ତାକୁ ଗିରଫ କରିଥିଲା।

# ରାଜଧାନୀ ହସ୍ପିଟାଲରେ ଓଡ଼ିଆ ଲୋକେ ଉପେକ୍ଷିତ: ଦଲାଲଙ୍କ ଭରସାରେ ରୋଗୀ

**ଖଣ୍ଡଗିରି, ନ୍ୟୁଜ ବ୍ୟୁରୋ**

ଗୁଣାତ୍ମକ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱରକୁ ପ୍ରତିଦିନ ଓଡ଼ିଶା ତଥା ଓଡ଼ିଶା ବାହାରୁ ହଜାର ହଜାର ରୋଗୀ ଆସୁଛନ୍ତି। ହେଲେ ଓପିଡି ଟିକେଟ୍ ଖଣ୍ଡେ ପାଇବା ଲାଗି ଓଡ଼ିଆଙ୍କୁ ଉପେକ୍ଷିତ ହେଉଥିବା ଅଭିଯୋଗ ହେଉଛି। ବାହାର ରାଜ୍ୟର ଲୋକଙ୍କ ତୁଳନାରେ ଓଡ଼ିଆମାନେ ତୁଳନାତ୍ମକ ଭାବେ କମ୍ ଓପିଡି ଟିକେଟ୍ ପାଉଛନ୍ତି। ବିଶେଷକରି ପଶ୍ଚିମବଙ୍ଗର ଏମ୍ସ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନଥିବାରୁ ବହୁ ସଂଖ୍ୟକ ବଙ୍ଗାଳୀ ରୋଗୀ ପୂର୍ବ ରାତିରୁ ଆସି ଡେରାପକାଇ ଟିକେଟ୍ ହାତେଇ ନେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଏମ୍ସରେ ପ୍ରତିଦିନ ହାରାହାରି ୩ହଜାର ରୋଗୀଙ୍କ ଲାଗି ଓପିଡି ଟିକେଟ୍ ଉପଲବ୍ଧ ହେଉଛି। ଏଥିମଧ୍ୟରୁ ୨୦ ପ୍ରତିଶତ ଅନ୍ଲାଇନ୍ ବୁକିଂ ପାଇଁ ରହୁଛି। ଅଫ୍ଲାଇନ୍ ଟିକେଟ୍ ବୁକିଂ ପାଇଁ ମହିଳା, ପୁରୁଷ, ବରିଷ୍ଠ ନାଗରିକ ଓ ବିଏସ୍କେୱାଇ ଭଳି ୪ଟି ବର୍ଗରେ ରୋଗୀ ଲାଇନ୍ ଲଗାଉଛନ୍ତି। ତେବେ ଏହି ରୋଗୀଙ୍କ ଭିତରେ ଓଡ଼ିଆ ଲୋକଙ୍କ ସଂଖ୍ୟା ତିନି ଭାଗରୁ ଭାଗେ। ଅର୍ଥାତ୍ ତିନି ହଜାର ରୋଗୀଙ୍କ ମଧ୍ୟରୁ ହଜାରେ ଓଡ଼ିଆ, ଦେଢ଼ହଜାର ବଙ୍ଗାଳୀ ଓ ଅବଶିଷ୍ଟ ରୋଗୀ ଅନ୍ୟ ରାଜ୍ୟମାନଙ୍କରୁ ଆସୁଛନ୍ତି। ଏଥିରୁ ସ୍ପଷ୍ଟ ଯେ ପଶ୍ଚିମବଙ୍ଗର ଲୋକମାନେ ଏମ୍ସ୍ ଭୁବନେଶ୍ୱର ଉପରେ ଅଧିକ ନିର୍ଭରଶୀଳ। ପ୍ରତିଦିନ ରୋଗୀଙ୍କ ସଂଖ୍ୟା ଦେଖି ଓପିଡି ଟିକେଟ୍ ଉପଲବ୍ଧ ହୋଇଥାଏ। ଗେଟ୍ ଖୋଲିବା ମାତ୍ରେ ଦୌଡ଼ି ଯାଇ କିଭଳି ଆଗ ଟିକେଟ୍ ରଖିବେ ସେ ନେଇ ପ୍ରତିଯୋଗିତା ଚାଲୁଛି। ଟିକେଟ୍ ନମିଳିଲେ ଆହୁରି ଦିନଟିଏ ଅପେକ୍ଷା କରିବାକୁ ହେବ। ଏଥିପାଇଁ ଏଠାରେ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଦଲାଲମାନେ ମୁଖ୍ୟତଃ ପଶ୍ଚିମବଙ୍ଗର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଟାର୍ଗେଟ୍ କରି ଚଢ଼ା ଦରରେ ଓପିଡି ଟିକେଟ୍ ଯୋଗାଉଛନ୍ତି। ଲମ୍ବା ଲାଇନ୍ ଲଗାଇବା ଅପେକ୍ଷା ଦଲାଲଙ୍କୁ ହାତ କରି ସୁବିଧାରେ ଟିକେଟ୍ ପାଇବା ପାଇଁ ୧୦ଟଙ୍କିଆ ଟିକେଟ୍ର ଦାମ୍ ଏକ ହଜାର ଟଙ୍କାରେ ପହଞ୍ଚିଛି। ଆଜି ବୌଦ୍ଧ ଜିଲ୍ଲାରୁ ଆସିଥିବା ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ କହିଛନ୍ତି, ଏଠାରେ ଓଡ଼ିଶାର ରୋଗୀମାନଙ୍କୁ ଅବହେଳା କରାଯାଉଛି। ଭୋର ୪ଟାରୁ ଆସି ଲାଇନ୍ ଲଗାଇଥିଲା ବେଳେ ମେଡିସିନ୍ ଓପିଡି ଟିକେଟ୍ ଶୀଘ୍ର ସରିଯିବାରୁ ହଇରାଣ ହୋଇଛୁ। ପୁଣି ଆଉ ଗୋଟିଏ ଦିନ ଅପେକ୍ଷା କରିବାକୁ ହେବ। ଟିକେଟ୍ ନିମଳିବାରୁ ବାରମ୍ବାର ଯା'ଆସ କରି ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଓପିଡି ଟିକେଟ୍ ବୃଦ୍ଧି କରିବା ସହିତ ଏଥିରେ ଓଡ଼ିଆଙ୍କ ପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟା ସଂରକ୍ଷଣ କରିବାକୁ ସେ ଦାବି କରିଛନ୍ତି। ଅନୁରୂପ ଭାବେ ପଶ୍ଚିମବଙ୍ଗରୁ ନିଜ ଭଉଣୀଙ୍କ ପାଇଁ ଏମ୍ସ ଆସିଥିବା ଦତ୍ତାତ୍ରେୟ ଭଟ୍ଟାଚାର୍ଯ୍ୟ କହିଛନ୍ତି କାର୍ଡିଓଲୋଜିରେ ଏମ୍ସ ଭୁବନେଶ୍ୱରର ନାଁ ଭଲ ରହିଛି। ଏଣୁ ଦୂର ହେଉ ପଛେ ଭଉଣୀଙ୍କ ଚିକିତ୍ସା କରିବାକୁ ଆସିଛି। ଭୁବନେଶ୍ୱରର ଏମ୍ସ ଅଧୀକ୍ଷକ ଦିଲୀପ କୁମାର ପରିଡ଼ା ଏହି ଅଭିଯୋଗକୁ ଖଣ୍ଡନ କରିକହିଛନ୍ତି, ଏମ୍ସ ଏକ ଜାତୀୟ ପ୍ରତିଷ୍ଠାନ ହେତୁ ଓପିଡି ଟିକେଟ୍ ପାଇଁ କାହାକୁ ମନା କରିହେବ ନାହିଁ। ପଶ୍ଚିମବଙ୍ଗରୁ ବହୁ ସଂଖ୍ୟାରେ ରୋଗୀ ଆସୁଛନ୍ତି ସତ, ମାତ୍ର ଓଡ଼ିଆ ରୋଗୀଙ୍କୁ ଚିକିତ୍ସାରେ କୌଣସି ପ୍ରକାର ଅବହେଳା କରାଯାଉନାହିଁ। ସଭିଙ୍କୁ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦେବାକୁ ଏମ୍ସ ଭୁବନେଶ୍ୱର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଅପ୍ରେଲ ୨୦୨୫ ବୁଧବାର





# ରାଜଧାନୀରୁ ଚୋରି ଶିଶୁ ବାଲେଶ୍ୱରରୁ ଉଦ୍ଧାର



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାମ ମନ୍ଦିର ସାମ୍ନାରୁ ଦୃଷ୍ଟିବାଧିତ ମା' ଠାରୁ ଚୋରି ହୋଇଥିବା ଦେଢ଼ ବର୍ଷର ଶିଶୁ ପୁତ୍ରକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜଣାଯାଇଛି । ରାଜଧାନୀରୁ ଚୋରି ଶିଶୁକୁ ବାଲେଶ୍ୱରରୁ ଉଦ୍ଧାର କରିଛି କମିସନରେଟ୍ ପୋଲିସ । ଉଦ୍ଧାର ପରେ ତାକୁ ଭୁବନେଶ୍ୱରକୁ ଆଣିଛି ପୋଲିସର ସ୍ୱତନ୍ତ୍ର ଟିମ୍ । ସୂଚନାଯୋଗ୍ୟ, ଅପହରଣକାରୀ ଶିଶୁପୁତ୍ରକୁ ଧରି ଭୁବନେଶ୍ୱର ରେଳଷ୍ଟେସନ୍ ଭିତରକୁ ଯାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା । ଏହି ଆଧାରରେ ପୋଲିସ ଅପହର୍ତ୍ତା ପାଖରେ ପହଞ୍ଚିବାକୁ ୫ଟି ଟିମ୍ ଗଠନ କରି ରାଜ୍ୟ ଓ ରାଜ୍ୟ ବାହାରକୁ ପଠାଇଥିଲା । କୋଲକାତାର, ଖଡ଼ଗପୁର, ହାୱଡ଼ା ସମେତ ରାଜ୍ୟର ବିଭିନ୍ନ ରେଳଷ୍ଟେସନ୍‌କୁ ସିସିଟିଭି ଫୁଟେଜ୍ ପଠାଇ ପୋଲିସ ଅପହର୍ତ୍ତା ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ ଉଦ୍ୟମ ଚଳାଇଥିଲେ । ଏହାବାଦ୍ ଶିଶୁ କଲ୍ୟାଣ ସମିତି ଓ ଚାଇଲ୍ଡ ଲାଇନ୍ ଅଧିକାରୀମାନେ ଥାନାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ଅପରପକ୍ଷେ ଶିଶୁ ପୁତ୍ରଟିକୁ ହରାଇ ଦୃଷ୍ଟିବାଧିତ ମା'ଟି ବିକଳରେ କାନ୍ଦୁଥିବା ଦେଖିବାକୁ ମିଳିଥିଲା । ଶନିବାର କାଳବୈଶାଖୀ ହେବାରୁ ଦୃଷ୍ଟିବାଧିତ ମା' ଆଶ୍ରମକୁ ଫେରି ନପାରି ରାମମନ୍ଦିର ସମ୍ମୁଖରେ ରହିଯାଇଥିଲେ । ରାତି ପ୍ରାୟ ୨ଟା ବେଳେ ଜୁସ୍ ପିଆଇବାକୁ ଦେବ କହି ଶିଶୁଟିକୁ ଅପହରଣକାରୀ ସାଙ୍ଗରେ ନେଇ ଚମ୍ପଟ ମାରିଥିଲା । ପରଦିନ ପୁଅକୁ ନପାଇ ମା' ଖାରବେଳନଗର ଥାନାରେ ଏତଲା ଦେଇଥିଲେ । ତେଣୁ ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ବାଲେଶ୍ୱର, ଭଦ୍ରକ, କଲିକତା ଇତ୍ୟାଦି ସ୍ଥାନକୁ ଯାଇ ତଦନ୍ତ ଚଳାଇଥିଲେ । ଅଭିଯୁକ୍ତ ପାଖରେ ପହଞ୍ଚିବା ପାଇଁ ସ୍ଥାନୀୟ ଭିକ୍ଷୁକ, ବଞ୍ଜାରାମାନଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଛି । ସେହିପରି ଅପହରଣ ସମୟରେ ଷ୍ଟେସନ୍ ଅଞ୍ଚଳରେ ଥିବା ଟାୱାର୍‌ରୁ କେତେ କଲ୍ ହୋଇଛି, ତାହାର ତଥ୍ୟକୁ ମଧ୍ୟ ପୋଲିସ ଯାଞ୍ଚ କରିଥିଲା । ଅପହୃତ ଶିଶୁର ମା' ରହୁଥିବା ଚନ୍ଦ୍ରଶେଖରପୁର କନ୍ୟାଶ୍ରମକୁ ଯାଇ ମଧ୍ୟ ପୋଲିସ ଟିମ୍ ପଚରାଉଚରା କରିଛି । ଏମିତିକି ଦୃଷ୍ଟିବାଧିତ ମହିଳାଙ୍କୁ ଛାଡ଼ି ଦେଇଥିବା ସ୍ୱାମୀଙ୍କୁ ମଧ୍ୟ ପୋଲିସ ତଦନ୍ତ ପରିସରଭୁକ୍ତ କରାଯାଇଥିଲା ।

# ହାଇକୋର୍ଟରେ ମାମଲା ବୃଦ୍ଧି:ଦେଢ଼ ଲକ୍ଷ କେସ୍ ବିଚାରାଧିନ

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟରେ ମାମଲା ବୋଝ ବୃଦ୍ଧି ପାଉଥିବା ବେଳେ ମାମଲା ଫଏସଲା ହାର ମଧ୍ୟ ବିଗତ ଦୁଇବର୍ଷ ତୁଳନାରେ ହ୍ରାସ ପାଇଛି । ୨୦୨୩ ଓ ୨୦୨୪ର ପ୍ରଥମ ତିନି ମାସ ତୁଳନାରେ ଚଳିତ ୨୦୨୫ର ପ୍ରଥମ ତିନି ମାସ ଜାନୁଆରୀ, ଫେବୃୟାରୀ ଓ ମାର୍ଚ୍ଚ ଶେଷ ସୁଦ୍ଧା ମାମଲା ଫଏସଲା ହାର ଅହେତୁକ ହ୍ରାସ ପାଇଛି । ବିଶେଷକରି ବିଗତ ଦୁଇବର୍ଷ ତୁଳନାରେ ଚଳିତ ବର୍ଷର ପ୍ରଥମ ତିନି ମାସରେ କାର୍ଯ୍ୟରତ ବିଚାରପତିଙ୍କ ସଂଖ୍ୟା ମଧ୍ୟ କମିଥିବା ଜଣାପଡ଼ିଛି । ଏହା ଅନେକାଂଶରେ ଫଏସଲା ହାର ହ୍ରାସର କାରଣ ବୋଲି କୁହାଯାଉଛି । ବର୍ତ୍ତମାନ ହାଇକୋର୍ଟରେ ମୋଟ୍ ୩୩ଟି ମଞ୍ଜୁରିପ୍ରାପ୍ତ ବିଚାରପତି ପଦ ଥିବାବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ୍ ୧୯ ଜଣ ବିଚାରପତି ରହିଛନ୍ତି । ଏହା ବିଗତ ତିନି ବର୍ଷ ମଧ୍ୟରେ ସର୍ବନିମ୍ନ । ୨୦୨୩ ଜାନୁଆରୀରେ ୨୨ ଜଣ, ଫେବୃୟାରୀ ଓ ମାର୍ଚ୍ଚରେ ୨୧ଜଣ ବିଚାରପତି କାର୍ଯ୍ୟରତ ଥିଲେ । ଯେଉଁଠି ୨୦୨୪ ଜାନୁଆରୀରେ



୨୦ ଜଣ, ଫେବୃୟାରୀ ଓ ମାର୍ଚ୍ଚରେ ୨୧ ଜଣ ଥିଲେ । ତେବେ ୨୦୨୫ ଜାନୁଆରୀରୁ ଅଦ୍ୟାବଧି ୧୯ ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି । ଏବେବି ୧୪ଟି ବିଚାରପତି ପଦ ଖାଲିପଡ଼ିଛି । ଓଡ଼ିଶା ହାଇକୋର୍ଟରେ ମଞ୍ଜୁରିପ୍ରାପ୍ତ ପଦର ୪୨ ପ୍ରତିଶତ ପଦ ଖାଲିପଡ଼ିଛି । ହାଇକୋର୍ଟର ତଥ୍ୟ ଅନୁସାରେ, ୨୦୨୩ ଜାନୁଆରୀ ୧ରୁ ମାର୍ଚ୍ଚ ୩୧ ମଧ୍ୟରେ ମାମଲା ଫଏସଲା ହାର ଥିଲା ୧୪୬.୭୧ ପ୍ରତିଶତ । ୨୦୨୩ର ପ୍ରଥମ ତିନି ମାସରେ ମୋଟ୍ ୨୪୫୨୭ଟି ମାମଲା ରୁଜୁ ସ୍ଥଳେ ୩୫୮୩୪ଟି ଫଏସଲା ହୋଇଥିଲା । ସେହିଭଳି ୨୦୨୪ର ପ୍ରଥମ ତିନି ମାସରେ ୧୯୮୩୭ଟି ମାମଲା ରୁଜୁ ହୋଇଥିବା ବେଳେ ଫଏସଲା ହୋଇଥିଲା ୨୫୭୮୪ଟି । ଏହି ତିନି ମାସରେ ଫଏସଲା ହାର ରହିଥିଲା ୧୩୩.୨୬ ପ୍ରତିଶତ । ହେଲେ ଚଳିତ ୨୦୨୫ ଜାନୁଆରୀ ପହିଲାରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପ୍ରଥମ ତିନି ମାସ ଅବଧି ମଧ୍ୟରେ ଫଏସଲା ହାର ହ୍ରାସ ପାଇ ୮୪.୯୨ ପ୍ରତିଶତ ରହିଛି । ଏହି ୩ ମାସର ଅବଧି ମଧ୍ୟରେ ମୋଟ୍ ୨୩୧୦୭ଟି ମାମଲା ରୁଜୁ ହୋଇଥିଲା ବେଳେ ୧୯୬୨୩ଟି ମାମଲା ଫଏସଲା ହୋଇପାରିଥିଲା । ଅନ୍ୟପଟରେ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ବିଚାରାଧୀନ ମାମଲା ସଂଖ୍ୟା ୧ ଲକ୍ଷ ୪୭ ହଜାର ରହିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ୧ ଲକ୍ଷ ୫୦ ହଜାରରୁ ଅଧିକ ହୋଇଛି ।

## ପାଟୁଆ ଯାତ୍ରା ବେଳେ ଅଘଟଣ:ଗାଡ଼ିରେ ବିଦ୍ୟୁତ୍ ତାର ଲାଗି ୨ ଯୁବକଙ୍କ ମୃତ୍ୟୁ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ନୂଆନନ୍ଦ ପଞ୍ଚାୟତ ବଡ଼ହାଟୁଆରି ଗାଁରେ ସନ୍ଧ୍ୟାରେ ପାଟୁଆ ନାଚ ବେଳେ ଅଘଟଣ ଘଟିଛି । ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଡିଜେ ଗାଡ଼ିରେ ନିଆଁ ଲାଗିଯିବାରୁ ୨ଜଣ ଶ୍ରଦ୍ଧାଳୁ ଜିଅନ୍ତା ଜଳି ଯାଇଛନ୍ତି । ସେମାନେ ହେଲେ ସ୍ଥାନୀୟ ହାଟୁଆରି ଗ୍ରାମର ମାନସ ମଲ୍ଲିକ (୨୦) ଓ ଆରସା ଗ୍ରାମର ଶରତ ଓରଫ୍ କାହ୍ନୁଆ ମହାଳିକ (୨୭) । ସୂଚନା ଅନୁସାରେ, ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ମା' କଣ୍ଟି ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ପାଳନ ହେଉଥିଲା । ଏହି ପରିପ୍ରେକ୍ଷୀରେ ପାଟୁଆମାନେ ଡିଜେ ବଜାଇ ନାଚି ନାଚି ଯାଉଥିଲେ । ସ୍ଥାନୀୟ ତୋରଣପଦା ଛକରେ କେତେକ ଯୁବକ ଡିଜେ ଗାଡ଼ି ଉପରକୁ ଚଢ଼ି ପତାକା ଉଡ଼ାଉଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ । ଫଳରେ ଡିଜେ ଗାଡ଼ିରେ ନିଆଁ ଲାଗିଯାଇଥିଲା । ପ୍ରାଣ ବିକଳରେ ସମସ୍ତେ ଧାଁଧପଡ଼ କରିଥିଲେ । ମାନସ ଓ କାହ୍ନୁଆ ଯାଇନପାରି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଏହି ଘଟଣାରେ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଡିଜେ ଗାଡ଼ି ମଧ୍ୟ ସଂପୂର୍ଣ୍ଣ ଜଳିଯାଇଛି । ଖବରପାଇ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।

## ବାଣ ଫୁଟି ଯୁବକ ଗୁରୁତର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଫୋଡ଼ା ପାଟୁଆ ଶୋଭାଯାତ୍ରା ଚାଲୁଥିବା ସମୟରେ ଅଘଟଣ ଘଟିଛି । ବାଲିଅନ୍ତା ଥାନା ଅନ୍ତର୍ଗତ କାକରୁଦ୍ରପୁର ପଞ୍ଚାୟତ ଗଣ୍ଡିଲୋ ସ୍କୁଲ ନିକଟରେ ପଣା ସଂକ୍ରାନ୍ତି ଉପଲକ୍ଷେ ଫୋଡ଼ା ପାଟୁଆ ଶୋଭାଯାତ୍ରା ଚାଲୁଥିଲା । ଏହି ସମୟରେ ତ୍ରିନାଥ ଭୋଇ ଅସାବଧାନତାବଶତଃ ବାଣ ଲଗାଇବା ସମୟରେ ତାହା ତାଙ୍କ ହାତରେ ଫୁଟିଯାଇଥିଲା । ବାଣ ଫୁଟିବାରୁ ପାପୁଲିଟି ସମ୍ପୂର୍ଣ୍ଣ ଛିଣ୍ଡି ଯାଇଛି । ତ୍ରିନାଥଙ୍କୁ ସ୍ଥାନୀୟ ଲୋକ ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ପଠାଇଥିଲେ । ଏବେ ତ୍ରିନାଥଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।




**ଭୁବନେଶ୍ୱର:** ଗୁଣୁପୁରର ଶତାଧିକ କର୍ମୀ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଉଛନ୍ତି **(ଫଟୋ: ସମ୍ବାଦ କଳିକା)**

## ମାତୃହତ୍ୟାର ପ୍ରତିଶୋଧ:ବାପାକୁ ଲୁହା ନଳୀରେ ପିଟିପିଟି ହତ୍ୟା

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

୨୦୦୯ ମସିହାରେ ନିଜ ସ୍ତ୍ରୀକୁ ଅତି ନୃଶଂସ ଭାବେ ହତ୍ୟା କରିଥିଲା ସ୍ୱାମୀ । ସେତେବେଳକୁ ବଡ଼ ପୁଅକୁ ୧୩ ବର୍ଷ, ସାନପୁଅକୁ ୧୧ ବର୍ଷ ହୋଇଥିଲା । ନିଜ ଆଖି ସାମ୍ନାରେ ଘଟିଥିବା ଏହି ହୃଦୟବିଦାରକ ଘଟଣାକୁ ଭୁଲି ପାରିନଥିଲା ସାନପୁଅ । ଏଣୁ ୧୪ ବର୍ଷ ଜେଲ୍ ଜୀବନ କାଟି ଫେରିଥିବା ବାପାକୁ ଲୁହା ନଳୀରେ ପିଟିପିଟି ହତ୍ୟା କରିଛି । ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଭାଲୁପତ୍ରା ଗାଁରେ ଏହି ଲୋମହର୍ଷଣକାରୀ ଘଟଣା ଇସ୍ପାତ ସହରରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ୨୦୦୯ ମସିହାର ଘଟଣା । ଝରାବସ୍ତିରେ ରହୁଥିବା କ୍ରାନ୍ତିକୁମାର ବର୍ମା (୬୦) ନିଜ ପତ୍ନୀଙ୍କୁ ହତ୍ୟା କରିଥିଲା । ସେତେବେଳକୁ ବଡ଼ପୁଅ ଶିବକୁ ୧୩ ଓ ସାନପୁଅ ବିଷ୍ଣୁକୁ ୧୧ ବର୍ଷ ହୋଇଥିଲା । ହତ୍ୟା ଅଭିଯୋଗରେ କ୍ରାନ୍ତିକୁମାର ଜେଲ୍ ଯାଇଥିଲା । ତେବେ ମା'ର ହତ୍ୟାକୁ ଭୁଲି ନପାରି ପ୍ରତିଶୋଧ ନେବାକୁ ସ୍ଥିର କରିଥିଲା ସାନପୁଅ ବିଷ୍ଣୁ । ପତ୍ନୀ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍‌ରେ ସଜା କାଟୁଥିବା କ୍ରାନ୍ତିକୁମାର ଗତ ଡିସେମ୍ବର ମାସରେ ଜେଲ୍‌ରୁ ମୁକୁଳିଥିଲେ । ତେବେ ଘରକୁ ଫେରିବା ପରେ ମଧ୍ୟ କ୍ରାନ୍ତିକୁମାରଙ୍କ ଆଚରଣରେ କୌଣସି ପରିବର୍ତ୍ତନ ହୋଇନଥିଲା । ପୁଅ ବିଷ୍ଣୁକୁ ଅନେକ ସମୟରେ ମାଡ଼ପିଟ୍ କରିବା ସହ ଗାଁର ମହିଳାମାନଙ୍କୁ ଅସଦାଚରଣ କରୁଥିଲା । ଏଣୁ ଛୋଟ ବେଳୁ ଥିବା ରାଗକୁ ସୁଝାଇବାକୁ ବିଷ୍ଣୁ ସୁଯୋଗ ଅପେକ୍ଷାରେ ରହିଥିଲା । ରବିବାର ରାତି ପ୍ରାୟ ସାଢ଼େ ୮ଟାରେ କ୍ରାନ୍ତିକୁମାର ବିନା କାରଣରେ ଝଗଡ଼ା କରିଥିଲା । ଫଳରେ ବିଷ୍ଣୁ ରୋଷେଇ ଘରୁ ଏକ ଲୁହା ନଳୀ ଆଣି ପିଟିପିଟି ବାପାକୁ ହତ୍ୟା କରିଥିଲା । ଘଟଣାସ୍ଥଳରେ ହିଁ କ୍ରାନ୍ତିଙ୍କ ପ୍ରାଣ ଚାଲିଯାଇଥିଲା । ବାପା ମରିଯାଇଥିବା ଜାଣିବା ପରେ ବିଷ୍ଣୁ ରାସ୍ତାକଡ଼ ବୁଦା ମୂଳେ ମୃତଦେହକୁ ପକାଇ ଘରକୁ ପଳାଇ ଆସିଥିଲା । ସକାଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଶବ ପଡ଼ିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ପରେ ଘରୁ ପୁଅ ବିଷ୍ଣୁକୁ ଧରିବାରେ ସକ୍ଷମ ହୋଇଥିଲା । ତାକୁ ପଚରାଉଚରା ପରେ ଘଟଣା ବିଷୟରେ ପୋଲିସ ନିକଟରେ ସବୁ କହିଥିଲା । ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଶାରଳାଙ୍କ ପୀଠରେ ଝାମୁଯାତ୍ରା

# ମହାବିଷୁବ ସଂକ୍ରାନ୍ତିରେ ମା'ଙ୍କୁ ଦର୍ଶନ କଲେ ସହସ୍ରାଧିକ ଭକ୍ତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପ୍ରସିଦ୍ଧ ଓ ସର୍ବପୁରାତନ ଶକ୍ତିପୀଠ ମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ସ୍ଥିତ ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠ ଅନ୍ୟତମ । ମା' ଝଙ୍କଡ଼ ବାସିନୀ ଶାରଳା ଉଭୟ ବୈଷ୍ଣବ, ଶାକ୍ତ, ଶକ୍ତି, ବୈଦିକ, ତନ୍ତ୍ର ଓ ବୌଦ୍ଧ ପରମ୍ପରାର ସମନ୍ୱୟର ଦେବୀ ଭାବେ ବିଶ୍ୱାସ କରାଯାଏ । ଏହି ପୀଠରେ ମା'ଙ୍କ ପୂଜାରେ ବେଲପତ୍ର ଓ ତୁଳସୀ ଲାଗି କରାଯିବା ସହିତ ମା'ଙ୍କୁ ଏକାଧାରାରେ ସରସ୍ୱତୀ, ମହାଲକ୍ଷ୍ମୀ, ଶିବାନୀ ବା ପାର୍ବତୀ ଭାବରେ ପୂଜା କରାଯାଏ । ତେବେ ଏହା ଏକ ଶକ୍ତି ଓ ତନ୍ତ୍ର ପୀଠ ହୋଇଥିବାରୁ ପ୍ରତିବର୍ଷ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ମା' ଶାରଳାଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ । ଜଗତସିଂହପୁର ଜିଲ୍ଲା ସମେତ କଟକ, ଭୁବନେଶ୍ୱର, ସମ୍ବଲପୁର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ସମେତ ରାଜ୍ୟର କୋଣ ଓ ଅନୁକୋଣରୁ ହଜାର ହଜାର ଶ୍ରଦ୍ଧାଳୁ ମା'ଶାରଳାଙ୍କ ଦର୍ଶନ କରିବା ସହିତ



ଧୂପ, ଦ୍ୱୀପ ନୈବେଦ୍ୟ, ଅର୍ପଣ କରି ନିଜର ଓ ନିଜ ପରିବାର ପାଇଁ ଶୁଭ ମନାସିଥିବା ଦେଖାଦେଇଛି । ପ୍ରତି ବର୍ଷ ପରି ପବିତ୍ର ପ୍ରଣାସଂକ୍ରାନ୍ତିରେ ମା'ଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା । ସମସ୍ତ ରୀତିନୀତି ଅନୁସାରେ ସକାଳେ ପ୍ରଥମେ ସୂର୍ଯ୍ୟପୂଜା, ଚଣ୍ଡୀପାଠ ସହିତ ଅନ୍ୟାନ୍ୟ ନୀତି କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ମା'ଶାରଳାଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ମଣିମୟ ବିମାନରେ ଆରୋହଣ କରି ଘଣ୍ଟ, ଘଣ୍ଟା, କାହାଳୀ, ଭେରୀ, ତୁରୀ, ବାଜାବାଣ ରୋସଣୀରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ପ୍ରାକ୍ତନ ପୀଠ ବଡ଼ ସାରୋଳ ସ୍ଥିତ ନଣ୍ଡାଦେଉଳକୁ ଯାତ୍ରା କରିଥାନ୍ତି । ନଣ୍ଡାଦେଉଳ ସମ୍ମୁଖ ଚରଖି ପଡିଆରେ ମା' ଶାରଳାଙ୍କ ସମ୍ମୁଖରେ ଜଳନ୍ତା ଅଗ୍ନିରେ ନୃତ୍ୟ କରି କରି ମା' ଶାରଳାଙ୍କ ୧୦ ଘଟ ସେବକମାନେ ନିଷ୍ଠା ଓ ପରାକାଷ୍ଠାର ପରିଚୟ ଦେଇ ମା'ଙ୍କ ଅପୂର୍ବ ମହିମାକୁ ମହିମାମଣ୍ଡିତ କରୁଥିବାର ନିଆରା ପରମ୍ପରା ଦେଖିବାକୁ ମିଳେ । ମା' ଶାରଳାଙ୍କ ଦର୍ଶନ ଓ ଝାମୁଯାତ୍ରା ଦେଖିବା ପାଇଁ ଦୂର ଦୁରନ୍ତରରୁ ଶହ ଶହ ଶ୍ରଦ୍ଧାଳୁ ନବବର୍ଷର ସଫଳତା ପାଇଁ ମା' ଶାରଳାଙ୍କ ଦର୍ଶନ କରି କୃପା ଲାଭ କରିଥାନ୍ତି । ମା'ଙ୍କ ପୀଠରେ ଶହ ଶହ ବର୍ଷ ଧରି ପାଳିତ ହୋଇଆସୁଥିବା ଏହି ଝାମୁ ଯାତ୍ରା ସେବାୟତ ଠାରୁ ଆରମ୍ଭ କରି ଶ୍ରଦ୍ଧାଳୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଭକ୍ତିର ଭାବନା ସୃଷ୍ଟି କରିଥାଏ । ଝାମୁଯାତ୍ରା ମାସକ ପୂର୍ବରୁ ଏହି ରାଉଳ ସେବକ ମାନେ ଗାଁ ଗାଁକୁ ବୁଲି ଘଟ ପାଟୁଆ ନୃତ୍ୟ ମାଧ୍ୟମରେ ମା'ଙ୍କର ମହିମାକୁ ଭକ୍ତ ମାନଙ୍କ ମଧ୍ୟରେ ପ୍ରଚାର ପ୍ରସାର କରାଯାଇଥିଲା । ତେବେ ସେବକମାନେ ଗାଁ ଭ୍ରମଣ ଶେଷ କରି ଏହି ଦିନରେ ମା'ଙ୍କ ସମ୍ମୁଖରେ ଜଳୁଥିବା ଅଗ୍ନିରେ ଚାଲି ଚାଲି ଭକ୍ତ ପରୀକ୍ଷା ଦେଇଥାଏ ତାହାକୁ ଘଟନୃତ୍ୟ କୁହାଯାଏ । ସୋମବାର ଦିନ ୧.୩୦ରେ ଝାମୁଯାତ୍ରା ଆରମ୍ଭ ହୋଇଥିଲା । କାଠଦଣ୍ଡ ଉପରେ ଜଳପୂର୍ଣ୍ଣ ଘଟକୁ ସ୍ଥାପନ କରାଯାଇ ବିଭିନ୍ନ ରଙ୍ଗ ବେରଙ୍ଗର ଫୁଲରେ ସୁସଜ୍ଜିତ କରାଯାଇଥିଲା । ରାଉଳ ସେବକମାନେ ନାରୀ ବେଶରେ ଶାଢ଼ୀ, ଖଡୁ, ସିନ୍ଦୁର, କଜଳରେ ସଜ୍ଜିତ ହୋଇ ଭକ୍ତ ଘଟକୁ ମସ୍ତକରେ ଧାରଣ କରି ନିଆଁରେ ଢ଼ଳି ଢ଼ଳି ନୃତ୍ୟ ପରିବେଷଣ କରିଥାନ୍ତି । ଚଳିତ ବର୍ଷ ଝାମୁଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେବା ସହିତ ଭକ୍ତମାନେ ନିଜ ନିଜ ପରିବାର ସହିତ ମା'ଙ୍କୁ ହଜାର ହଜାର ଭକ୍ତ ଦର୍ଶନ କରିଥିଲେ । ମା'ଙ୍କ ପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୂତୟନ କରାଯାଇଥିଲା ।

## ଚିକିତ୍ସାରେ ଅବହେଳା ଅଭିଯୋଗ:ପ୍ରସୂତୀଙ୍କ ମୃତ୍ୟୁକୁ ନେଇ ନର୍ସିଂହୋମ୍‌ରେ ଉତ୍ତେଜନା

**ସାଲେପୁର, ନ୍ୟୁଜ୍**

ଚିକିତ୍ସା ଅବହେଳାରୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟିଛି । ଏଭିଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ସାଲେପୁର ସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ । ମୃତା ମହିଳା ଜଣକ ହେଲେ ସାଲେପୁର ଥାନା ଛାଣିପୁର ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମର ପତିତପାବନ ନାୟକଙ୍କ ପତ୍ନୀ ନନ୍ଦିନୀ ସ୍ୱାଇଁ । ସୂଚନା ମୁତାବକ ନନ୍ଦିନୀ ସ୍ୱାଇଁ ସନ୍ଧ୍ୟାରେ ସାଲେପୁରର ଏକ ନର୍ସିଂହୋମ୍‌ରେ ଡାକ୍ତର ନଥିବା ବେଳେ ନବଜାତ ଶିଶୁକୁ ଜନ୍ମଦେଇ ମାଆର ମୃତ୍ୟୁ ହୋଇଥିଲା । ରୋଗୀ ମୃତ୍ୟୁକୁ ନେଇ ନର୍ସିଂହୋମ୍‌ରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ଚିକିତ୍ସା ଅବହେଳା ଓ



ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ୍ ଯୋଗୁଁ ଅକାଳରେ ରୋଗୀର ଜୀବନ ଚାଲିଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଛି ବୋଲି ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ପରିବାର ଲୋକେ । ଅନ୍ୟପକ୍ଷରେ ନର୍ସିଂହୋମ୍‌ରେ କେହିନଥିବା ବେଳେ ମୃତାଙ୍କ ପରିବାର ଲୋକେ ନର୍ସିଂହୋମ୍‌ର ଫର୍ମାସିଷ୍ଟଙ୍କୁ ରୋଗୀର ଗୁରୁତର ଅବସ୍ଥା କଥା ଦେଖିବା ବେଳକୁ, ରୋଗୀ ମୃତ୍ୟୁ ବରଣ କରିଥିବା ଦେଖିବାକୁ ମିଳିଥିଲା । କଣ ପାଇଁ ଗୁରୁତର ଅବସ୍ଥାରେ ରୋଗୀକୁ ଘରୋଇ ନର୍ସିଂହୋମ୍‌ରୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାନଯାଇ ଶେଷ ପର୍ଯ୍ୟନ୍ତ ରଖାଯାଇଥିଲା ଏନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଘରୋଇ ନର୍ସିଂହୋମ୍‌ରେ ସମସ୍ତ ସୁବିଧାସୁଯୋଗ ନଥିବା ବେଳେ ରୋଗୀକୁ କଣ ପାଇଁ ଘରୋଇ ନର୍ସିଂହୋମ୍‌ରେ ରଖାଯାଇ ଶୋଷଣ କରାଯାଉଥିଲା ଏହାର ବିଧିବଦ୍ଧ ତଦନ୍ତ କରାଗଲେ ସମସ୍ତ ଘଟଣା ସାମ୍ନାକୁ ଆସିବା ସହ ସମ୍ପୃକ୍ତ ନର୍ସିଂହୋମ୍ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି ହୋଇଛି । ଏପଟେ ସାଲେପୁର ପୋଲିସ ନର୍ସିଂହୋମ୍‌ରେ ପହଞ୍ଚି ତଦନ୍ତ କରୁଥିବାର ସୂଚନା ମିଳିଛି । ତେବେ ସମ୍ପୃକ୍ତ ନର୍ସିଙ୍ଗହୋମ୍‌ର ବେଆଇନ୍ କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ହୋଇଆସୁଥିଲା । ଏହି ଗୁରୁତର ଘଟଣାକୁ ଚପାଇ ଦେବାକୁ କର୍ତ୍ତୃପକ୍ଷ କାରସାଦି ଚଳାଇଥିବା ଆଲୋଚ୍ୟର ବିଷୟ ହୋଇଛି ।

## ପୂର୍ବତନ ବିଧାୟକଙ୍କୁ ଆକ୍ରମଣ ଘଟଣାରେ ୪ କୋର୍ଟ ଚାଲାଣ:ମୁଖ୍ୟ ଅଭିଯୁକ୍ତ ଫେରାର୍

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଆକ୍ରମଣ ଅଭିଯୋଗରେ ଧର୍ମଶାଳା ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ ଶନିବାର ଦିନ ଆରୁହା ଯଜ୍ଞମଣ୍ଡପକୁ ଦର୍ଶନ ପାଇଁ ପୂର୍ବତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ ଯାଉଥିବାବେଳେ ବର୍ତ୍ତମାନ ବିଧାୟକ ହିମାଂଶୁଶେଖର ସାହୁଙ୍କ ସମର୍ଥକମାନେ ଠେଙ୍ଗା ଓ ଲୁହାପାଇପ୍, ଭୁଜାଲିଧରି ଆକ୍ରମଣ କରିଥିଲେ । ତାଙ୍କ ଗାଡ଼ି ଭାଙ୍ଗିଯାଇଥିଲା ବେଳେ କେତେକ ସମର୍ଥକ ଆହତ ହୋଇଥିଲେ । ଉଭୟ ସମର୍ଥକଙ୍କ ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି । ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ମୁଖ୍ୟ ଅଭିଯକ୍ତମାନେ ଫେରାର୍ ଥିବାରୁ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ ସୂଚନା ଦେଇଛି ।



**ଭୁବନେଶ୍ୱର:** ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ମା' ବୃନ୍ଦାବତୀଙ୍କ ନିକଟରେ ପଣା ଅର୍ପଣ କରୁଛନ୍ତି ଜଣେ ମହିଳା **(ଫଟୋ: ସମ୍ବାଦ କଳିକା)**

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ / ବୃ | ଲର | ଶୁକ୍ରାବୁଧୁ ୨ / ୧୧ |
| ୪ମ | ୧୭ / ୮ | ୧୦ |
| ୫ / ୬କେ | ୭ | ୯ / ଚ୮ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୬।୪।୨୦୨୫, ବୈଶାଖ ଦି୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୯।୦୨** **ଚନ୍ଦ୍ରୋଦୟ- ରାଘ ୯।୦୨।୦୬**

**ତୃତୀୟା-** ଦିଘ ୧।୨୭ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୧।୨୭ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୨ ଗତେ ଘ ୭।୧୦ ମଧ୍ୟେ । ଦିଘ ୧।୫୨ ଗତେ ଘ ୫।୧୦ ମଧ୍ୟେ ।


**ମେଷ:** ଶାରୀରିକ ପୀଡ଼ା ଦେଖାଦେଇପାରେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ବ୍ୟୟ ଅଧିକ ହେବ । ସମସ୍ତ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଘରେ ଶାନ୍ତି ଲାଭ ।


**ବୃଷ:** ଉପର ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି । ବନ୍ଧୁ ଦର୍ଶନର ସୁଯୋଗ ରହିବ । ଅର୍ଥ ପ୍ରାପ୍ତି ହେବ । ଅପେକ୍ଷା କରିଥିବା ଖବରଟି ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।


**ମିଥୁନ:** ଶତ୍ରୁ ହାନି ଘଟିବ । କୌଣସି କାର୍ଯ୍ୟ ତରବରିଆ ଭାବରେ କଲେ କ୍ଷତିରେ ପଡ଼ିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ବନ୍ଧୁ ଦର୍ଶନ ।


**କର୍କଟ:** ଭ୍ରମଣ କରିପାରନ୍ତି । ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ । ମହିଳାମାନେ ସୁଖୀ ହେବେ । ପାରିବାରିକ ଚିନ୍ତାଗ୍ରସ୍ତ ହୋଇପାରନ୍ତି । ସୌଖିନ୍ୟ ଦ୍ରବ୍ୟ କ୍ରୟ କରିପାରନ୍ତି । ବହୁ ସମୟ ଅନ୍ୟମନସ୍କ ରହିବେ ।


**ସିଂହ:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସାବଧାନତା ବଶତଃ ଦ୍ରବ୍ୟ ହାନୀ ଘଟିପାରେ । ରୋଜଗାର ସ୍ଥିର ରହିବ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ପ୍ରାପ୍ତ ହେବ । ମହିଳାମାନେ ସୁଖୀ ହେବେ ।


**କନ୍ୟା:** ଚାକିରୀ କ୍ଷେତ୍ରରେ ଉଚ୍ଚ ପ୍ରଶଂସା ଲାଭ ହେବ । ଅସାଧ୍ୟ ସାଧନ କରିବେ । ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ । ରୋଜଗାର ପରିମାଣ ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମନ ଭଲ ରହିବ ।


**ତୁଳା:** ସମସ୍ତ କାର୍ଯ୍ୟରେ ଆଶା ରଖି କାର୍ଯ୍ୟ କଲେ ସଫଳତା ପ୍ରାପ୍ତ ହେବ । କଚେରି ମାମଲାରେ ଶୁଣାଣି ମନ୍ଥର ହୋଇପାରେ । ଶରୀର ସାମାନ୍ୟ ଅସୁସ୍ଥ ରହିବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।


**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ଅଟେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ ଲାଭ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ଆନନ୍ଦ ଅକ୍ଷୁର୍ଣ୍ଣ ରହିବ ।


**ଧନୁ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଅଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।


**ମକର:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ଶତ୍ରୁମାନେ ପରାଜିତ ହେବେ । ମାନସିକ ଅଶାନ୍ତି ଦୂର ହେବ । ଘରେ ସୁଖ ସନ୍ତୋଷ ଲାଭ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ମହିଳାମାନେ ସୁଖୀ ହେବେ ।


**କୁମ୍ଭ:** କର୍ମକ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କରିବେ । ପାରିବାରିକ ଜୀବନ ସୁଖପ୍ରଦ ହେବ । ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ । ଶତ୍ରୁ ମାନେ ଶରଣାଗତ ହେବେ । ଆୟ ଯୋଗ ।


**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ଦେବ ଦର୍ଶନ ସହିତ ସେବା ପୂଜାରେ ସୁଯୋଗ । ପିଲାମାନେ ପଢ଼ାପଢ଼ିରେ ସଫଳତା ହାସଲ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୭।୪।୨୦୨୫, ବୈଶାଖ ଦ୫ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୨୮।୧୬** **ଚନ୍ଦ୍ରୋଦୟ- ରାଘ ୯।୫୭।୧୨**

**ଚତୁର୍ଥୀ-** ଦିଘ ୩।୨୪ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର ମଳ-** ପ୍ରାଘ ୫।୫୫ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୩।୨୪ ଗତେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୧ ଗତେ ଘ ୭।୧୧ ମଧ୍ୟେ । ଦିଘ ୧୦।୩୧ ଗତେ ଘ ୧।୦୧ ମଧ୍ୟେ ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ଚଳିତ ବର୍ଷ ୫୦ ପ୍ରତିଶତ କମ୍ ନିଯୁକ୍ତି ହେବାର ଆଶଙ୍କା

ପାଠପଢ଼ା ଶେଷ କରିବା ପରେ ଚାକିରି ଦୁନିଆରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଏବେ ସବୁଠୁ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ନିଜ ପସନ୍ଦର କମ୍ପାନିରେ ଚାକିରି ଖଣ୍ଡିଏ ପାଇବା ବେଶ୍ କଷ୍ଟକର ମନେ ହେଉଛି। ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ସାଧାରଣ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା କ'ଣ ଥିବ ତାହା ସହଜରେ ଅନୁମାନ କରାଯାଇପାରିବ। ସୂଚନା ପ୍ରଯୁକ୍ତି ଶିଳ୍ପରେ ଚାକିରି ଜୀବନ ଆରମ୍ଭ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କ ଲାଗି ଖରାପ ଖବର ହେଉଛି ଯେ ଫ୍ରେସର୍ ନିଯୁକ୍ତିରେ ୫୦ ପ୍ରତିଶତ ହ୍ରାସ ହେବାର ଆଶଙ୍କା ଦେଖାଦେଇଛି। ଗତ କିଛି ବର୍ଷ ହେଲାଣି ଆଇଟିରେ ଫ୍ରେସର୍ ନିଯୁକ୍ତି କମୁଥିଲା। ଚଳିତ ବର୍ଷ ତାହା ଆହୁରି ୫୦ ପ୍ରତିଶତ କମ୍ ହେବାର ଆଶଙ୍କା ରହିଛି। ଟିମ୍ଲିଜ୍ ସର୍ଭିସେସର ସିଏଫଓ ରମଣ ଦାଥ୍ କହିଛନ୍ତି ଯେ ଗତବର୍ଷ କ୍ୟାମ୍ପସ୍ରୁ ଫ୍ରେସର୍ ନିଯୁକ୍ତି କମ୍ ଥିଲା। ଚଳିତ ବର୍ଷ ତାହା ଆହୁରି କମିବ। ଦାଥ୍ଙ୍କ ମତରେ ଆଇଟି କମ୍ପାନିଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ମେସିନ୍ ଲର୍ଣ୍ଣିଂ (ଏମ୍ଏଲ୍) ଉପରେ ସ୍ୱତନ୍ତ୍ର ଦକ୍ଷତା ଥିବା ପିଲା ଖୋଜୁଛନ୍ତି ଯାହା କ୍ୟାମ୍ପସରୁ ମିଳିବା କଷ୍ଟକର ହେଉଛି। ଶିଳ୍ପର ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମରେ ପରିବର୍ତ୍ତନର ଆବଶ୍ୟକତା ରହିଛି। କିଛି ଶିକ୍ଷାନୁଷ୍ଠାନ ଇନଫୋସିସ୍, ଓ୍ୱିପ୍ରୋ ଓ ଟିସିଏସ୍ ଭଳି ଆଇଟି କମ୍ପାନିର ଆବଶ୍ୟକତା ଅନୁସାରେ ନିଜ ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିଛନ୍ତି। ଏମିତିରେ ଆଇଟି ଶିଳ୍ପର ନିଯୁକ୍ତି ସ୍ଥିତି ନୈରାଶ୍ୟଜନକ ରହିଛି। ଗତ ୧୫ ମାସ ଭିତରେ ନିଯୁକ୍ତି ଲଗାତାର ଭାବେ କମୁଥିବା ବେଳେ କେବଳ ଫେବ୍ରୁଆରୀ ଓ ମାର୍ଚ୍ଚରେ କିଛି ନିର୍ଦ୍ଦିଷ୍ଟ କମ୍ପାନିରେ ନିଯୁକ୍ତି ବଢ଼ିଥିଲା। ଅନ୍ୟ ପକ୍ଷରେ, ଆଇଆଇଟି ଛାତ୍ରଛାତ୍ରୀମାନେ କ୍ୟାମ୍ପସ ଚୟନ ବେଳେ ନିଯୁକ୍ତି ପ୍ରସ୍ତାବ ପାଇବାକୁ ସଂଘର୍ଷ କରୁଥିବାର ମଧ୍ୟ ଚର୍ଚ୍ଚା ହେଉଛି। ଗୋଟିଏ ପଟେ ବହୁ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିନଥିବା ବେଳେ ଅନ୍ୟ ପଟେ ଯେଉଁମାନଙ୍କୁ ନିଯୁକ୍ତି ପ୍ରସ୍ତାବ ମିଳିଛି, ସେମାନଙ୍କୁ ଦିଆଯାଇଥିବା ବେତନ ପ୍ରସ୍ତାବ ଏତେ କମ୍ ରହିଛି ଯେ ତାହାକୁ ଗ୍ରହଣ କରିବେ ନା ନାହିଁ ତାହାକୁ ନେଇ ଛାତ୍ରଛାତ୍ରୀମାନେ ଚିନ୍ତାରେ ରହିଛନ୍ତି। ଚଳିତ ବର୍ଷ କିଛି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୩-୪ ଲକ୍ଷ ଟଙ୍କା ଭଳି କମ୍ ବେତନ ପ୍ରସ୍ତାବ ଦିଆଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ
ଭଗବାନ
ହେ ପ୍ରଭୁ ଜଗତ ନାଥ
ମୁଁ
ଇଣ୍ଡରୁ ପିଣ୍ଡ ପରିଯନ୍ତେ
ଘୁରୁଛି ମୁହିଁ ଦିବା ରାତ୍ରେ
(୧)
ନାହିଁ ମୋହର ଠାବରାବ
ଭକତ ମୋର ମନ ଭାବ
(୨)
ଦେଖିଲି ସକଳ ଅନ୍ତରେ
ମାୟା ମୋହରେ
ନିରନ୍ତରେ (୩)
ଆକେଶେ ଉଡି ମୁଁ
ବୁଲୁଛି
ଜଳରେ ବୁଡି ମୁଁ ବୁଲୁଛି
(୪)
ସ୍ଥଳରେ ସଦା ଭ୍ରମୁଅଛି
ଅନଳେ ସଦା ସାକ୍ଷୀଅଛି
(୫)
ବାୟୁରେ ସର୍ବଦା ଘୁରୁଛି
ପ୍ରାଣୀର ହୃଦେ ଭ୍ରମୁଅଛି
(୬)
ମୋ ମାୟା ମୋତେ
ଅଗୋଚର
କାହୁଁ ଜାଣିବେ ନର ଛର
(୭)
ଜୀବ ଜଗତ ମାୟା ଘର
ସେ କାହୁଁ ଭଜିବ ଠାକୁର
(୮)
କୀଟରୁ ବ୍ରହ୍ମ ପରିଯନ୍ତେ
ସକଳ ଘଟେ ସଦା
ସ୍ଥିତେ (୯)
ଭକ୍ତର ଭାବେ
ବନ୍ଧାହୋଇ
ଦିନ କାଟୁଛି ସଦା ମୁହିଁ
(୧୦)
ମୁଁ ନିରାକାର ନିରଞ୍ଜନ
ଶୂନ୍ୟରୁ ଶୂନ୍ୟ
ମହାଶୂନ୍ୟ (୧୧)
ଯାହା ଦେଖୁଛୁ ଏ
ନୟନେ
ଏ ସର୍ବ ମୋ ମାୟା
ଭିଆଣେ (୧୨)
ସେ ମାୟା କୂପ ଅତି
ଗରୁ
ଗୁରୁଙ୍କ କୃପା ତହୁଁ କରୁ
(୧୩)

(କ୍ରମଶଃ)

# ରାଜଧାନୀରେ ଜମିଦାରୀ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବର୍ତ୍ତମାନର ସାଧାରଣ ପ୍ରଶାସନ ବିଭାଗ ପୂର୍ବରୁ Political and Services Department ନାମରେ ନାମିତ ଥିଲା। ଯାହାକି ମାନନୀୟ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରିଥାଏ। ଏହି ବିଭାଗ ସହ ଯୋଡ଼ି ହୋଇଥାଏ ରାଜଧାନୀ ପ୍ରଶାସନ ବିଭାଗ। ଦାୟିତ୍ୱରେ ରହିଥାନ୍ତି ଜମିଦାରୀ ନିର୍ଦ୍ଦେଶକ ବା Director of Estates। ରାଜଧାନୀରେ ସରକାରୀ ଜମି ଓ ଘର ଆବଣ୍ଟନ ସହ ସମ୍ପୃକ୍ତ ଘରମାନଙ୍କରୁ କର ଆଦାୟ ଉପବିଭାଗମାନଙ୍କୁ ନେଇ ଏହି ବିଭାଗ ଗଠିତ। ରାଜ୍ୟ ତଥା ଭୁବନେଶ୍ୱରରେ ରହିଥିବା, ରହୁଥିବା ବା ରହିବା ପାଇଁ ଚାହୁଁଥିବା ବହୁ ବ୍ୟକ୍ତି ବିଶେଷମାନଙ୍କର ଏହି ବିଭାଗ ସହିତ ସମ୍ପର୍କ ଥାଏ। ସେତେବେଳର ଭୁବନେଶ୍ୱରରେ ରାଜଧାନୀ ସ୍ଥାପନ କରାଇଥିବା ଡ. ହରେକୃଷ୍ଣ ମହତାବଙ୍କ ପରବର୍ତ୍ତୀ ବ୍ୟକ୍ତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି ଏହି ବିଭାଗର ହିଁ ଥିଲେ ସ୍ରଷ୍ଟା। ସେ ଭୁବନେଶ୍ୱର ନିକଟ ବାଲକାଟିର ମକଦ୍ଦମା ଓ ପରବର୍ତ୍ତୀ କାଳରେ ପୁରୀ ଜିଲ୍ଲା ବୋର୍ଡ଼ର ଚେୟାରମ୍ୟାନ, ବିଧାୟକ, ବହୁ ବିଭାଗର ମନ୍ତ୍ରୀ ଓ ଶେଷରେ ବିଧାନ ସଭାର ବାଚସ୍ପତି ପଦ ପର୍ଯ୍ୟନ୍ତ ଅଳଂକୃତ କରିଥିଲେ। ସେତେବେଳର ବି.ଏଲ୍ ପାସ୍ କରିବା ପରେ ସେ ମଧ୍ୟ ମଧୁବାବୁଙ୍କର ଜୁନିଅର ଭାବେ କିଛିଦିନ କାର୍ଯ୍ୟ ମଧ୍ୟ କରିଥିଲେ। ସମୟ ଥିଲା ଭୁବନେଶ୍ୱରରେ ପ୍ରାୟଶଃ ଜମି ଆବଣ୍ଟନଠାରୁ ସରକାରୀ ଗୃହ ନିର୍ମାଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତାଙ୍କରି ନିର୍ଦ୍ଦେଶ ବା ପରାମର୍ଶରେ ହିଁ ହେଉଥିଲା। ଅବଶ୍ୟ ସେ ସବୁ ଏବେ ଇତିହାସ ପାଲଟି ଗଲାଣି। ଆଉ ସେ ସଂପର୍କରେ ବଖାଣିବାର କୌଣସି ଗୁରୁତ୍ୱ ଏବେ ନାହିଁ।

ଭୁବନେଶ୍ୱରରେ କୌଣସି ସରକାରୀ ଦପ୍ତରରେ ଚାକିରି କରୁଥିଲେ ବା ଏଠାକୁ ସେହିଭଳି କୌଣସି ପଦରେ ବଦଳି ହୋଇ ଆସିଲେ ରହିବା ପାଇଁ ସରକାରୀ କର୍ମଚାରୀମାନଙ୍କର ଘରର ଆବଶ୍ୟକତା ଦେଖାଦେଇଥାଏ। ତେଣୁ ଘରଟିଏ ପାଇବା ପାଇଁ କର୍ମଚାରୀମାନଙ୍କର ଏହି ବିଭାଗକୁ ଦୌଡ ଲାଗିଥାଏ। ଆଉ ସମସ୍ତ ପ୍ରକାରର ଉଦ୍ୟମ ବିଭାଗୀୟ କର୍ମକର୍ତ୍ତାମାନଙ୍କଠାରେ ସେମାନେ କରିଥାନ୍ତି। ଫଳ କଣ ହୁଏ ତାହା କେବଳ ସେହି ଅନୁଭବୀମାନଙ୍କୁ ହିଁ ଜଣା। ଘର ଆବଣ୍ଟନ ପାଇଁ ବହୁ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ହୁଏ ବୋଲି ଆଗରୁ ବହୁ ପ୍ରଚାର ହେଉଥିଲା। ମାତ୍ର ଏପରି କୌଣସି କଥା ଆମ ନଜରକୁ କେବେହେଲେ ଆସିନାହିଁ। ଘର ପାଇଁ ସଂପୃକ୍ତ ବିଭାଗକୁ ଦୌଡ଼ିଦୌଡ଼ି ହତାଶିଆ ଲୋକମାନଙ୍କର ସମ୍ଭବତଃ ଏହି ସବୁ ଉଭଟ କଥା ହୋଇପାରେ। ତେବେ ନିଆଁ ନଥାଇ ଧୂଆଁ ଲୋକାପବାଦ ସାଧାରଣରେ ରହିଛି। ଏଠାରେ କାର୍ଯ୍ୟ କରୁଥିବା ପ୍ରତ୍ୟେକଙ୍କୁ ଓ ସେମାନଙ୍କର କାର୍ଯ୍ୟର ଗମ୍ଭୀରତା ଦେଖି ଘର ପାଇବା ଆଶାରେ ସେଠାକୁ ଯାଇଥିବା କର୍ମଚାରୀଟି ମନରେ ଭୀତି ସଞ୍ଚାର ହୋଇଥାଏ। ସେଠାରେ କାର୍ଯ୍ୟ କରୁଥିବା ଅମଲାମାନଙ୍କ ସହ ସାକ୍ଷାତ ବା କଥା ହେବା ବି ଦୁରୂହ ବ୍ୟାପାର। ତେବେ ଏହି ଉପବିଭାଗ ସଂପର୍କରେ କିଛି ଅଧିକା ନଲେଖିବା ବରଂ ଭଲ। ଲୋକସେବା ନିମନ୍ତେ ନିୟୋଜିତ କର୍ମଚାରୀ ଲୋକମାନଙ୍କର ଆସ୍ଥାଭାଜନ ହେବା ବିଧେୟ ହିଁ ଏହି ଲେଖାର ଉଦ୍ଦେଶ୍ୟ।

ଏହାପରେ ଜମି ବଣ୍ଟନ ଉପବିଭାଗ। ସଚିବାଳୟ ପରିସରରେ ଥିବାରୁ ଏଠାକୁ ଯିବା କଷ୍ଟ ହୋଇପଡ଼େ। କାରଣ ସଚିବାଳୟର ପାସ୍ ଖଣ୍ଡେ ଯୋଗାଡ଼ କରି କୌଣସି ଉପାୟରେ ଏଠାକୁ ଯଦି ପହଞ୍ଚି ପାରିଲେ ତେବେ ତୁମର ଭାଗ୍ୟଟା ଠିକ୍ ଅଛି ବୋଲି ଜାଣିପାରିବ। ଏଠାରେ ମଧ୍ୟ ସେହିପରି ଭାବ ଗମ୍ଭୀର ପରିବେଶ। କାହାସହ କଥା ହେବା ପ୍ରାୟଶଃ ନିଷିଦ୍ଧ। ପଚାରିଲେ ବି କୌଣସି ସଠିକ୍ ଉତ୍ତର କାହାଠାରୁ ମିଳେ ନାହିଁ। ପୁଣି କେହି ପ୍ରାୟ ନିଜ ଜାଗାରେ ନଥାନ୍ତି। ଯଦି ଖୋଜାଯାଏ ତେବେ ସଂପୃକ୍ତ ବ୍ୟକ୍ତିଟି ଫିଲ୍ଡ଼କୁ ଯାଇଥିବାର ଉତ୍ତର ମିଳେ। ଅଭିଯୋଗ ଥିଲା ଯେ ଜମି ଆବଣ୍ଟନ ସଂପର୍କୀୟ ଏକ ନଥି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇବା ପରେ କାର୍ଯ୍ୟକାରୀ ହେବାପାଇଁ ବଡ଼ବାବୁ ବା ସାନବାବୁଙ୍କ ଟେବୁଲ୍ ଉପରେ ମାସାଧିକ କାଳ ପଡ଼ି ରହିଲା। ସଂପୃକ୍ତ ବ୍ୟକ୍ତିଙ୍କ ନମସ୍କାର, ପ୍ରଣାମ ଓ ଦରବାରୀ ସଲାମ ପକାଇଲା ପରେ ବି ଫାଇଲ୍‌ଟି ସେଠାରୁ ଇଞ୍ଚେ ଘୁଞ୍ଚିଲା ନାହିଁ। ଆଉ ସେ ଟିକେ ଅଭିମାନିଆ ଭଙ୍ଗିରେ କଥା କହିବାରୁ ନଥିଟି ଥିବା ସ୍ଥାନରୁ କୁଆଡ଼େ ଉଭେଇଗଲା। ଶେଷରେ ମୁଖ୍ୟଶାସନସଚିବ ମହୋଦୟଙ୍କ ହସ୍ତକ୍ଷେପ ଫଳରେ ନଥିଟି ମିଳିଲା ଓ କାର୍ଯ୍ୟ ସମାପ୍ତ ହୋଇଗଲା। ଅଭିଯୋଗକାରୀ ବି ସଚିବାଳୟର କାର୍ଯ୍ୟ କରୁଥିବା ଜଣେ ପଦସ୍ଥ କର୍ମଚାରୀ ଓ ସଂପୃକ୍ତ ବିଭାଗରେ ମଧ୍ୟ ଅତି ଉଚ୍ଚ ପଦାଧିକାରୀଙ୍କ ପାଖରେ କିଛି ବର୍ଷ ତଳେ ଅବସ୍ଥାପିତ ହୋଇ କାର୍ଯ୍ୟ କରିଥିଲେ। ଯଦି କଥାଟିର ସତ୍ୟତା ଅଛି ତେବେ ସଚିବାଳୟ ଭିତରକୁ ପ୍ରବେଶ କରିପାରୁନଥିବା ସାଧାରଣ ଲୋକଟି କ'ଣ ବା କରିପାରିବ?

ମୋର ଭଲଭାବେ ମନେ ଅଛି ନୂଆପଲ୍ଲୀରେ ରହୁଥିବା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶ୍ରୀ ତ୍ରିନାଥ ପଟ୍ଟନାୟକ ତାଙ୍କ ଘର ସମ୍ମୁଖସ୍ଥ ସରକାରୀ ରାସ୍ତାର ଦୁଇ ତୃତୀୟାଂଶକୁ ଜଣେ ବାହୁବଳୀ ବ୍ୟକ୍ତି ଦଖଲ କରି ତାହା ଉପରେ ତାଙ୍କର ଦୁଇ ମହଲା କୋଠା ଉଠାଇଦେଲେ। ଏପରି ଦଖଲକୁ ପ୍ରଥମରୁ ସେ ବିରୋଧ କରି ଦରଖାସ୍ତମାନ ଦେଇ ଆସୁଥିଲେ। କେବଳ ତ୍ରିନାଥ ପଟ୍ଟନାୟକ ନୁହନ୍ତି ସେଠାର କେତେକ ବାସିନ୍ଦା ମଧ୍ୟ ଏହାକୁ ବିରୋଧ କରି ଇଷ୍ଟେଟ୍ ଡାଇରେକ୍ଟର ଏପରିକି ମୁଖ୍ୟଶାସନ ସଚିବ ମହୋଦୟଙ୍କୁ ଦରଖାସ୍ତମାନ ଦେଇଥିଲେ। ମୁଖ୍ୟଶାସନ ସଚିବ ମହୋଦୟ ମଧ୍ୟ ତୁରନ୍ତ ସରଜମିନ୍ ତଦନ୍ତ କରି ଘର ତୋଳାକୁ ବନ୍ଦ କରିବା ପାଇଁ ଦରଖାସ୍ତ ଉପରେ ଆଦେଶ ଦେଇଦେଲେ। ବିରୋଧ କରୁଥିବା ଲୋକେ ସେହି ବିଭାଗର ଅମିନ୍ ଓ ଉପର ଅଫିସରମାନଙ୍କୁ ଯେତେ ଭେଟି କହିଲେ ବି କେହି ତଦନ୍ତକୁ ଗଲେନାହିଁ। କେବଳ ତାରିଖ ଗଡ଼ି ଚାଲିଲା। ଏପରି ଗୋଟିଏ ନୁହେଁ, ଶହଶହ ଅଭିଯୋଗ ସେହି ବିଭାଗରେ ପଡ଼ି ରହିଛି। ମାତ୍ର ଖୋଜିଲେ ଖଣ୍ଡିଏ ଅଭିଯୋଗର କାଗଜ ବି ସେଠାରୁ ମିଳିବ ନାହିଁ। ଏଣେ ସରକାରଙ୍କ ଉତ୍ତର ହେଲା ୫୩୨ ଏକର ସରକାରୀ ଜମି ଭୁବନେଶ୍ୱର ସହରରେ ଲୋକେ ମାଡ଼ି ବସିଛନ୍ତି। ଯଦି ଲୋକେ ସଚେତନ ହୋଇ ସରକାରଙ୍କୁ ଅବୈଧ ଦଖଲ ସଂପର୍କରେ ଜଣାଉଛନ୍ତି ଆଉ ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ତେବେ ଶାସନ କେତେ ଶକ୍ତିଶାଳୀ ତାହା ବେଶ୍ ଜଣାଯାଉଛି। ମୋ ଜାଣିବାରେ ବର୍ତ୍ତମାନ ଖଣ୍ଡଗିରି ପଛପଟ ଜୟଦେବ ବାଟିକା ସମ୍ମୁଖରେ ବିସ୍ତୃତ ସରକାରୀ ଜମି ପଡ଼ି ରହିଥିଲା। ଏଥିରେ ବି କିଛି ଜଙ୍ଗଲ ସୃଷ୍ଟି ହୋଇଥିଲା। ମାତ୍ର ଏବେ ସେଠାରେ ବହୁ ଛାତ ପଡ଼ିବା ଘରମାନ ତିଆରି ସରିଛି ଓ ବର୍ତ୍ତମାନ ଚାଲିଛି ମଧ୍ୟ। ସେହି ଜମିସବୁ କୁଆଡ଼େ ଏବେ ସ୍ଥିତିବାନ ପାଲଟିଗଲାଣି। ବ୍ରିଟିଶ୍ ରାଜତ୍ୱରେ ସେତେବେଳର ଭୁବନେଶ୍ୱର ଖାସ ମାହାଲ ଅର୍ଥାତ ଖୁରୁଧା ଶାସନ ଅଧୀନରେ ରହିଥିଲା। ଏହା ଭିତରେ ଭୁବନେଶ୍ୱରରେ କେତୋଟି ବନ୍ଦୋବସ୍ତ ମଧ୍ୟ ହୋଇ ଗଲାଣି। କେଉଁ ବନ୍ଦୋବସ୍ତରେ ସରକାରୀ ଜମିସବୁ କେଉଁ ବ୍ୟକ୍ତି ବିଶେଷଙ୍କ ନାମରେ ସ୍ଥିତିବାନ ହୋଇଛି ଓ କେଉଁଥିପାଇଁ ଏପରି କରାଯାଇଛି ତାହାର ତଦନ୍ତ ହେଲେ ବହୁ ଅକୁହା କଥାର ଗୁମର ନିଶ୍ଚିତ ଖୋଲିଯାଇପାରନ୍ତା। ସେହିଭଳି ପ୍ରଥମରୁ ଭୁବନେଶ୍ୱରର ବହୁ ରାସ୍ତା ନିର୍ମାଣ ପାଇଁ ସରକାର ରାଜସ୍ୱ ଗ୍ରାମମାନଙ୍କରେ ଥିବା ସ୍ଥିତିବାନ ଭୂସମ୍ପତ୍ତିକୁ ଦଖଲ କରିଥିଲେ। ସେଥିପାଇଁ କ୍ଷତି ପୂରଣ ମଧ୍ୟ ସଂପୃକ୍ତ ଜମି ମାଲିକମାନଙ୍କୁ ଦିଆଯାଇଛି। ମାତ୍ର ରାସ୍ତା ଯିବା ପରେ ବଳକା ଜମିକୁ ଜମି ପୂର୍ବର ଜମି ମାଲିକମାନେ ବନ୍ଦୋବସ୍ତବେଳେ ନିଜ ନାମରେ ପୁଣି ପଟ୍ଟା ହାସଲ କରି ଅନ୍ୟକୁ ବିକ୍ରି କରି ଦେଇଥିବାର ବହୁ ଦୃଷ୍ଟାନ୍ତ ରହିଛି। ଏଥିପାଇଁ ସରକାର ମଧ୍ୟ ମକଦ୍ଦମା ଜାଲରେ ଛନ୍ଦି ହୋଇ ପଡ଼ିଛନ୍ତି। ସେତିକି ନୁହେଁ ୬୦ ରୁ ୮୦ ଦଶକ ମଧ୍ୟରେ ସେତେବେଳର ଭୁବନେଶ୍ୱର ଉପାନ୍ତ ଗ୍ରାମମାନଙ୍କର ବହୁ ସରକାରୀ ଜମିକୁ ଲିଜ୍ ସୂତ୍ରରେ କଟକ ଓ ଭୁବନେଶ୍ୱରର ତହସିଲଦାରମାନେ ଦେଇଥିଲେ। ସେହି ଜମିମାନଙ୍କରୁ ବହୁ ଜମି ବନ୍ଦୋବସ୍ତରେ ସ୍ଥିତିବାନ କରାଇ ଜମି ମାଲିକମାନେ ଚଢ଼ା ଦରରେ ଅନ୍ୟକୁ ବିକ୍ରି କରିଦେଇଛନ୍ତି। ତେବେ ୮୦ ଦଶକରେ ଏହିପରି ବହୁ ଲିଜ୍ ଜମିକୁ ବାତିଲ କରାଯାଇଥିଲା, ହେଲେ ୮୦ଭାଗ ଜମି ମାଲିକ ମକଦ୍ଦମା କରି ସେହି ଜମିକୁ ନିଜ ନାମରେ କରାଇବାରେ ସକ୍ଷମ ହୋଇପାରିଛନ୍ତି। ପୁଣି କନିକା ଜମିଦାରୀରେ ଥିବା ପଟିଆ କିଲ୍ଲାର ଜମି ସମ୍ପର୍କକୁ ଆସିବା। କନିକା ଜମିଦାରୀର ଛପା ହାତପଟା ଓ ଖଜଣା ରସିଦକୁ ଦେଖାଇ ବହୁ ଜମିକୁ ସୁଚତୁର ଲୋକମାନେ ନିଜ ଦଖଲକୁ ନେଇଯାଇଛନ୍ତି। ସରକାର ବିରୋଧ କଲେ ମଧ୍ୟ ମକଦ୍ଦମାରେ ସେମାନେ ଜିତି ଯାଉଥିବା ଦେଖାଯାଉଛି। ସେହିଭଳି ଲିଙ୍ଗରାଜ ମହାପ୍ରଭୁଙ୍କ ଶହଶହ ଏକର ଜମି ମଧ୍ୟ ବିକ୍ରି ହୋଇଯାଇଛି। ସେବାୟତ ମାର୍ଫତଦାରମାନେ ଏହିସବୁ ଜମିକୁ ବିକି ଦେଇଛନ୍ତି। ଘର ଅଗଣା ମଧ୍ୟରେ ପ୍ରାଚୀନ ମନ୍ଦିର ରହି ମଧ୍ୟ ସେହି ଭୂସଂପତ୍ତି ସ୍ଥିତିବାନ ହୋଇଛି। ବହୁ ପ୍ରାଚୀନ କୀର୍ତ୍ତି ସବୁକୁ ଲାଗି ବିଶାଳ ପ୍ରାସାଦମାନ ଗଢ଼ା ହୋଇଛି ଓ ହେଉଛି ମଧ୍ୟ। ଯାହାକି ସଂପୂର୍ଣ୍ଣ ଭାବେ ପ୍ରତ୍ନତତ୍ତ୍ୱ ସଂରକ୍ଷଣ ଆଇନକୁ ବିରୋଧ କରୁଛି। କେଉଁଠି ପାଣିନଳା ଉପରେ ଘର ହେଲାଣି ତ ଅନ୍ୟ କେଉଁଠି ରାସ୍ତା ଅବରୋଧ କରି କୋଠାମାନ ତିଆରି ଚାଲିଛି। ଯଦି ଭୁବନେଶ୍ୱର ଭଳି ରାଜଧାନୀ ସହରରେ ଏହିଭଳି ଜମି ଦଖଲକୁ ନେଇ ଅରାଜକତା ଚାଲିଛି ତେବେ ରାଜ୍ୟର ଅନ୍ୟ କେଉଁଠି କଣ ବା ହେଉନଥିବ? ତେବେ ଏହିଭଳି ଏକ ଜମିଉପବିଭାଗ ବା Land Section ଭୁବନେଶ୍ୱର ସଚିବାଳୟ ମଧ୍ୟରେ ରହି ଆଲୋଚିତ ଦଖଲମାନଙ୍କରୁ କେତୋଟି ଉଚ୍ଛେଦ କଲେଣି? କେବଳ ଶ୍ରମିକମାନେ ରହିଥିବା କେତୋଟି ବସ୍ତି ଭାଙ୍ଗିଦେଇ ବାଃ ବାଃ ନେଇ ଗଲେ ସମ୍ଭବତଃ ସେମାନଙ୍କର କାର୍ଯ୍ୟ ଶେଷ ହେଲା ବୋଲି ଯଦି ଧରି ନିଆଯାଏ ତେବେ ଏହା ସଂପୂର୍ଣ୍ଣ ନିର୍ବୋଧତାର ପରିଚୟ। ଶ୍ରମିକମାନଙ୍କଦ୍ୱାରା ହିଁ ଭୁବନେଶ୍ୱର ଗଢ଼ାଯାଇଛି। ସରକାରୀ ବା ବେସରକାରୀ ସ୍ତରରେ ଯେଉଁ ବିଶାଳ ସୁଦୃଶ୍ୟ ହର୍ମ୍ୟମାଳମାନ ରାଜଧାନୀର ଶୋଭାବର୍ଦ୍ଧନ କରୁଛି ତାହା ସେହି ଶ୍ରମିକ ଶ୍ରେଣୀର ହାତଗଢ଼ା। ତେଣୁ ଶ୍ରମିକମାନଙ୍କୁ ଛାଡ଼ି କୌଣସି ସହର ବିଶାଳ ହୋଇପାରିବ ନାହିଁ। ସରକାର ପ୍ରଥମେ ସେମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହିବା ନିମନ୍ତେ ଜମି ଦେବାକୁ ହିଁ ପଡ଼ିବ। ଭୁବନେଶ୍ୱର ଗଢ଼ାହେବା ପରଠାରୁ ମୁଁ ଦେଖି ଆସୁଛି ଯେ କେତେକ ବସ୍ତିର ଦ୍ୱିତୀୟରୁ ତୃତୀୟ ପିଢ଼ି ପର୍ଯ୍ୟନ୍ତ ଏବେ ସେହିପରି ଘରେ ରହି ସେହିକାମ ବି କରୁଛନ୍ତି। ରହିବା ପାଇଁ ପରିବେଶ ନାହିଁ। ଯେଉଁ ଚାଳଘର ସେମାନଙ୍କର ଥିଲା ତାହାହିଁ ଏବେ ରହିଛି ଓ ତାହାର ମରାମତି କେବଳ ହେଉଛି। କେତେକ କେବଳ ଗୋଟିଏ ଜାଗାରୁ ତଡ଼ା ଖାଇ ଅନ୍ୟ ଜାଗାକୁ ଯିବା ହିଁ ମୁଁ ଦେଖି ଆସୁଛି। ଯୋଜନା ପରେ ଯୋଜନା କରି ବର୍ତ୍ତମାନ ଯେଉଁମାନେ ସେମାନଙ୍କୁ ତଡ଼ିବାରେ ଓସ୍ତାଦ୍ ସାଜିଛନ୍ତି ଭୁବନେଶ୍ୱର ଗଢ଼ାରେ ସେମାନଙ୍କର କୌଣସି ଅବଦାନ ରହିଛି କି? ପୁଣି ଭୁବନେଶ୍ୱର ନଗରର ପରିସୀମା କ୍ରମଶଃ ବଢ଼ିବାରେ ଲାଗିଛି। ସେତେବେଳର ସହର ତଳି ଅଞ୍ଚଳର ଗ୍ରାମଗୁଡ଼ିକ ଏବେ ନଗର ପରିସର ମଧ୍ୟକୁ ଆସିଗଲାଣି। ଭୁବନେଶ୍ୱର, ବାଲିଅନ୍ତା, ଚନ୍ଦକା, ଜଟଣୀ ପ୍ରଭୃତିର ବହୁ ଗ୍ରାମ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସର ମଧ୍ୟକୁ ଆସିଯାଇଥିବାର ବିଜ୍ଞପ୍ତି ବି ପ୍ରକାଶ ପାଇସାରିଲାଣି। ତେଣୁ ସଚିବାଳୟ ମଧ୍ୟସ୍ଥ କ୍ଷୁଦ୍ର ଜମି ବିଭାଗ ବା Land Sectionକୁ ଭୁବନେଶ୍ୱର ସବ୍‌କଲେକ୍ଟର ବା ଏ.ଡ଼ି.ଏମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖାଗଲେ ରାଜସ୍ୱ ସଂପର୍କୀୟ ରାଜଧାନୀର ଶାସନର ସରଳୀକରଣ ହୋଇପାରିବା ସହ ଜନସାଧାରଣ ସମସ୍ତ ତଥ୍ୟ ଗୋଟିଏ ସ୍ଥାନରୁ ପାଇପାରନ୍ତେ। ଲ୍ୟାଣ୍ଡ ସେକ୍‌ସନ୍‌ଟି ସର୍ବଦା ଜନସାଧାରଣଙ୍କ ସହିତ ଅବିରତ ସଂପର୍କ ରଖିବା ଉଚିତ୍। ହୁଏତ ଏହି ଉପବିଭାଗଟି ସଚିବାଳୟ ପରିସରରେ ଥିବାରୁ ସାଧାରଣଙ୍କ ପକ୍ଷରେ ସେଠାକୁ ଯିବାବି ସମ୍ଭବପର ହେଉନାହିଁ। ତେଣୁ ଏହାକୁ ତୁରନ୍ତ ସଚିବାଳୟ ପରିସର ବାହାରକୁ ନେବାର ଯଥେଷ୍ଟ ଆବଶ୍ୟକତା ରହିଛି। ଏଥିପାଇଁ ସରକାର ପଦକ୍ଷେପ ନେବେ କି?

ମୋ ଜାଣିବାରେ ଜଣେ ଡାଇରେକ୍ଟର ଇଷ୍ଟେଟସ୍ ଥିଲେ ଯେକି ଅନ୍ୟ ନାମରେ ବେନାମି ଚିଠି ଲେଖି ପଠାଇବାରେ ସିଦ୍ଧହସ୍ତ। କୌଣସି ଗଣ୍ଡଗୋଳିଆ ଘଟଣା ତାଙ୍କ ଦୃଷ୍ଟିକୁ ଆସିଲେ ସେ ତୁରନ୍ତ ତାହା ଉପରେ ବେନାମୀ ଦରଖାସ୍ତମାନ ଲେଖି ନିଜ ପଦବୀ ନାମରେ ଡାକରେ ପଠାଇ ଦିଅନ୍ତି। ସଂପୃକ୍ତ ଦରଖାସ୍ତଟି ନିଜ ଘରେ ଥିବା ଟାଇପ ମେସିନ୍‌ରୁ ହିଁ ଟାଇପ୍ କରାଯାଇଥାଏ। ଚିଠିଟି ଡାକରେ ଆସି ପହଞ୍ଚିଲେ ତାହାର ତଦନ୍ତ କରିବାକୁ ସେ ନିଜେ ଯାଇଥାନ୍ତି। ଆଉ କଡ଼ାକଡ଼ି ତଦନ୍ତ ବି କରନ୍ତି। ମାତ୍ର ଫଳ କିଛି ନାହିଁ। କାହିଁକି ଏପରି କଡ଼ାକଡ଼ି ତଦନ୍ତ ହୁଏ ଯାହାର ସମାପ୍ତି ସେହିଠାରେ ହିଁ ହୋଇଥାଏ ତାହା ଡାଇରେକ୍ଟର ସାହେବ ଓ ଅଭିଯୁକ୍ତ ବ୍ୟକ୍ତିଟି ହିଁ ଭଲଭାବରେ ଜାଣନ୍ତି। ସେହି କରିତ୍‌କର୍ମା ଡାଇରେକ୍ଟର ସାହେବଙ୍କ ତଦନ୍ତ କରିବାର ଗୁମରକଥା ସେତେବେଳର ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟିକୁ ଅଣାଯାଇଥିଲା ଓ ତଦନ୍ତ ପରେ ସେଠାରୁ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଗଲା। ଏବେ ଅବଶ୍ୟ ସେ ଅବସର ନେଇ ଭୁବନେଶ୍ୱର ବାହାରେ ରହୁଥିବା ଶୁଣିବାକୁ ମିଳେ।

ସରକାରୀ କୋଠାସବୁରୁ କର ଆଦାୟ କରିବା ନିମନ୍ତେ ଏହି ଉପବିଭାଗ ବର୍ତ୍ତମାନ ଜଣେ ପ୍ରାଦେଶିକ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱରେ ରହିଛି। ସେ ଜଣେ ପ୍ରବୀଣ ଓ କର୍ମତତ୍ପର ବ୍ୟକ୍ତିଭାବେ ବେଶ୍ ପରିଚିତ। ତାଙ୍କର ବାପା ମଧ୍ୟ ଥିଲେ ଜଣେ ପ୍ରବୀଣ ପ୍ରଶାସନିକ ଅଧିକାରୀ। ମୋ ଜାଣିବାରେ ତାଙ୍କ ପରିବାରଟିର ପ୍ରତ୍ୟେକ ବ୍ୟକ୍ତି ସେବା ନିମନ୍ତେ ଉତ୍ସର୍ଗୀକୃତ। ସଂପୃକ୍ତ ବିଭାଗର ମୁଖ୍ୟ ହେଲେ ଡାଇରେକ୍ଟର ଅଫ୍ ଇଷ୍ଟେଟସ୍। ଉପର ଦୁଇ ଉପବିଭାଗର କର୍ମଚାରୀ ସଚିବାଳୟ କ୍ୟାଡ଼ର ଭୁକ୍ତ ହୋଇଥିବାବେଳେ ଏହି ଉପବିଭାଗର କର୍ମଚାରୀ ବିଭାଗୀୟ ମୁଖ୍ୟ ଦପ୍ତରର କର୍ମଚାରୀଙ୍କ ଦରମା ପାଉଛନ୍ତି। ତେଣୁ ଏହି ଉପବିଭାଗର କର୍ମଚାରୀ ସଚିବାଳୟ କ୍ୟାଡ଼ରଭୁକ୍ତ ହେବାରେ ଅସୁବିଧା କେଉଁଠି ରହୁଛି? ମାନନୀୟ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଭାଗ ଥାଇ ମଧ୍ୟ ଏପରି ଅସମାନତା କାହିଁକି ହୋଇଛି ବୋଲି ପଚାରିଲେ ତାହାର ଉତ୍ତର କାହାରିଠାରୁ ମିଳେ ନାହିଁ। ସମ୍ଭବତଃ ଏହାହିଁ ଗଣତନ୍ତ୍ର ଶାସନର ନମୁନା। ଗଣତନ୍ତ୍ରର ଧ୍ୱଜାଧାରୀ ବରିଷ୍ଠ ପ୍ରଶାସକମାନଙ୍କୁ ଏଥିପାଇଁ ସାବାସ୍ ନଦେଇ ରହି ହେଉନାହିଁ।

# ଯାଯାବରର ଡାଏରୀ–୬୯

## ନର୍ତ୍ତକାରୋଲିନାର-ଶବର ରମଣୀ



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ–୯୪୩୯୭୧୯୮୫୭

ଆମେରିକା ମହାଦ୍ୱୀପରେ ୟୁରୋପୀୟ ପର୍ଯ୍ୟଟକ ମାନଙ୍କ ଆଗମନର ବହୁ ବର୍ଷ ପୂର୍ବରୁ ଏହି ଅଞ୍ଚଳରେ ଦଳବଦ୍ଧଭାବେ ବସବାସ କରୁଥିବା ବିଭିନ୍ନ ୪୭୫ ଶ୍ରେଣୀର ଆଦିମ ଜନଜାତିମାନଙ୍କ ମଧ୍ୟରେ ସଉରା (ଶବର) ଜନଜାତି ଥିଲେ ଅନ୍ୟତମ। ୧୬୦୦ ଠାରୁ ୧୭୦୦ ଶତାବ୍ଦୀ ମଧ୍ୟରେ ସେମାନେ ଆଜିର ଭର୍ଜିନିଆ ଓ ନର୍ତ୍ତକାରୋଲିନା ରାଜ୍ୟ ଦେଇ ପ୍ରବାହିତ ଡନ୍‌ନଦୀର ଉପକୂଳରେ ବସବାସ କରି ନିଜର ଜୀବନ ନିର୍ବାହ କରୁଥିଲେ। ସେତେବେଳେ ସେମାନଙ୍କ ସଂଖ୍ୟାଥିଲା ଖୁବ୍ କମ୍। ତିରିଶହଜାର ବର୍ଷ ପୂର୍ବେ ତାଙ୍କର ପୂର୍ବ ପୁରୁଷମାନେ ଯେତେବେଳେ ଏସିଆ ମହାଦେଶରୁ ୟୁରୋପ ଦେଇ ଦୁର୍ଗମ ବେରିଙ୍ଗିଆ ପଥଦେଇ ଉତ୍ତର ଆମେରିକାରେ ପହଞ୍ଚିଥିଲେ, ସେତେବେଳେ ଏହି ଅଞ୍ଚଳ ବଣ ଜଙ୍ଗଲ ଓ ହିଂସ୍ର ଜନ୍ତୁଙ୍କ କ୍ରୀଡାସ୍ଥଳୀ ଥିଲା।

୧୮୦୦ ଶତାବ୍ଦୀରେ ଉପନିବେଶବାଦୀ ୟୁରୋପୀୟମାନଙ୍କ ଆଗମନ ଓ ଡନ୍‌ନଦୀ ଉପତ୍ୟକାରେ ଶିବିର ସ୍ଥାପନ ଫଳରେ, ଏଠାରେ ବହୁ କାଳ ଧରି ବସବାସ କରି ଆସୁଥିବା ଶାନ୍ତିକାମୀ ସଉରା ସଂପ୍ରଦାୟଙ୍କ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଥଲା। ସୁସଜ୍ଜିତ ୟୁରୋପୀୟମାନଙ୍କ ସହିତ ନିରୀହ ସଉରା ସଂପ୍ରଦାୟ କେତେ ଦିନ ବା ସଂଘର୍ଷ କରି ଥାଆନ୍ତେ? ବାଧ୍ୟ ହୋଇ ଯୁଗ ଯୁଗ ଧରି ରହି ଆସିଥିବା ନିଜର ଭିଟାମାଟିକୁ ପରିତ୍ୟାଗ କରି ସେମାନେ ଚାଲିଯାଇଥିଲେ ଅତ୍ୟନ୍ତ ଦୁର୍ଗମ ଜନମାନବ ଶୂନ୍ୟ "ଆଶେଭିଲେ" ପାର୍ବତ୍ୟ ଅଞ୍ଚଳକୁ। ବାରମ୍ବାର ସ୍ଥାନ ପରିବର୍ତ୍ତନ ସାଙ୍ଗକୁ ଖାଦ୍ୟ ପଦାର୍ଥର ଅଭାବ ଫଳରେ, ସଉରା ସଂପ୍ରଦାୟଙ୍କୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଥିଲା। ସଦ୍ୟତମ (୨୦୨୦) ଜନଗଣନାରୁ ଜଣାଯାଏ ଅତୀତରେ ଆମେରିକାରେ ପ୍ରାଚୀନ ବସବାସ କରୁଥିବା ସଉରା ଜନଜାତି ଆଜି ସଂପୂର୍ଣ୍ଣ ବିଲୁପ୍ତ ଅବସ୍ଥାରେ।

ବିଶ୍ୱରେ ସଉରା ଜାତିଙ୍କ ସ୍ଥିତି ଖୋଜିବାକୁ ଗଲାବେଳେ ପ୍ରଥମେ ଆଖି ଆଗକୁ ଆସନ୍ତି ଓଡ଼ିଶାର ଶବର ସଂପ୍ରଦାୟ। ମହାପ୍ରଭୁ ଜଗନ୍ନାଥ ହେଲେ ଶବର ମାନଙ୍କ ଦେବତା। ଓଡ଼ିଶାର ଗ୍ରାମାଞ୍ଚଳରେ ଶବରମାନଙ୍କୁ ସଉରା ବୋଲି ଲୋକମାନେ କୁହନ୍ତି। ଓଡ଼ିଶାର ଗଜପତି, କଳାହାଣ୍ଡି, ରାୟଗଡା, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାରେ ଆଜିବି ସଉରା ସଂପ୍ରଦାୟକୁ ଦେଖିବାକୁ ମିଳେ। ଓଡ଼ିଶାକୁ ବାଦ୍ ଦେଲେ, ମଧ୍ୟ ପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଓ ବିହାରର କିଛି ଅଞ୍ଚଳରେ ମଧ୍ୟ ସଉରାମାନେ ବସବାସ କରନ୍ତି। ତାହା ହେଲେ ମନରେ ପ୍ରଶ୍ନ ସୃଷ୍ଟି ହୁଏ ଏସିଆ ମହାଦେଶରୁ ଆସି ଆମେରିକାର ଡାନ୍‌ନଦୀ ଉପକୂଳରେ ବସତି ସ୍ଥାପନ କରିଥିବା ସଉରା ଜନଜାତିର ମଣିଷମାନେ କ'ଣ ଭାରତୀୟ? ଏହି ପ୍ରଶ୍ନ ସୃଷ୍ଟି ହୋଇଥିଲା, "ଚାପେଲହିଲ୍' ସ୍ଥିତ ନର୍ତ୍ତକାରୋନିଲା ବିଶ୍ୱ ବିଦ୍ୟାଳୟର କେତେକ ଯୁବ ଗବେଷକଙ୍କ ମନରେ। ଏହାର ସତ୍ୟତା ନିରୂପଣ ନିମନ୍ତେ, ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ଗବେଷକମାନେ ଷ୍ଟୋବସ୍ କାଉଣ୍ଟିଂର ଡାନ୍ ନଦୀ ଉପତ୍ୟକାରେ ସଉରାମାନଙ୍କ ଉପସ୍ଥିତ ସଂପର୍କରେ ଦୀର୍ଘ ୧୧ ବର୍ଷ ଧରି ଗବେଷଣା କରିବା ପରେ ୧୯୭୨ ମସିହାରେ ଜଣେ ସଉରା ରମଣୀଙ୍କ ସମାଧୀର ସନ୍ଧାନ ପାଇଥିଲେ। ସମାଧୀ ଖନନ ପରେ ସେଥି ମଧ୍ୟରୁ ପ୍ରାପ୍ତ କଙ୍କାଳ ଓ ମହିଳାଙ୍କ ବ୍ୟବହୃତ ବେଶ ପୋଷାକ, ଅଳଙ୍କାର, ଚିତ୍ରକଳା, ସହିତ କିଛି ପୁସ୍ତିକା ସଂଗ୍ରହ ପୂର୍ବକ ସଉରା ରମଣୀଙ୍କ ପ୍ରକୃତ ପରିଚୟ ପାଇବା ନିମନ୍ତେ, ବିଶେଷ ଗବେଷଣା ପାଇଁ ନର୍ତ୍ତକାରୋଲିନା ସଂଗ୍ରହାଳୟ ଅଧ୍ୟକ୍ଷଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଗବେଷକମାନଙ୍କ ପ୍ରସ୍ତାବର ଗୁରୁତ୍ୱ ଅନୁଭବ କରି ସଂଗ୍ରହାଳୟର ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡ. ବିଲ୍ ଓଲିଭର, କମିଶନ ଅଫ୍ ଇଣ୍ଡିଆନ ଆଫାୟର୍ସଙ୍କ ସହଯୋଗ କ୍ରମେ, ସମାଧୀ ମଧ୍ୟରୁ ପ୍ରାପ୍ତ କଙ୍କାଳର ଅବିକଳ ରୂପ ନିରୂପଣ ସହିତ ସେମାନଙ୍କ ସଭ୍ୟତା ଓ ସଂସ୍କୃତିର ଫୁଙ୍ଖାନୁପୁଙ୍ଖ ଗବେଷଣା ନିମନ୍ତେ, ଶରୀରତତ୍ତ୍ୱ, ନୃତତ୍ତ୍ୱ, ସ୍ଥାପତ୍ୟକଳା ପାରମ୍ପରିକ କଳା, ଚିତ୍ରକଳା ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ଗୋଟିଏ କମିଟି ଗଠନ କରିଥିଲେ। ବାରମ୍ବାର କ୍ଷେତ୍ର ଅଧ୍ୟୟନ, ଆଳାପ, ଆଲୋଚନା କରିବା ସହିତ ସଉରାମାନଙ୍କ ସାମଗ୍ରୀକ ଜୀବନଶୈଳୀକୁ ନେଇ ବିଶେଷଜ୍ଞ କମିଟି ପାରମ୍ପରିକ ଶିଳ୍ପୀ ଓ ଚିତ୍ରକାରମାନଙ୍କ ସହଯୋଗରେ ନିର୍ମାଣ କଲେ ଦୁଇଟି ପ୍ରତିମୂର୍ତ୍ତି ଯାହା ସଉରା ଜନଜାତିଙ୍କ ସଭ୍ୟତା ଓ ସଂସ୍କୃତିକୁ ପ୍ରତିଫଳିତ କରୁଥିଲା। ଦୀର୍ଘକାଳ ଧରି ଅନୁସନ୍ଧାନ ଓ ଗବେଷଣା ପରେ ବି ଗବେଷକମାନଙ୍କ ମନରେ କ୍ଷୁଧା ମେଣ୍ଟି ନ ଥିଲା। ନିର୍ମିତ ମୂର୍ତ୍ତିର ବାସ୍ତବତା ଦୃଢ଼ିଭୂତ କରିବାକୁ ଯାଇ, ଦର୍ଶକ ଓ ଜନସାଧାରଣଙ୍କ ମତାମତ ସଂଗ୍ରହ ନିମନ୍ତେ ସେମାନେ ମୂର୍ତ୍ତି ଦୁଇଟିକୁ "ନର୍ଥ କାରୋଲିନା ଓମେନ ମେକିଙ୍ଗ ହିଷ୍ଟ୍ରି ଏକଜିବିସନ"ରେ ସ୍ଥାନିତ କରିବା ପରେ, ସଂଗ୍ରାହାଳୟର ପ୍ରବେଶ ଦ୍ୱାରରେ ସ୍ଥାପନ କରିଥିଲେ ସଉରା ଜନଜାତିର ଗର୍ବ ଓ ଗୌରବ ଭାବେ। "ରାଲେ'' ମ୍ୟୁଜିୟମ ସାମନାରେ ଶୋଭା ପାଉଥିବା "ସଉରା ରମଣୀ''ଙ୍କ ପ୍ରତିମୂର୍ତ୍ତି ପଛରେ ଲୁଚି ରହିଥିବା ଐତିହାସିକ ଗବେଷଣାରୁ ଉପଲବ୍ଧ ଅନୁଭୂତିକୁ ନେଇ ଦୁଇଜଣ ମୁଖ୍ୟ ଗବେଷକ ଡ. ଓଲିଭେର ଓ ଭିକି-ବେରଜେର ଯାହା ମତବ୍ୟକ୍ତ କରିଛନ୍ତି ତାହା ହେଲା –

୧– ସଉରା ଜନଜାତିର ମଣିଷମାନେ ଥିଲେ ସଂସ୍କୃତି ସଂପନ୍ନ ଓ ପରମ୍ପରାଧର୍ମୀ। ସଉରା ରମଣୀଙ୍କ ରୁଚିଶିଳ ବେଶ ପୋଷାକରୁ ପ୍ରମାଣିତ ହୁଏ, ସେ ଥିଲେ ସଉରା ସଂପ୍ରଦାୟର ଜଣେ ଶୀର୍ଷ ସ୍ଥାନୀୟ ମହିଳା।

୨) ସଉରା ରମଣୀଙ୍କ ସମାଧୀ ଖନନ ବେଳେ ପ୍ରାପ୍ତ, ମୁଲ୍ୟବାନଧାତୁ ନିର୍ମିତ ଅଳଙ୍କାର ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷଗୁଡିକୁ ଦେଖିଲେ ମନେହୁଏ, ବ୍ୟବସାୟ, ବାଣିଜ୍ୟରେ ସଉରାଜାତି ଖୁବ୍ ଦକ୍ଷ ଥିଲେ, ଯେହେତୁ ଏହି ସମସ୍ତ ଜିନିଷ ଦେଶଜ ନୁହେଁ, ବିଦେଶରୁ ଆନିତ। ସମ୍ଭବତଃ ସେମାନେ ବିନିମୟ ପ୍ରଣାଳୀ ଅବଲମ୍ବନ ପୂର୍ବକ ଆବଶ୍ୟକୀୟ ଜିନିଷ ଗୁଡିକୁ ୟୁରୋପୀୟ ମାନଙ୍କ ଠାରୁ ସଂଗ୍ରହ କରୁଥିଲେ।

୩) ସଉରା ଜନଜାତି ଥିଲେ ପରମ୍ପରା ଧର୍ମୀ। ସେମାନଙ୍କର ବର୍ଷରେ ବଡ ପର୍ବ ହେଉଛି "ଗ୍ରୀନକର୍ଣ୍ଣ ସେରେମନି"। ଏହି ପର୍ବ ବେଳେ ସଉରା ରମଣୀମାନେ ଉନ୍ନତ ବେଶ ପୋଷାକ ପରିଧାନ କରି ପ୍ରକୃତିକୁ ପୂଜା କରିବା ସଙ୍ଗେ ପ୍ରଥମେ ଆଦାୟ ହୋଇଥବା ଫସଲକୁ ଦେବତା ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଥାଆନ୍ତି। (ସମ୍ଭବତଃ ସେହି ଦୃଷ୍ଟି କୋଣରୁ ସଉରା–ରମଣୀଙ୍କ ନିର୍ମିତ ମୂର୍ତ୍ତି ହାତରେ ରହିଛି, ଗୋଟିଏ ଗ୍ରୀନକର୍ଣ୍ଣ ବାସ୍କେଟ।)

୪) ବୟନ ଶିଳ୍ପ ଓ ପୋଷାକ ନିର୍ମାଣ କ୍ଷେତ୍ରରେ ସଉରା ଜନଜାତିଙ୍କର ଯଥେଷ୍ଟ ଦକ୍ଷତା ଥିଲା। ଜଙ୍ଗଲଜାତ ପଦାର୍ଥ ବିନିମୟରେ ୟୁରୋପୀୟ ପର୍ଯ୍ୟଟକ ମାନଙ୍କଠାରୁ, ଧାତୁ ନିର୍ମିତ ଆବଶ୍ୟକୀୟ ଦ୍ରବ୍ୟ ସଂଗ୍ରହ କରି, ସେମାନେ ଉନ୍ନତ ରୁଚୀର ବସ୍ତ୍ର ଉତ୍ପାଦନ କରୁଥିଲେ।

ଏହାହିଁ ହେଲା ସଂକ୍ଷିପ୍ତରେ, ଆମେରିକାର ବିଭିନ୍ନ ଅଞ୍ଚଳରେ ଅତୀତରେ ବସବାସ କରୁଥିବା – ସଉରା ଜନଜାତିଙ୍କ କଥା। ଜନଗଣନା ତଥ୍ୟ ଅନୁଯାଇ ସେମାନେ ଆଜି ନିଶ୍ଚିହ୍ନ। ଅଥଚ ପଚାଶ ରାଜ୍ୟ ବିଶିଷ୍ଟ, ବିଶାଳ ଗଣତାନ୍ତ୍ରିକ ଦେଶ ଆମେରିକାରେ ହିନ୍ଦୁମାନଙ୍କ ସଂଖ୍ୟା ବୃଦ୍ଧି ସହିତ, ଅଧିକାଂଶ ରାଜ୍ୟରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ରଥଯାତ୍ରା ମହୋତ୍ସବ ପାଳନ, ପ୍ରାଚୀନ ଯୁଗୀୟ ସଉରା ଜନଜାତିଙ୍କ ସଭ୍ୟତା ଓ ସଂସ୍କୃତିକୁ ଜାଗରିତ କରୁଛି ପ୍ରତ୍ୟେକ ଆମେରିକା ବାସୀଙ୍କ ମନରେ।

ସମୁଦ୍ର କୂଳରେ ଶାମୁକା ଖୋଜୁ ଖୋଜୁ ମୁକ୍ତା ପାଇବା ପରି, ୨୦୧୭ ମସିହାରେ ମୁଁ ଯେତେବେଳେ "ସଉରା ରମଣୀ"ଙ୍କ ମୂର୍ତ୍ତିଟି ଦେଖିଥିଲି ଆନନ୍ଦରେ ଆତ୍ମହରା ହୋଇ, ସେମାନଙ୍କ ସଂପର୍କରେ କିଛି ତଥ୍ୟ ପାଇବା ପାଇଁ ବ୍ୟାକୁଳ ହୋଇ ପଡିଥିଲି। ସବୁବେଳେ ମୋ ମନରେ ଗୁଞ୍ଜାରିତ ହେଉଥିଲା ଦୁଇଟି ପ୍ରଶ୍ନ। ପ୍ରଥମ ପ୍ରଶ୍ନ, ଏହି ସଉରା ରମଣୀ କିଏ? ଦ୍ୱିତୀୟଟି ଥିଲା, ଆମେରିକାର ଅନେକ ରାଜ୍ୟରେ ବସବାସ କରୁଥିବା ବହୁ ସଂଖ୍ୟକ ଜନଜାତିଙ୍କୁ କାହିଁକି 'ନେଟିଭ ଆମେରିକାନ' ବୋଲି କହନ୍ତି? ଏହି ଦୁଇଟି ପ୍ରଶ୍ନର ଉତ୍ତର ସଂପୂର୍ଣ୍ଣ ନହେଲେ ବି ସମ୍ୟକ ଭାବେ ପାଇଛି, ସେଥିପାଇଁ ନିଜକୁ ଧନ୍ୟ ମନେ କରୁଛି। (କ୍ରମଶଃ)

(ଏଥିରେ ସ୍ଥାନିତ ତଥ୍ୟ, The State History Journal for Inquiring Students, spring1994, volume-33 Number-2, The Sauratown Woman ଉପରେ ଆଧାରିତ।)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଅପ୍ରେଲ ୨୦୨୫ ବୁଧବାର



# ଥର୍ମୋମିଟର, ବାରୋମିଟର ଓ ଡାଲ୍‌ଟନ

କଡ଼େଇରେ ପାଣି ରଖି କଡ଼େଇ ତଳେ ନିଆଁ ଜାଳିଲେ ପାଣି ଗରମ ହୁଏ। କାରଣ ନିଆଁରୁ ବାହାରୁଥିବା ତାପ ଦ୍ୱାରା କଡ଼େଇ ଗରମ ହୁଏ। କଡ଼େଇ ଗରମ ହେଲେ କଡ଼େଇରେ ଥିବା ପାଣି ଗରମ ହୁଏ। ଅର୍ଥାତ୍ ପାଣିର ତାପମାତ୍ରା ବଢ଼େ। ତାପମାତ୍ରାକୁ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ। ତାପମାତ୍ରା ମାପକୁ ଆମେ ଡିଗ୍ରୀ ସେଣ୍ଟିଗ୍ରେଡ୍, ଡିଗ୍ରୀ ଫାରେନ୍‌ହାଇଟ୍ ବା କେଲଭିନ୍ ଏକକରେ ପ୍ରକାଶ କରୁ। ସାଧାରଣତଃ ପାଣିର ତାପମାତ୍ରା ୨୫ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଥାଏ। ନିଆଁରେ ଗରମ କଲେ ପାଣିର ତାପମାତ୍ରା ବଢ଼ି ବଢ଼ି ଯେତେବେଳେ ୧୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଯାଏ, ସେତେବେଳେ ପାଣି ଫୁଟିବା ଆରମ୍ଭ କରେ। ପ୍ରତିଦିନର ତାପମାତ୍ରା ମାପିବା ପାଇଁ ମଧ୍ୟ ଥର୍ମୋମିଟର ବ୍ୟବହାର କରାଯାଏ। ଜ୍ୱର ସମୟରେ ଆମ ଜିଭ ତଳେ ଥର୍ମୋମିଟର ରଖି ଦେହର ତାପମାତ୍ରା ମାପ କରାଯାଏ। ସାଧାରଣତଃ ଆମ ଦେହର ତାପମାତ୍ରା ୩୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ବା ୯୮.୬ ଡିଗ୍ରୀ ଫାରେନ୍‌ହାଇଟ୍ ରହିବା କଥା। ଜ୍ୱର ଥିଲେ ଥର୍ମୋମିଟର ଅଧିକ ଦେଖାଏ। ଯେମିତି ଶରୀରର ତାପ ମାପିବା ପାଇଁ ଥର୍ମୋମିଟର ବ୍ୟବହାର କରାଯାଏ, ସେମିତି ବାୟୁମଣ୍ଡଳର ଚାପ ମାପିବା ପାଇଁ ବାରୋମିଟର ବ୍ୟବହାର କରାଯାଏ। ବାୟୁମଣ୍ଡଳରେ ଥିବା ବାୟୁର ଓଜନ ଅଛି। ତେଣୁ ବାୟୁ ସମସ୍ତଙ୍କ ଉପରେ ଚାପ ପକାଏ। ଚାପକୁ ମାପିବା ଲାଗି ସାଧାରଣତଃ ପାସ୍କାଲ, ବର୍ଗମିଟର ପ୍ରତି ନିଉଟନ୍ ଓ ବାର ଏକକ ବ୍ୟବହୃତ ହୁଏ। ପାଗ ସାଧାରଣ ଥିଲେ ବାୟୁମଣ୍ଡଳର ଚାପ ପ୍ରାୟ ୧ ବାର ଥାଏ, ଯାହାକି ୧ ବର୍ଗ ମିଟର ଅଞ୍ଚଳ ଉପରେ ପଡୁଥିବା ୧ ଲକ୍ଷ ନିଉଟନ୍ ବଳ ସହିତ ସମାନ।
କୌଣସି ଅଞ୍ଚଳର ପାଗ ବିଷୟରେ ଜାଣିବା ପାଇଁ ଥର୍ମୋମିଟର ଓ ବାରୋମିଟର ଦରକାର ହୁଏ। କିଛି ସମୟ ପାଇଁ ଗୋଟିଏ ସ୍ଥାନର ବାୟୁମଣ୍ଡଳର ଅବସ୍ଥାକୁ 'ପାଗ' (ୱେଦର) ବୋଲି କୁହାଯାଏ। ପାଗ କହିଲେ ବାୟୁମଣ୍ଡଳର ତାପ, ଚାପ, ଆର୍ଦ୍ରତା, ବାୟୁପ୍ରବାହ, ବାଦଲର ପରିସ୍ଥିତି ଇତ୍ୟାଦି ବିଷୟକୁ ବୁଝାଯାଏ। ଗୋଟିଏ ପ୍ରକାରର ପାଗ ବହୁ ଦିନ ଧରି (ସାଧାରଣତଃ ୩୦ ବର୍ଷ) ଅନୁଭୂତ ହେଲେ, ତାହାକୁ ସେଇ ଅଞ୍ଚଳର 'ଜଳବାୟୁ' (କ୍ଲାଇମେଟ୍) ବୋଲି ଧରି ନିଆଯାଏ। ପ୍ରତିଦିନ ରେଡିଓ ଓ ଟିଭିରେ ପାଗ ବିଷୟରେ ସୂଚନା ଦିଏ। କୌଣସି ପର୍ବପର୍ବାଣି ଥିଲେ ବା ବାହାରକୁ ଯିବାର ଥିଲେ ଆମେ ପାଗ ବିଷୟରେ ଖବର ରଖୁ। ବ୍ୟବସାୟୀ, ମତ୍ସ୍ୟଜୀବୀ, ଉଡ଼ାଜାହାଜ ପାଇଲଟ୍ ଏପରିକି ଜଣେ ସାଧାରଣ କୃଷକ ପାଇଁ ମଧ୍ୟ ପ୍ରତ୍ୟେକ ଦିନର ପାଗ ଜାଣିବା



ନିହାତି ଜରୁରୀ। ଦିନକ ଭିତରେ ଅନେକ ଥର ପାଗର ପରିବର୍ତ୍ତନ ଘଟିପାରେ। ସେହି ଦୃଷ୍ଟିରୁ ଭାବିଲେ, ବର୍ଷ ବର୍ଷ ଧରି ପ୍ରତିଦିନର ପାଗ ବିଷୟରେ କିଛି ଲେଖି ରଖିବା କଥାଟା ଆମକୁ ଅଡୁଆ ଲାଗିପାରେ। କିନ୍ତୁ ଆଶ୍ଚର୍ଯ୍ୟର କଥା, ରସାୟନବିତ୍ ଜନ୍ ଡାଲ୍‌ଟନ ନିଜର ବୈଜ୍ଞାନିକ ଜୀବନର ବ୍ୟସ୍ତତା ଭିତରେ ମଧ୍ୟ ଦୀର୍ଘ ୫୭ ବର୍ଷ ଧରି ପ୍ରତିଦିନର ପାଗ ବିଷୟରେ ଟିପି ରଖୁଥିଲେ।
ଜନ୍ ଡାଲ୍‌ଟନ ୧୭୬୬ ମସିହା ସେପ୍ଟେମ୍ବର ୬ ତାରିଖରେ ଇଂଲଣ୍ଡର ଇଗଲ୍‌ସଫିଲ୍ଡ ନାମକ ନିପଟ ମଫସଲ ଗାଁରେ ଜନ୍ମ ହୋଇଥିଲେ। ତାଙ୍କର 'ପରମାଣୁ ତତ୍ତ୍ୱ' ସାରା ପୃଥିବୀରେ ଆଲୋଡ଼ନ ସୃଷ୍ଟି କରିଥିଲା। ସେ ପାଗ ବିଷୟରେ ନୂଆ ନୂଆ କିଛି ଜାଣିବା ପାଇଁ ସବୁବେଳେ ଆଗ୍ରହୀ ଥିଲେ। ଥର୍ମୋମିଟର ସାହାଯ୍ୟରେ ସେ ପ୍ରତିଦିନର ତାପମାତ୍ରା ମାପୁଥିଲେ ଏବଂ ବାରୋମିଟର ଦ୍ୱାରା ବାୟୁମଣ୍ଡଳୀୟ ଚାପ ମାପି ରଖୁଥିଲେ। ତାଙ୍କର ସବୁଠାରୁ ପ୍ରିୟ ବସ୍ତୁ ଥିଲା ତାଙ୍କ ଟିପାଖାତା। ବାୟୁମଣ୍ଡଳୀୟ ଚାପ ଓ ତାପମାତ୍ରା ମାପିଲା ପରେ ସେହି ଟିପାଖାତାରେ ସେ ପ୍ରତିଦିନର ପାଗ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ଲେଖି ରଖୁଥିଲେ। ପାଣିପାଗ ସମ୍ପର୍କରେ ୧୭୯୩ ମସିହାରେ ତାଙ୍କର ଗୋଟିଏ ବହି ପ୍ରକାଶିତ ହୋଇଥିଲା, ଯାହାର ନାମ ଥିଲା- 'ମେଟେରୋଲୋଜିକାଲ ଅବ୍‌ଜରଭେଶନ୍ ଆଣ୍ଡ୍ ଆସେଜ୍'। ୧୮୪୪ ମସିହା ଜୁଲାଇ ୨୭ ତାରିଖରେ ତାଙ୍କର ମୃତ୍ୟୁ ହେଲା। ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଜୀବନର ଶେଷ ମୁହୂର୍ତ୍ତରେ ମଧ୍ୟ ତାଙ୍କର ଥର୍ମୋମିଟର ଓ ବାରୋମିଟର ପାଠ୍ୟାଙ୍କ ଟିପିବାକୁ ଭୁଲି ନଥିଲେ। ମୃତ୍ୟୁବରଣ କରିବାର ମାତ୍ର କିଛିକ୍ଷଣ ପୂର୍ବରୁ ଥରି ଥରି ଲେଖିଥିଲେ, 'ସାମାନ୍ୟ ବୃଷ୍ଟି ଆଜି ସନ୍ଧ୍ୟାରେ...'। ସେଇ ଦିନକୁ ମିଶାଇ ତାଙ୍କର ପ୍ରିୟ ଟିପାଖାତାରେ ସେ ସମୁଦାୟ ୨୦,୦୦୦ଟି ପାଗ ବିଷୟରେ ଟିପ୍ପଣୀ ଲେଖିଥିଲେ।

## ଗରମ ଅଞ୍ଚଳରେ ରହୁଥିବା ଲୋକଙ୍କର ବୃକକ୍ ଦୁର୍ବଳ : ଅଧ୍ୟୟନ

ଗରମ ଅଞ୍ଚଳରେ ରହୁଥିବା ରୋଗୀଙ୍କ କିଡନୀ ଅଧିକ ଖରାପ ହେଉଛି। କ୍ରନିକ୍ ବୃକକ୍ ରୋଗ (ସିକେଡି) ରୋଗୀ ଯେଉଁମାନେ ଅତ୍ୟଧିକ ଗରମ ଅଞ୍ଚଳରେ ବାସ କରୁଛନ୍ତି ସେମାନଙ୍କର କିଡନୀର କାର୍ଯ୍ୟ କ୍ଷମତାରେ ଅତିରିକ୍ତ ଆଠ ପ୍ରତିଶତ ହ୍ରାସ ପାଇଥିବା ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ (ଏଲଏସଏଚଟିଏମ) ଏବଂ ୟୁନିଭରସିଟି କଲେଜ ଲଣ୍ଡନ (ୟୁସିଏଲ) ସହିତ ଜଡିତ ଗବେଷକଙ୍କ ନେତୃତ୍ୱରେ ହୋଇଥିବା ଏକ ଅଧ୍ୟୟନରେ ଏହା ସାମ୍ନାକୁ ଆସିଛି।
ଦି ଲାନସେଟ୍ ପ୍ଲାନେଟାରୀ ହେଲଥ୍ ଜର୍ଣ୍ଣାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ତାପମାତ୍ରା ବୃଦ୍ଧି ପାଉଥିବାର ଜଳବାୟୁ ଅଞ୍ଚଳରେ ରହୁଥିବା ରୋଗୀଙ୍କ କିଡନୀ କ୍ଷମତାରେ ଏହି ପାର୍ଥକ୍ୟ ଦେଖାଯାଇଥିଲା। ଏସବୁ ଅଞ୍ଚଳରେ ଶୀତ ଏବଂ ଗ୍ରୀଷ୍ମ ତାପମାତ୍ରା ମଧ୍ୟରେ ମଧ୍ୟ ଅଧିକ ପାର୍ଥକ୍ୟ ପରିଲକ୍ଷିତ ହୋଇ ନ ଥାଏ।
ଏହି ଅଧ୍ୟୟନରେ ୨୧ ଟି ଦେଶର ୪,୦୧୭ ଲୋକ ସାମିଲ ହୋଇଥିଲେ। ଏହି ସମସ୍ତ ଲୋକ ବିଭିନ୍ନ ଜଳବାୟୁ ଅଞ୍ଚଳର ଥିଲେ। ସେଥିମଧ୍ୟରୁ କେତେକ ଉଚ୍ଚ ଆୟ ଦେଶରୁ ହୋଇଥିବାବେଳେ କେତେକ ମଧ୍ୟମ ଆୟ ଦେଶରୁ ଆସିଥିଲେ । ଏହା



ଦେଖା ଯାଇଥିଲା ଅତ୍ୟଧିକ ଗରମ ଜଳବାୟୁରେ ରହୁଥିବା ରୋଗୀଙ୍କ କିଡନୀ କାର୍ଯ୍ୟ ପ୍ରତିବର୍ଷ ଅତିରିକ୍ତ ଆଠ ପ୍ରତିଶତ କମିଯାଇଥାଏ। ଏହା ବ୍ୟତୀତ ରୋଗୀଙ୍କର ଓଜନ, ମଧୁମେହ ଏବଂ ରକ୍ତଚାପ ମଧ୍ୟ ତାଙ୍କ ଉପରେ ଅତିରିକ୍ତ ପ୍ରଭାବ ପକାଇଥାଏ।
ଗବେଷକମାନେ ଏହି ଅଧ୍ୟୟନରେ ଉତ୍ତାପ ଏବଂ କ୍ରନିକ୍ କିଡନୀ ରୋଗ (ସିକେଡି) ମଧ୍ୟରେ ଥିବା ସମ୍ପର୍କକୁ ମଧ୍ୟ ଆଲୋକିତ କରିଛନ୍ତି। କ୍ରନିକ୍ କିଡନୀ ରୋଗ ହେଉଛି ଏକ ରୋଗ ଯାହା କିଡନୀକୁ ବର୍ଷ ବର୍ଷ ଧରି ପ୍ରଭାବିତ କରିଥାଏ । ଗରମ ଦେଶରେ କିଡନୀ ସମ୍ବନ୍ଧୀୟ ରୋଗରେ ପୀଡିତ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଉତ୍ତାପ ଏକ ପ୍ରମୁଖ ସମସ୍ୟା ଅଟେ । ଏଥି ସହିତ, ବିଶ୍ୱର ତାପମାତ୍ରା ବୃଦ୍ଧି ପାଉଥିବାରୁ ଏହି ଅବସ୍ଥା ଗୁରୁତର ହୋଇପାରେ। ଅଧ୍ୟୟନ ସହିତ ଜଡିତ ବରିଷ୍ଠ ଲେଖକ ପ୍ରଫେସର ବେନ୍ କ୍ୟାପଲିନଙ୍କ ଅନୁଯାୟୀ, ବର୍ତ୍ତମାନ ଆମେ ଜାଣୁ ଯେ ଏହି ରୋଗରେ ଉତ୍ତାପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଆମେ ଏହାର ମୁକାବିଲା ପାଇଁ ବିଭିନ୍ନ ପଦ୍ଧତିର ସାହାଯ୍ୟ ନେଇପାରିବା। ପ୍ରଚୁର ଜଳ ପିଇବା ପରି, ସୂର୍ଯ୍ୟଙ୍କୁ ଏଡାଇବା ଏବଂ ଅତ୍ୟଧିକ ଉତ୍ତାପର ସଂସ୍ପର୍ଶରେ ଆସିବା। ଏହି ଅଧ୍ୟୟନ ସିକେଡି ରୋଗୀଙ୍କ ଉପରେ ଧ୍ୟାନ ଦିଆଯାଇଥିଲା, ତେଣୁ ସାଧାରଣ କିଡନୀ ଥିବା ଲୋକଙ୍କ ଉପରେ ଉତ୍ତାପର କି ପ୍ରଭାବ ପଡିଥାଏ ତାହା କୁହାଯାଇପାରିବ ନାହିଁ। ସମ୍ପ୍ରତି ପୃଥିବୀର ପ୍ରତ୍ୟେକ ଦଶମ ବ୍ୟକ୍ତି କିଡନୀ ସମ୍ବନ୍ଧୀୟ ରୋଗର ଶିକାର ହେଉଛନ୍ତି। ଭାରତର ଜନସଂଖ୍ୟାର ୧୬ ପ୍ରତିଶତ କ୍ରନିକ୍ ବୃକକ୍ ରୋଗରେ ପୀଡିତ। ୨୦୧୮ରେ ଡାଏଲିସିସ୍ ଗ୍ରହଣ କରୁଥିବା ରୋଗୀଙ୍କ ସଂଖ୍ୟା ଭାରତରେ ସର୍ବାଧିକ ୧ ଲକ୍ଷ ୭୫ ହଜାର ଥିଲା।

## ଖରାଦିନେ ଏପରି ନିଅନ୍ତୁ ତ୍ୱଚାର ଯତ୍ନ

ଯଦି ଆପଣ ଖରାଦିନରେ କେଉଁଠିକି ବୁଲିବାକୁ ଯାଉଛନ୍ତି ତେବେ ସାଙ୍ଗରେ ଭଲ କ୍ଲିଞ୍ଜର, ଟୋନର, ମଶ୍ଚରାଇଜର ନେବାକୁ ଭୁଲନ୍ତୁ ନାହିଁ। ଏହାପରେ ସନ୍‌ସ୍କ୍ରିନ୍ ଲୋସନ୍ ବ୍ୟବହାର କରିପାରିବେ, ଯାହା ଲୋମଛିଦ୍ରକୁ ବନ୍ଦକରୁ ନ ଥିବ, ଏହା ମୁହଁକୁ ଭଲ ଲୁକ୍ ଦେବ... ନିଜ ତ୍ୱଚା ଅନୁଯାୟୀ ମୁହଁରେ ଭଲ ପ୍ରାଇମର ବ୍ୟବହାର କରିପାରନ୍ତି। ଏହାପରେ ମେକ୍‌ଅପ୍ ମୁହଁରେ ଭଲଭାବେ ମିଶିଯିବ। ପୁଣି ଭଲ ଶେଡ୍‌ର କନ୍‌ସିଲର ଦ୍ୱାରା ଦାଗକୁ ଲୁଚାଇପାରିବେ। ଏହାପରେ ମ୍ୟାଟ୍ ଫିନିସ୍ ଫାଉଣ୍ଡେଶନକୁ ସ୍ପଞ୍ଜ ସହାୟତାରେ ମୁହଁରେ ଲଗାନ୍ତୁ। ଏହି ଉପାୟ ତେଲିଆ ତ୍ୱଚା ଲାଗି ବେଶ୍ ଉପଯୋଗୀ ହୋଇଥାଏ। ଏହାପରେ ମେକ୍‌ଅପ୍ ସେଟ୍ କରିବାକୁ ହେଲେ କିଛି ଲୁଜ୍ ପାଉଡରର ପ୍ରୟୋଗ କରିପାରନ୍ତି। ପୁଣି ନାଚୁରାଲ କଲର ଏବଂ ବ୍ଲଶର ଲଗାନ୍ତୁ। ଆଇବ୍ରୋକୁ ସେଟ୍ କରିବାକୁ ହେଲେ ଆଇବ୍ରୋ ପେନ୍‌ସିଲ୍ ବ୍ୟବହାର କରିପାରନ୍ତି। ଆଖି ଲାଗି ସବୁବେଳେ ବ୍ଲାକ୍ ପେନ୍‌ସିଲ୍ ହିଁ ଚୟନ କରନ୍ତୁ। ଆଇଲ୍ୟାସ୍‌କୁ ଦିନସାରା ସେଟ୍ ରଖିବାକୁ ଚାହୁଁଥିଲେ ୱାଟରପ୍ରୁଫ୍ ମସ୍କରା ଲଗାଇବାକୁ ଭୁଲନ୍ତୁ ନାହିଁ। ଯଦି ଆପଣ ଚାହୁଁଥାନ୍ତି ସବୁ ପ୍ରଡକ୍ଟ ସେପରି ରହୁ ତେବେ ଏସ୍‌ପିଏଫ ଯୁକ୍ତ ଫାଉଣ୍ଡେଶନର ପ୍ରୟୋଗ କରନ୍ତୁ। ଲିପ୍‌ଷ୍ଟିକ୍ ଅଧିକ ସମୟ ପର୍ଯ୍ୟନ୍ତ ଓଠରେ ରଖିବାକୁ ହେଲେ ପ୍ରଥମେ ହାଲ୍‌କା ଫାଉଣ୍ଡେଶନ କିମ୍ବା ପାଉଡର ଲଗାଇବା ପରେ ଲିପ୍ ପେନ୍‌ସିଲ ବା ଲିପ୍‌ଷ୍ଟିକ୍ ଲଗାନ୍ତୁ।

## ମଣିଷର ଆୟୁଷ ବଢ଼ାଇଥାଏ କଳାଅଣ୍ଡା

ସାଧାରଣତଃ ଅଣ୍ଡାର ରଙ୍ଗ ଧଳା କିମ୍ବା ବାଦାମୀ ରଙ୍ଗର ହୋଇଥାଏ । କିନ୍ତୁ କଳା ରଙ୍ଗର ଅଣ୍ଡା ଯେ ଥାଇପାରେ ଏକଥା ଅନେକଙ୍କୁ ଅଜଣା । ଏବେ ଜାପାନରେ କଳା ରଙ୍ଗର ଅଣ୍ଡା ଦେଖିବାକୁ ମିଳୁଛି, ଯାହାକୁ ଖାଇଲେ ଆୟୁଷ ବଢିଥାଏ ବୋଲି ସେଠାକାର ଲୋକଙ୍କ ଧାରଣା । ଜାପାନର ମାଉଣ୍ଟ ହୋକେନ୍‌ରେ ରହିଛି ଓବାକୁଦାନୀ ନାମକ ଏକ ବଏଲିଂ ସେଣ୍ଟର । ବହୁ ବର୍ଷ ପୂର୍ବେ ଏହି ସହରର କିଛି ଦୂରରେ ଆଗ୍ନେୟଗିରିରେ ଲାଭା ଉଦ୍‌ଗିରଣ ପରେ ବଦଳି ଯାଇଥିଲା ଆଖପାଖ ଅଞ୍ଚଳର ସ୍ଥିତି । ସେତେବେଳେ ଅଗ୍ନି ଉଦ୍‌ଗିରଣ ଯୋଗୁ ଛୋଟବଡ଼ ଉଷ୍ମ ପ୍ରସ୍ରବଣ ଭଳି ପୁଷ୍କରିଣୀ ସୃଷ୍ଟି ହୋଇଥିଲା । ତେବେ ଏଠାକାର ସ୍ଥାନୀୟ ଅଧିବାସୀମାନେ ଏହି ଫୁଟନ୍ତା ପାଣିରେ ସାଧାରଣ ଅଣ୍ଡାକୁ ସିଝାଇଥାନ୍ତି, ଯାହା ସିଝିଗଲେ କଳା ରଙ୍ଗରେ ପରିଣତ ହୋଇଯାଏ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବିଶ୍ୱାସ ଅଛି ଯେ, ଏହି ପାଣିରେ ସିଝା ଯାଇଥିବା ଅଣ୍ଡାକୁ ଖାଇଲେ ଲୋକଙ୍କ ଆୟୁଷ ବଢ଼ିଯାଏ । ବାସ୍ତବରେ, ଏହି ପାଣିରେ ପ୍ରଚୁର ମାତ୍ରାରେ ସଲ୍ଫର ଭଳି କୃତ୍ରିମ ରାସାୟନିକ ପଦାର୍ଥ ଅଧିକ ମାତ୍ରାରେ ରହିଥାଏ । ଏହି ପାଣିରେ ଅଣ୍ଡା ଶିଝାଇଲେ ଅଣ୍ଡାର ଖୋଳପା କଳା ପଡ଼ିଯାଇଥାଏ । ଏହାସହିତ ଅଣ୍ଡାର ସ୍ୱାଦ ବି ବଦଳିଯାଏ ।



## ମାଇଗ୍ରେନ୍‌ରୁ ମୁକ୍ତି ଦେବ ସବୁଜ ଦୁବ ଘାସ



ସବୁଜ ଘାସ ବିନା ପ୍ରଭୁ ଗଣେଶଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଦୁବ କେବଳ ଆମ ଧର୍ମରେ ନୁହେଁ ବରଂ ଆୟୁର୍ବେଦରେ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଘାସ ଅସହ୍ୟ ମୁଣ୍ଡବିନ୍ଧା, ମାଇଗ୍ରେନ୍ ସହିତ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେବାରେ ସକ୍ଷମ। ଆୟୁର୍ବେଦିକ ବିଶେଷଜ୍ଞମାନେ ଘାସକୁ ଗୁଣର ଏକ ଭଣ୍ଡାର ଭାବରେ ବର୍ଣ୍ଣନା କରନ୍ତି। ମଖମଲ ଘାସ କେବଳ ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ସକାଳେ ଏବଂ ସନ୍ଧ୍ୟାରେ ଏହି ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ରକ୍ତଚାପ, ମାଇଗ୍ରେନ୍ ତଥା ମାନସିକ ଚାପ ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ ଏବଂ ଦୃଷ୍ଟିଶକ୍ତି ମଧ୍ୟ ଉନ୍ନତ ହୋଇଥାଏ। ପଞ୍ଜାବର ବାବେସ୍ ଆୟୁର୍ବେଦିକ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲର ଡାକ୍ତର ପ୍ରମୋଦ ଆନନ୍ଦ ତିୱାରୀ (ଏମ୍‌ଡି) କହିଛନ୍ତି, 'ଆୟୁର୍ବେଦରେ ଦୁବକୁ ଏକ ଔଷଧ ଏବଂ ଗୁଣର ଖଣି କୁହାଯାଏ । ଏହା ପେଟ ରୋଗ ଏବଂ ମାନସିକ ଶାନ୍ତି ପାଇଁ ଲାଭଦାୟକ। ଦୁବ ରସ ପିଇବା ଦ୍ୱାରା ରକ୍ତହୀନତା ଦୂର ହୋଇପାରେ। ଏହା ହିମୋଗ୍ଲୋବିନ୍ ସ୍ତରକୁ ମଧ୍ୟ ବୃଦ୍ଧି କରେ।' ସେ କହିଥିଲେ, ଯେ ଘାସରେ କ୍ୟାଲସିୟମ, ଆୟରନ୍, ଫସଫରସ ସହିତ ଫାଇବର, ପ୍ରୋଟିନ ଏବଂ ପୋଟାସିୟମ ମଧ୍ୟ ରହିଥାଏ । ତେଣୁ ଏହାକୁ ଔଷଧୀୟ ଗୁଣର ଏକ ଭଣ୍ଡାର ଭାବରେ ବିବେଚନା କରାଯାଏ । ପାର୍କଗୁଡ଼ିକରେ ଥିବା ସବୁଜ ଘାସ ଉପରେ ସକାଳେ ଏବଂ ସନ୍ଧ୍ୟାରେ ଖାଲି ପାଦରେ ଚାଲିବା ଦ୍ୱାରା ମାଇଗ୍ରେନ୍ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରେ ଏବଂ ଦୃଷ୍ଟିଶକ୍ତି ମଧ୍ୟ ଉନ୍ନତ କରେ। ଦୁବ ହୃତ୍‌ପିଣ୍ଡ ପାଇଁ ମଧ୍ୟ ବହୁତ ଲାଭଦାୟକ।' ଆୟୁର୍ବେଦିକ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ତାଜା ଦୁବ ଘାସକୁ ବାଟି ଏହାର ରସ ପିଇବା ଦ୍ୱାରା ଅନେକ ସମସ୍ୟା ଦୂର ହୁଏ । ଦୁବ ଘାସ ଖାଇବା ଦ୍ୱାରା କେବଳ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ନାହିଁ, ବରଂ ଏହା ମହିଳାମାନଙ୍କୁ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ଦିଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦିଏ।
ସେ କହିଥିଲେ, 'ଯଦି ଆପଣଙ୍କର ମାଇଗ୍ରେନ୍ କିମ୍ବା ମୁଣ୍ଡବିନ୍ଧା ଅଛି, ତେବେ ସକାଳେ ଏବଂ ସନ୍ଧ୍ୟାରେ ଖାଲି ପାଦରେ ଘାସ ଗାଲିଚାରେ ଚାଲିବା ଏବଂ ଘାସ ରସ ପିଇବା ଦ୍ୱାରା ଅନେକ ସୁଫଳ ମିଳିଥାଏ । ଯଦି ଶରୀରରେ ଯନ୍ତ୍ରଣା ହେଉଛି କିମ୍ବା ଦାନ୍ତରେ ଯନ୍ତ୍ରଣା ହେଉଛି, ମାଢ଼ିରୁ ରକ୍ତସ୍ରାବ ହେଉଛି, ପାଟିରେ ଘା' ହେଉଛି, ତେବେ ଘାସ ରସକୁ ମହୁ କିମ୍ବା ଘିଅ ସହିତ ମିଶାଇ ପିଇବା ଦ୍ୱାରା ମଧ୍ୟ ତୁରନ୍ତ ଆରାମ ମିଳିଥାଏ।'

## ହୃଦ୍‌ଘାତର ଆଶଙ୍କା କମାଏ ଆଭୋକାଡୋ



**ଭୁବନେଶ୍ୱର: ନ୍ୟୁଜ ବ୍ୟୁରୋ**
ସ୍ୱାସ୍ଥ୍ୟ ପାଇଁ ସନ୍ତୁଳିତ ଆହାର ଜରୁରି। ସେଥିପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବାକୁ ସାମିଲ୍ କରିବାକୁ କୁହାଯାଇଥାଏ । ପ୍ରତ୍ୟେକ ଫଳର କିଛି ନା କିଛି ବିଶେଷତ୍ୱ ରହିଥାଏ, ଯଦ୍ୱାରା ଏହା ଲୋକଙ୍କର ପସନ୍ଦିଆ ଫଳ ହୋଇଥାଏ । ସେମିତି ଏକ ଫଳ ହେଉଛି ଆଭୋକାଡୋ, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏହା ପୋଷକ ତତ୍ତ୍ୱରେ ଭରା । ଏହା ପାଚନ ତନ୍ତ୍ରଠାରୁ ଆରମ୍ଭ କରି ମଧୁମେହ ଓ ହୃଦ୍‌ଘାତ ତଥା ମସ୍ତିଷ୍କ ପାଇଁ ମଧ୍ୟ ବେଶ ଉପକାରୀ। ଚାଲନ୍ତୁ ଜାଣିବା ଆଭୋକାଡୋରୁ ଶରୀରକୁ କି ଲାଭ ମିଳିଥାଏ । ଆଭୋକାଡୋ ଲିପଡ୍ ପ୍ରୋଫାଇଲ୍‌ରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ। ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍ ସ୍ତରକୁ କମ୍ କରାଯାଇପାରେ । ଟ୍ରାଇଗ୍ଲିସରାଇଡସ୍ ଏବଂ ଏଲ୍‌ଡିଏଲ୍‌କୁ କମ୍ କରି ଏଚ୍‌ଡିଏଲ୍‌କୁ ବଢାଇଥାଏ । ଡାଏଟ୍‌ରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଅଧିକ ବଢି ନଥାଏ । ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ରୋକା ଯାଇପାରିବ । ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତନଳୀରେ ଜମୁଥିବା ଚର୍ବିକୁ ମଧ୍ୟ କମ୍ କରିଥାଏ । ଅନ୍ତନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ । ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଅବଶୋଷଣ କରିଥାଏ । ଆଭୋକାଡ୍ ସହ ଟମାଟୋ ସସ୍ ଓ ଗାଇଜର ମିଶାଇ ଖାଇବା ଦ୍ୱାରା ଭିଟାମିନ୍ ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ମହତ୍ତ୍ୱପୂର୍ଣ୍ଣ । ଏହା ପାଚନ ତନ୍ତ୍ରରେ ସୁଧାର ଆଣିଥାଏ । ଏକ ସୁସ୍ଥ ଅନ୍ତନଳୀ ମାଇକ୍ରୋବାୟୋମ୍ ପ୍ରତିରୋଧ କାର୍ଯ୍ୟକୁ ମଜଭୁତ୍ କରିଥାଏ । ପୁରୁଣା ରୋଗରୁ ମଧ୍ୟ ଆଶ୍ୱସ୍ତି ଦେଇଥାଏ ।
ବୟସ୍କ ଲୋକମାନେ ଡାଏଟ୍‌ରେ ଆଭୋକାଡୋ ସାମିଲ୍ କରିବା ଦ୍ୱାରା ସ୍ମରଣଶକ୍ତିରେ ସୁଧାର ଆସିଥାଏ ।

## ଫଳ ଖାଇବା ପୂର୍ବରୁ ଲୁଣ ପାଣିରେ ରଖିବା ଦ୍ୱାରା ସ୍ୱାସ୍ଥ୍ୟପକ୍ଷେ ଲାଭ

ଗ୍ରୀଷ୍ମ ଋତୁରେ ଲୋକମାନେ ପ୍ରାୟତଃ ଯଥାସମ୍ଭବ ଫଳ ଖାଇବାକୁ ପସନ୍ଦ କରନ୍ତି। କାରଣ ଏହା ଶରୀରକୁ ଥଣ୍ଡା ରଖିବା ସହିତ ବେଶ ଲାଭଦାୟକ ମଧ୍ୟ। ଖରାରେ ଲୋକମାନେ ପ୍ରଚୁର ପରିମାଣରେ ଷ୍ଟ୍ରବେରୀ, ବେରି ଏବଂ ଆମ୍ବ ଖାଆନ୍ତି। ଅନେକ ଲୋକ ଅଛନ୍ତି ଯେଉଁମାନେ ପାଣିରେ ଥରେ ଧୋଇବା ପରେ ଫଳ ଖାଆନ୍ତି। କିନ୍ତୁ ଏହା କରିବା ସମ୍ପୂର୍ଣ୍ଣ ଭୁଲ। ଫଳ ହେଉ କିମ୍ବା ପନିପରିବା, ଖାଇବା ପୂର୍ବରୁ ସେଗୁଡ଼ିକୁ ଭଲ ଭାବରେ ଧୋଇବା ଉଚିତ କାରଣ ଏଥିରେ ପ୍ରୟୋଗ ହୋଇଥିବା କୀଟନାଶକ ଠିକ୍ ଭାବରେ ସଫା ହୁଏ ନାହିଁ। ଯଦି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ନିଆ ନଯାଏ, ତେବେ ଏହି କୀଟନାଶକ ପେଟରେ ପ୍ରବେଶ କରି ଗମ୍ଭୀର ରୋଗ ସୃଷ୍ଟି କରିପାରେ। ଖରାଦିନେ ପ୍ରାୟତଃ ଫଳ ଖାଇବା ପୂର୍ବରୁ ପାଣିରେ ପକାଇ ଦିଅନ୍ତି ଏବଂ ତା'ପରେ ବାହାର କରି ଖାଇବା ଆରମ୍ଭ କରନ୍ତି। କିନ୍ତୁ ଯଦି ତୁମେ ଫଳଗୁଡ଼ିକୁ ଲୁଣ ପାଣିରେ ପକାଅ, ତେବେ ସେଗୁଡ଼ିକ ଭଲ ଭାବରେ ସଫା ହୋଇଯିବ। ଯେପର୍ଯ୍ୟନ୍ତ ଷ୍ଟ୍ରବେରିର କଥା, ସେଗୁଡ଼ିକୁ ସଫା କରିବା ବହୁତ କଷ୍ଟକର। ଯଦି ଆପଣ ଷ୍ଟ୍ରବେରି ଖାଇବାକୁ ଚାହୁଁଛନ୍ତି, ତେବେ ଏହାକୁ ଭିତରୁ ସଫା କରିବା ପାଇଁ ଲୁଣ ପାଣିରେ ପକାଇବା ବହୁତ ଗୁରୁତ୍ୱପୂର୍ଣ୍ଣ। ଲୁଣ ପାଣିରେ ଷ୍ଟ୍ରବେରୀ, ଆମ୍ବ, ବେରି ମିଶାଇଲେ, ଏହା ଭଲ ଭାବରେ ସଫା ହୋଇଯାଏ। ଏହି ପଦ୍ଧତିରେ ଫଳ ଭିତରେ ଥିବା କୀଟପତଙ୍ଗଗୁଡ଼ିକୁ ଭଲ ଭାବରେ ସଫା କରାଯାଏ। ଏହା ସହିତ, ଏହାର ଚୋପା ଉପରେ କୀଟନାଶକର ପ୍ରଭାବ ମଧ୍ୟ ହ୍ରାସ ପାଏ। ବେରି:ବେରିରେ ଭିଟାମିନ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବର ଭରପୂର ପରିମାଣରେ ଥାଏ। ଏହା ପୁଷ୍ଟିକର ପଦାର୍ଥରେ ଭରପୁର। ଏହା ହଜମ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ସହିତ ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଖାଇବା ପୂର୍ବରୁ ଏହାକୁ ଲୁଣ ପାଣିରେ ଅଧ ଘଣ୍ଟା ରଖନ୍ତୁ ଏବଂ ତା'ପରେ ବାହାର କରିଦିଅନ୍ତୁ। ପାଣି ଶୁଖିବା ପରେ ଖାଆନ୍ତୁ, ଏହାର ଲାଭ ଦ୍ୱିଗୁଣିତ ହେବ। ଆମ୍ବ:ଆମ୍ବ ଖାଇବା ପୂର୍ବରୁ ଏହାକୁ ଲୁଣ ପାଣିରେ ରଖନ୍ତୁ । ଯାହା ଦ୍ୱାରା ଏହାର ଚୋପାରେ ଥିବା କୀଟନାଶକ ସଫା ହୋଇଯାଏ। ଏଥିସହ ଏହା ଆପଣଙ୍କ ପାଚନକ୍ରିୟା ପାଇଁ ବହୁତ ଭଲ। ଜାମୁ:ଜାମୁରେ ଭିଟାମିନ୍, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭରପୂର ପରିମାଣରେ ରହିଥାଏ। ଏହାକୁ ଖାଇବା ପୂର୍ବରୁ ଲୁଣ ପାଣିରେ ରଖନ୍ତୁ। ଏହା ଏହାର ସ୍ୱାଦକୁ ବୃଦ୍ଧି କରିଥାଏ। ଫଳ ଏବଂ ପନିପରିବା କିପରି ଖାଇବେ: ଯେତେବେଳେ ଆପଣ ଫଳ ଏବଂ ପନିପରିବା ଖାଆନ୍ତି ସେତେବେଳେ ଖାଇବା ପୂର୍ବରୁ ସେଗୁଡ଼ିକୁ ଧୋଇ ନିଅ। କିଛି ଫଳ ଯାହାର ଚୋପା ଆପଣ ଛଡ଼ାଇ ପାରିବେ ନାହିଁ, ତାହାକୁ ଧୋଇ ଟିକେ ଲୁଣ ପାଣିରେ ବୁଡ଼ାଇ ରଖିବା ଉଚିତ। ଏହା ସାହାଯ୍ୟରେ,ଆପଣ ଏହାକୁ ସଠିକ୍ ଉପାୟରେ ବ୍ୟବହାର କରିପାରିବେ। ବ୍ଲୁବେରି, ଷ୍ଟ୍ରବେରି, ବ୍ଲାକବେରି, ଚେରି, ଅଙ୍ଗୁର ଇତ୍ୟାଦି ଫଳ ଖାଇବା ପୂର୍ବରୁ ଭଲ ଭାବରେ ଧୋଇବା ଉଚିତ।

## ଶ୍ୱାସରୋଗ ଔଷଧ ବିକ୍ରିରେ ବୃଦ୍ଧି

ଦେଶରେ ଔଷଧ ବିକ୍ରିର ପରିମାଣ ମହାମାରୀ ପୂର୍ବସ୍ତରକୁ ଖସି ଆସିଛି। ଏହି ସମୟରେ ଔଷଧ ଦରରେ ବୃଦ୍ଧି ଦେଖିବାକୁ ମିଳିଛି । ଯାହାଫଳରେ ଗତ ଏପ୍ରିଲ ମାସରେ ଭାରତୀୟ ଫାର୍ମା ବଜାର(ଆଇପିଏମ୍)ରେ ଔଷଧର ବିକ୍ରି ୨୦୧୯ ଏପ୍ରିଲ ତୁଳନାରେ ମାତ୍ର ୦.୨୧ ପ୍ରତିଶତ ବୃଦ୍ଧି ପାଇଛି। ହୃଦ୍‌ରୋଗ, ମଧୁମେହ, ଭିଟାମିନ ଆଦି ଔଷଧ ବିକ୍ରିରେ ହ୍ରାସ ହୋଇଥିବା ବେଳେ ଶ୍ୱାସଜନିତ ରୋଗ, ଆଣ୍ଟି-ଇନ୍‌ଫେକଫିଭ ଏବଂ ପେନ ଏବଂ ଆନାଲଜେସିକ୍ସ ବିକ୍ରିରେ ବୃଦ୍ଧି ନଜରକୁ ଆସିଛି । ଫାର୍ମାରାକ ଆୱାକ୍ସ ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଆଇପିଏମ୍‌ର ବାର୍ଷିକ ଅଭିବୃଦ୍ଧି ୨୦୧୯ ଏପ୍ରିଲ ତୁଳନାରେ ୨୦୨୩ ମସିହାରେ ୬ ପ୍ରତିଶତ ରହିଛି। ହେଲେ ୨୦୨୨ ତୁଳନାରେ ମାତ୍ର ୧.୯ ପ୍ରତିଶତ ବୃଦ୍ଧି ହୋଇଛି । ଭିଟାମିନ ଔଷଧର ବିକ୍ରି ବିଯୁକ୍ତ ୨.୨ ପ୍ରତିଶତ ରହିଛି। ହୃଦ୍‌ରୋଗ, ମଧୁମେହ ଔଷଧର ଅଭିବୃଦ୍ଧି ଏକ ଅଙ୍କରେ ସୀମିତ ରହିଛି। ଡାକ୍ତର-ବିଶେଷଜ୍ଞଙ୍କ ମତରେ କୋଭିଡ୍ ପରେ ଲୋକମାନଙ୍କଠାରେ ଶ୍ୱାସରୋଗ ବୃଦ୍ଧି ପାଇଛି । ତେଣୁ ଅନ୍ୟ ଔଷଧର ବିକ୍ରି ହ୍ରାସ ପାଉଥିବା ବେଳେ ଶ୍ୱାସରୋଗ ଔଷଧର ବିକ୍ରି ବଢ଼ିଛି। ଫାର୍ମାରାକ ଆୱାକ୍ସର ଉପ-ସଭାପତି ସୀତଲ ସାପଲେଙ୍କ ମତରେ, ଏପ୍ରିଲ ମାସରେ ଅଧିକାଂଶ ଔଷଧର ବିକ୍ରି ହ୍ରାସ ପାଇଛି। ୨୦୧୯ ମସିହାରେ ଆଇପିଏମ୍‌ର ବଜାର ୧୩୨,୮୧୦ କୋଟି ଟଙ୍କା ଥିବା ବେଳେ ୨୦୨୩ରେ ଏହା ୧୮୪,୮୫୯ କୋଟିକୁ ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ଏଥିରେ ୯.୭ ପ୍ରତିଶତ ବୃଦ୍ଧି ହୋଇଛି। ହୃଦ୍‌ରୋଗ ଜନିତ ଔଷଧର ବିକ୍ରି ୨୦୧୯ ମସିହାରେ ୧୬,୫୨୭ କୋଟି ଥିବା ବେଳେ ୨୦୨୩ ଏପ୍ରିଲରେ ଏହା ୨୩,୯୯୯ କୋଟିରେ ପହଞ୍ଚିଛି। ବିକ୍ରି ପରିମାଣ ନୁହେଁ, ଔଷଧ କମ୍ପାନିମାନେ ଔଷଧର ଦର ବୃଦ୍ଧି କରିବା ଫଳରେ ଏହି ବୃଦ୍ଧି ଦେଖିବାକୁ ମିଳିଛି। ଯଦି ବାର୍ଷିକ ବିକ୍ରିକୁ ହିସାବକୁ ନିଆଯାଏ ତା'ହାଲେ ଏହି ସମୟରେ ଔଷଧ ବିକ୍ରି ପରିମାଣ ୧.୯ ପ୍ରତିଶତରେ ଏକପ୍ରକାର ସ୍ଥିର ଥିବା ବେଳେ ଔଷଧର ଦର ବୃଦ୍ଧି ୫.୯ ପ୍ରତିଶତ ରହିଛି। ସେହିପରି ଏକ ଔଷଧ କମ୍ପାନିର ବରିଷ୍ଠ ଅଧିକାରୀ କହିଛନ୍ତି, ଔଷଧର ବିକ୍ରି ଅଭିବୃଦ୍ଧି ଏକପ୍ରକାର ସ୍ଥାଣୁ ପାଲଟିଛି । ମଧୁମେହ ରୋଗ କ୍ଷେତ୍ରରେ ଉତ୍ପାଦର ବୃଦ୍ଧି ହାର ବାର୍ଷିକ ୫.୪ ପ୍ରତିଶତ ଦେଖିବାକୁ ମିଳିଥିବା ବେଳେ ବିକ୍ରି ପରିମାଣ ୧.୧ ପ୍ରତିଶତ ହ୍ରାସ ପାଇଛି। ଲୋକମାନେ କମ୍ ଦାମ୍ ଥିବା ଔଷଧ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହାସେତ୍ତ୍ୱ ବି ଔଷଧ ବିକ୍ରିରେ ବୃଦ୍ଧି ହେଉନାହିଁ। ଯାହାକି ଚିନ୍ତାର ବିଷୟ ବୋଲି ଅଧିକାରୀ ଜଣକ କହିଛନ୍ତି। ଅପରପକ୍ଷରେ କରୋନା ମହାମାରୀ ସମୟରେ ଭିଟାମିନ ଔଷଧର ବିକ୍ରି ଯଥେଷ୍ଟ ବୃଦ୍ଧି ପାଇଥିଲା। ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ଅଧିକ ମାତ୍ରରେ ଭିଟାମିନ ଔଷଧ ଖାଇବାକୁ ପସନ୍ଦ କରିଥିଲେ। ତେବେ ଟିକାକରଣ ଓ ମହାମାରୀ ହ୍ରାସ ପାଇବାରେ ଭିଟାମିନ ଔଷଧ ବିକ୍ରି ଯଥେଷ୍ଟ ହ୍ରାସ ପାଇଛି। ଫାର୍ମାରାକ ଆୱାକ୍ସର ତଥ୍ୟ ଅନୁସାରେ ଭିଟାମିନ ଔଷଧର ବିକ୍ରି କେବଳ ଏପ୍ରିଲ ମାସରେ ୧୨.୪ ପ୍ରତିଶତ ହ୍ରାସ ପାଇଛି। ବାର୍ଷିକ ସ୍ତରରେ ଏଥିରେ ୦.୮ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି।

# ବାଂଲାଦେଶ ଗସ୍ତ ପାଇଁ ଘୋଷଣା ହେଲା ଟିମ୍ ଇଣ୍ଡିଆର କାର୍ଯ୍ୟସୂଚୀ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ଅଗଷ୍ଟରେ ବାଂଲାଦେଶ ଗସ୍ତରେ ୩ଟି ଦିନିକିଆ ଏବଂ ୩ଟି ଟି-୨୦ ମ୍ୟାଚ୍‌ର ସିରିଜ ଖେଳିବ। ଏହି ଗସ୍ତ ଦିନିକିଆ ସିରିଜ ସହିତ ଆରମ୍ଭ ହେବ। ସିରିଜ୍‌ର ପ୍ରଥମ ମ୍ୟାଚ ଅଗଷ୍ଟ ୧୭ରେ ଖେଳାଯିବ। ଟି-୨୦ ସିରିଜ ଅଗଷ୍ଟ ୨୬ରୁ ଆରମ୍ଭ ହେବ। ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ) ମଙ୍ଗଳବାର ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରିଛି।

ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୭ରେ ମୀରପୁରର ଶେର-ଏ-ବାଂଲା ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ଅଗଷ୍ଟ ୨୦ରେ ଖେଳାଯିବ। ତୃତୀୟ ମ୍ୟାଚ ୨୩ ଅଗଷ୍ଟରେ ଚିଟାଗଙ୍ଗରେ ଖେଳାଯିବ।

ଦିନିକିଆ ସିରିଜ ପରେ, ଟିମ୍ ଇଣ୍ଡିଆ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ବାଂଲାଦେଶ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବ। ପ୍ରଥମ ମ୍ୟାଚ ମଙ୍ଗଳବାର, ଅଗଷ୍ଟ ୨୬ ତାରିଖରେ ଚିଟାଗଙ୍ଗରେ ଖେଳାଯିବ। ଦ୍ୱିତୀୟ ଟି-୨୦ ଶୁକ୍ରବାର, ଅଗଷ୍ଟ ୨୯ ତାରିଖରେ ମୀରପୁରର ଶେର-ଏ-ବାଂଲାଦେଶ ଷ୍ଟାଡିୟମରେ ଖେଳାଯିବ। ଫାଇନାଲ ମ୍ୟାଚ ମଧ୍ୟ ମୀରପୁରରେ ଖେଳାଯିବ।

ଭାରତୀୟ କ୍ରିକେଟ ଦଳ ଶେଷ ଥର ପାଇଁ ୨୦୨୨/୨୩ରେ ବାଂଲାଦେଶରେ ଏକ ଦିନିକିଆ ସିରିଜ ଖେଳିଥିଲା। ବାଂଲାଦେଶ ଭାରତ ବିପକ୍ଷରେ ୨-୧ ଗୋଲରେ ସିରିଜ ଜିତିଥିଲା। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ସିରିଜର ପ୍ରଥମ ଦୁଇଟି ମ୍ୟାଚ ହାରିଥିଲା। ଟି-୨୦ ସିରିଜ ବିଷୟରେ କହିବାକୁ ଗଲେ, ଭାରତୀୟ କ୍ରିକେଟ ଦଳ ଏପର୍ଯ୍ୟନ୍ତ ଖେଳାଯାଇଥିବା ଦୁଇଟି ସିରିଜ୍ ଜିତିଛି।

ବର୍ତ୍ତମାନ ସମସ୍ତ ଭାରତୀୟ ଖେଳାଳି ଆଇପିଏଲ ୨୦୨୫ରେ ଭିନ୍ନ ଭିନ୍ନ ଦଳ ପାଇଁ ଖେଳୁଛନ୍ତି। ଏହି ଲିଗ୍ ପରେ ତୁରନ୍ତ, ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ଯାତ୍ରା କରିବ। ଏଠାରେ ଜୁନ ୨୦ରୁ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ସିରିଜର ଶେଷ ଟେଷ୍ଟ ୩୧ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଖେଳାଯିବ।



# କୋଲକାତାକୁ ୧୬ ରନରେ ହରାଇଲା ପଞ୍ଜାବ

**ଚଣ୍ଡିଗଡ଼**

ଚଣ୍ଡିଗଡ଼ରେ ମଙ୍ଗଳବାର ଖେଳାଯାଇଥିବା ଆଇପିଏଲର ଏକ ରୋମାଞ୍ଚକର ଲୋସ୍କୋରିଂ ମ୍ୟାଚ୍‌ରେ କୋଲକାତାକୁ ୧୬ ରନରେ ପରାସ୍ତ କରିଛି ପଞ୍ଜାବ କିଙ୍ଗ୍‌ସ । ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କୋଲକାତା ଆଗରେ ମାତ୍ର ୧୧୨ ରନର ଏକ ଛୋଟିଆ ଲକ୍ଷ୍ୟ ରଖିଥିଲେ ବି କୋଲକାତା ୯୫ ରନ କରି ଅଲଆଉଟ ହୋଇଯାଇ ଥିଲା। କୋଲକାତା ପକ୍ଷରୁ ଅଙ୍ଗକ୍ରିତ ରଘୁବଂଶୀ ୩୭ ରନ କରିଥିବାବେଳେ ଅଜିଙ୍କ୍ୟ ରାହାଣେ ୧୭ ଓ ଆନ୍ଦ୍ରେ ରସେଲ ୧୭ ରନ କରିଥିଲେ। ପଞ୍ଜାବ ପକ୍ଷରୁ ଯୁଜବେନ୍ଦ୍ର ଚହଲ ୪ଟି ୱିକେଟ ନେଇଥିବା ବେଳେ ମାର୍କୋ ଜାନସେନ ୩ଟି ୱିକେଟ ନେଇଥିଲେ।

ଏହି ମ୍ୟାଚ୍‌ରେ ପଞ୍ଜାବ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳପକ୍ଷରୁ ପ୍ରିୟାଂଶ ଆର୍ଯ୍ୟା ଓ ପ୍ରଭସିମରନ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରି ଏକ ଭଲ ଆରମ୍ଭ ଦେଇଥିଲେ। ପ୍ରିୟାଂଶ ୨୨ ରନ ଓ ପ୍ରଭସିମରନ ୩୦ ରନ କରିଥିଲେ। କିନ୍ତୁ ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବା ପରେ ଦଳର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଅଧିନାୟକ ଶ୍ରେୟସ ଆୟର ଖାତା ଖୋଲିପାରିନଥିଲେ। ଶଶାଙ୍କ ସିଂ ୧୮ ରନ କରିଥିଲେ। ସେହିପରି ଜାଭିଏର ବାରଲେଟ୍ ୧୧ ରନ କରିଥିଲେ। କୋଲକାତା ପକ୍ଷରୁ ହର୍ଷିତ ରାଣା ୩ଟି ୱିକେଟ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତି ଓ ସୁନୀଲ ନାରାୟଣ ୨ଟି ଲେଖାଏଁ ୱିକେଟ ନେଇଥିଲେ।



# ଗୌରୀ ଶଙ୍କର ମିଶ୍ର ହେଲେ ଭାରତୀୟ ହ୍ୟାଣ୍ଡବଲ ଦଳର ମ୍ୟାନେଜର



**ଭୁବନେଶ୍ୱର**

ଓଡ଼ିଶାର ହ୍ୟାଣ୍ଡବଲ ଇତିହାସରେ ଆଉ ଏକ ଫର୍ଦ ଯୋଡ଼ି ହେବାକୁ ଯାଉଛି। କୋଚ ଗୌରୀ ଶଙ୍କର ମିଶ୍ରଙ୍କୁ ମିଳିଛି ବଡ଼ ଦାୟିତ୍ୱ। ଜୋଡାନ ଠାରେ ହେବାକୁ ଥିବା ଆଗାମୀ ଏସିଆନ ଜୁନିୟର ଚାମ୍ପିଅନସିପ୍ ପାଇଁ ଭାରତୀୟ ଦଳର ମ୍ୟାନେଜର ଭାବେ ଗୌରୀ ଶଙ୍କର ମିଶ୍ର ନିଯୁକ୍ତ ହୋଇଥିବା ଘୋଷଣା କରିଛନ୍ତି ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସନ୍‌ର ଏକଜୁଟିଭ ଡିରେକଟର ଡ. ଆନନ୍ଦେଶ୍ୱର ପାଣ୍ଡେ। ଆସନ୍ତା ଜୁଲାଇ ୧ ତାରିଖରୁ ୧୧ ତାରିଖ ଯାଏ ଜୋଡ଼ାନରେ ଏହା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଗୌରୀ ଶଙ୍କର ମିଶ୍ର ହେଉଛନ୍ତି ଓଡ଼ିଶାର ପ୍ରଥମ ଓ ଏକ ମାତ୍ର ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନଙ୍କ ବାପା।

# ପୁଣି ଆହତ ହେଲେ ସିଏସ୍‌କେ ଅଧିନାୟକ ଧୋନୀ



**ନୂଆଦିଲ୍ଲୀ**

ଚଳିତ ଆଇପିଏଲ୍ ସିଜନ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ନୈରାଶ୍ୟ-ଜନକ ପ୍ରଦର୍ଶନ କରିଆସୁଛି। ପ୍ରାରମ୍ଭିକ ୭ ମ୍ୟାଚ୍‌ରୁ ୨ ମ୍ୟାଚ୍ ଦଳ ଜିତିଥିବା ବେଳେ ଆଘାତ ସମସ୍ୟା ଯୋଗୁ ଅଧିନାୟକ ଋତୁରାଜ ଗାଏକ୍ୱାଡ ପୂରା ସିଜନ୍‌ରୁ ବାଦ୍ ପଡ଼ିଛନ୍ତି। ଏମିତିରେ ତାଙ୍କ ଅନୁପସ୍ଥିତିରେ ଏମ୍.ଏସ୍ ଧୋନୀ ଦଳର ନେତୃତ୍ୱ ନେଉଛନ୍ତି। ସେମବାର ତାଙ୍କ ଅଧିନାୟକତ୍ୱରେ ଦଳ ଜବରଦସ୍ତ ବିଜୟ ଲାଭ କରିଥିଲା। ଏସବୁ ମଧ୍ୟରେ ତାଙ୍କର ଏକ ଭିଡିଓ ଭାଇରାଲ ହେଉଛି, ଯାହାକି ଚେନ୍ନାଇ ପ୍ରଶଂସକଙ୍କ ଚିନ୍ତା ବଢ଼ାଇ ଦେଇଛି।

ଆଇପିଏଲ୍‌ର ୩୦ତମ ମ୍ୟାଚ୍‌ରେ ଧୋନୀ ଚମତ୍କାର ଫର୍ମରେ ନଜର ଆସିଥିଲେ। ଲକ୍ଷ୍ନୌ ବିପକ୍ଷରେ ସେ ଅନ୍ତିମ ଓଭରରେ ବିଜୟ ହାସଲ କରିଥିଲେ। ଏହାରେ ହୋଟେଲ୍‌ରେ ଦଳକୁ ଖୁସିରେ ସ୍ୱାଗତ କରାଯାଇ ଥିଲା। ହେଲେ ସେ ଏହି ସମୟରେ ଛୋଟାଉଥିବା ଦେଖାଯାଇ ଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କେବଳ ଏତିକି ନୁହେଁ ମ୍ୟାଚ୍‌ର ଅନ୍ତିମ ଓଭରରେ ମଧ୍ୟ ସେ କଷ୍ଟରେ ଥିବା ଦେଖାଯାଇଥିଲା। ଏମିତିରେ ଯଦି ଧୋନୀଙ୍କ ଏହି ଆଘାତ ଗମ୍ଭୀର ହୁଏ ତେବେ ଚେନ୍ନାଇକୁ ବଡ଼ ଝଟ୍‌କା ଲାଗିପାରେ।

୨୦୨୪ରେ ଧୋନୀ ଆଇପିଏଲରେ ଆହତ ହୋଇଥିଲେ। ସେ ସମ୍ପୂର୍ଣ୍ଣ ଭାବେ ଫିଟ୍ ନ ଥିଲେ, ତଥାପି ଖେଳିବା ଜାରି ରଖିଥିଲେ। ଏହା ପୂର୍ବରୁ ଧୋନୀଙ୍କର ୨୦୨୩ ଜୁନ୍ ୧ରେ ମୁମ୍ବାଇର କୋକିଲାବେନ୍ ହସ୍ପିଟାଲରେ ଆଣ୍ଠୁର ଅସ୍ତ୍ରୋପଚାର ହୋଇଥିଲା।

# ଆଜି ଉଦ୍‌ଘାଟିତ ହେବ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

**କେନ୍ଦୁଝର, ନ୍ୟୁଜ୍**

ବୁଧବାର କେନ୍ଦୁଝର ଜିଲ୍ଲାରେ ନୂତନକରି ଗଢିଉଠିଥିବା ଧରଣୀଧର ବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଶୁଭାରମ୍ଭ ହେବ। କ୍ରୀଡ଼ା ପ୍ରତିଯୋଗିତାକୁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ୨୦୨୨ ମସିହାଠାରୁ ଆରମ୍ଭ କରିଛନ୍ତି। ପ୍ରତିବର୍ଷ ଏହି ପ୍ରତିଯୋଗିତା କରିବା ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ୨୦୨୨ ମସିହାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏହି ପ୍ରତିଯୋଗିତା ଆୟୋଜିତ କରିଥିବା ବେଳେ ୨୦୨୪ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ୨୦୨୫ ମସିହାରେ ଧରଣୀଧର ବିଶ୍ୱବିଦ୍ୟାଳୟକୁ ଏହି ସୁଯୋଗ ମିଳିଛି। ଏହା ସମସ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ କେନ୍ଦୁଝରବାସୀଙ୍କ ପାଇଁ ବଡ଼ ଖୁସି ଓ ଆନନ୍ଦର ବିଷୟ। ଏହି ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧିର ବିକାଶ ଘଟିବା। ଧରଣୀଧର ବିଶ୍ୱବିଦ୍ୟାଳୟକୁ ଜନ୍ମ ହେବାର ଦୁଇ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହି ବିଶ୍ୱବିଦ୍ୟାଳୟ ହାତକୁ ନେଇ ସୁଚାରୁ ରୂପେ ସମ୍ପନ୍ନ କରିଛି। ସେଥିରେ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ଅନେକ ନେତା, ମନ୍ତ୍ରୀ ଓ ବୁଦ୍ଧିଜୀବୀଙ୍କ ସହିତ ରାଜ୍ୟପାଳ ଏହି ବିଶ୍ୱବିଦ୍ୟାଳୟର ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ପ୍ରତିଯୋଗିତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ ଦିବସରେ ଉପସ୍ଥିତ ରହି ଏହାକୁ ପୌରୋହିତ କରିବା ପାଇଁ ପ୍ରସ୍ତୁତି ହୋଇଛି। ଯୁବ କ୍ରୀଡ଼ା ଜଗତ ପାଇଁ ଏହା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରାଯିବା ଆଶାରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାମାନେ ତତ୍ପର। ବୁଧବାର ଅପରାହ୍ଣ ୩ ଘଟିକା ସମୟରେ କେନ୍ଦୁଝର ଜିଲ୍ଲାର ଶଙ୍କରପୁରସ୍ଥିତ କ୍ରୀଡ଼ା କମ୍ପ୍ଲେକ୍ସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ ହେବ। ଯେଉଁଥିରେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ସକ୍ରିୟ ଅଂଶ ଗ୍ରହଣ କରିବେ। ଏଥିପାଇଁ ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ସହିତ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖେଳପଡ଼ିଆରେ ମୋଟ ୧୧ଟି ପ୍ରତିଯୋଗିତାରେ ୧୧୩୭ ଜଣ ବାଳକ ଓ ୮୪୬ ଜଣ ବାଳିକା ଅଂଶ ଗ୍ରହଣ କରିବେ। ଏଥିସହିତ ଏହି କ୍ରୀଡ଼ାକୁ ସଫଳ ପରିଚାଳନା ନିମନ୍ତେ ୩୮୫ ଜଣ ଅଫିସରଙ୍କ ସହିତ ୨୦୦ ଜଣ ବୈଷୟିକ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରିତ କରାଯାଇଛି। ଯେଉଁଥିରେ ଫୁଟବଲ୍, କ୍ରିକେଟ, ହକି, ଭଲିବଲ୍, ବାସ୍କେଟ ବଲ୍, କବାଡ଼ି, ଖୋ ଖୋ, ବ୍ୟାଡ୍‌ମିଣ୍ଟନ, ଟେବୁଲ୍ ଟେନିସ, ଚେସ୍ ଓ କ୍ୟାରମ୍ ପରି ୧୧ଟି ପ୍ରତିଯୋଗିତା ଆୟୋଜିତ ହେବ। କ୍ରୀଡ଼ା ପ୍ରେମୀ ଛାତ୍ରଛାତ୍ରୀମାନଙ୍କର କଳାର ବିକାଶ ଓ ମନୋରଞ୍ଜନ ଉଦ୍ଦେଶ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଲକ୍ଷ୍ୟ ମଧ୍ୟ ରହିଛି।

# ପିଚ୍‌କୁ ନେଇ ପ୍ରଶ୍ନ ଉଠାଇଲେ ମାହି

**ଲକ୍ଷ୍ନୌ**

ଏପ୍ରିଲରେ ଚେନ୍ନାଇ ସୁପର କିଙ୍ଗସ, ଲକ୍ଷ୍ନୌ ସୁପରଜିଆଣ୍ଟସକୁ ସେମାନଙ୍କ ଘରୋଇ ଗ୍ରାଉଣ୍ଡରେ ପାଞ୍ଚ ୱିକେଟରେ ପରାସ୍ତ କରିଛି। କ୍ରମାଗତ ପାଞ୍ଚ ଥର ପରାଜୟ ପରେ ସିଏସକେ ଏହି ବିଜୟ ହାସଲ କରିଛି। ଏହି ବିଜୟରେ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ପ୍ରଥମେ ଏକ ଷ୍ଟମ୍ପିଂ ଏବଂ ତା'ପରେ ଏକ ଚମତ୍କାର ରନଆଉଟ କରି ଖଝଏକୁ ୧୬୬ ରନରେ ସୀମିତ ରଖିଥିଲେ। ତା'ପରେ ସେ ୧୧ ବଲରେ ୨୬ ରନର ଏକ ଦ୍ରୁତ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ଏହି ବିଜୟ ପରେ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଚେନ୍ନାଇର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ ଅର୍ଥାତ ଚେପକୋ ପିଚକୁ ସମାଲୋଚନା କରିଛନ୍ତି। ସେ ପିଚକୁ ଉନ୍ନତ କରିବା ପାଇଁ କ୍ୟୁରେଟରଙ୍କୁ ନିବେଦନ କରିଛନ୍ତି।

ଆଇପିଏଲର ୧୮ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ, ଚେନ୍ନାଇ ସୁପର କିଙ୍ଗ୍ସ ଦଳ ଘରୋଇ ଗ୍ରାଉଣ୍ଡରେ ଲଗାତାର ତିନୋଟି ମ୍ୟାଚ୍ ହାରିଛି। ଏହି ପରାଜୟ ଧୋନିଙ୍କୁ ପିଚ୍ ବିଷୟରେ କହିବାକୁ ବାଧ କରିଛି। ଲକ୍ଷ୍ନୌରେ ବିଜୟୀ ହେବା ପରେ, ଧୋନି ଚେନ୍ନାଇର ଚେପକୋର ପିଚ୍‌କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଘରୋଇ ପିଚ୍‌ରେ ଲଗାତାର ପରାଜୟର କାରଣ ହେଉଛି ଚେନ୍ନାଇର ଧୀର ୱିକେଟ। ଆମେ ଯେତେବେଳେ ଘର ବାହାରେ ଖେଳିଥିଲୁ, ଆମର ବ୍ୟାଟ୍‌ସମ୍ୟାନ ମାନେ ଭଲ ପ୍ରଦର୍ଶନ କରିଛନ୍ତି। ହୁଏତ ଆମକୁ ଏପରି ପିଚ୍‌ରେ ଖେଳିବାକୁ ପଡ଼ିବ ଯାହା ବ୍ୟାଟିଂ ପାଇଁ ଟିକେ ଭଲ ଏବଂ ଏହା ଆମର ବ୍ୟାଟ୍ସମ୍ୟାନଙ୍କୁ ଆତ୍ମବିଶ୍ୱାସ ଦେଇ ପାରେ। ମାହି କହିଛନ୍ତି ଯେ ଚେପୋକ ପିଚ୍‌ରେ ପୂର୍ବ ଭଳି ଟର୍ଣ୍ଣ ନାହିଁ, ଯାହା ସିଏସକେକୁ ଚିନ୍ତାରେ ପକାଇଛି। ଚେନ୍ନାଇ ପ୍ରାୟତଃ ନିଜ ଘରୋଇ ଗ୍ରାଉଣ୍ଡରେ ପ୍ରତିପକ୍ଷଙ୍କୁ ସ୍ପିନ ଜାଲରେ ଫସାଇଥାଏ, କିନ୍ତୁ ଏଥର ତାହା ହେଉନାହିଁ।

ଧୋନି ପୂର୍ବରୁ ମଧ୍ୟ ଅନେକ ଅଧିନାୟକ ଏବଂ ପ୍ରଶିକ୍ଷକ ପିଚ୍ ଉପରେ ପ୍ରଶ୍ନ ଉଠାଇଛନ୍ତି। କିଛି ଦିନ ପୂର୍ବରୁ, କକଜ ଅଧିନାୟକ ଅଜିଙ୍କ୍ୟ ରାହାଣେ ଅଭିଯୋଗପୂର୍ଣ୍ଣ ସ୍ୱରରେ କହିଥିଲେ ଯେ ଏହି ପିଚ ବିଷୟରେ ବହୁତ କିଛି କୁହାଯାଇଛି। ତେଣୁ ସେମାନେ କିଛି କହିବେ ନାହିଁ, ନଚେତ୍ ଏହା ଖବର ହୋଇଯିବ। ଲକ୍ଷ୍ନୌ ସୁପରଜିଆଣ୍ଟସର ଜାହିର ଖାନ ମଧ୍ୟ ପିଚ୍ ବିଷୟରେ ଅଭିଯୋଗ କରିଛନ୍ତି।

# ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମରେ ହେବ ରୋହିତ ଶର୍ମା ଷ୍ଟାଣ୍ଡ : ଏମ୍‌ସିଏ

**ମୁମ୍ବାଇ**

ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମରେ ଭାରତର ପୂର୍ବତନ ମହାନ କ୍ରିକେଟ୍‌ରଙ୍କ ନାଁରେ ଷ୍ଟାଣ୍ଡ ରହିଛି। ଏଥିରେ ସଚିନ ତେନ୍ଦୁଲକର ଓ ସୁନୀଲ ଗାଭାସ୍କରଙ୍କ ନାଁ ସାମିଲ। ଏହି ତାଲିକାରେ ଏବେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ନାଁ ଯୋଡ଼ି ହେବାକୁ ଯାଉଛି। ୱାଙ୍ଖେଡ଼େରେ ଏବେ ରୋହିତ ଶର୍ମାଙ୍କ ନାଁରେ ଷ୍ଟାଣ୍ଡ ନାମିତ କରାଯିବ। ମୁମ୍ବାଇ କ୍ରିକେଟ୍ ଆସୋସିଏସନ (ଏମସିଏ) ରୋହିତ ଶର୍ମାଙ୍କ ନାଁରେ ଷ୍ଟାଣ୍ଡକୁ ନାମିତ କରିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି।

ଏପ୍ରିଲ ୧୫ ତାରିଖରେ ଆସୋସିଏସନର ବାର୍ଷିକ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବାଦ୍ ଅନ୍ୟ ଦୁଇ ଷ୍ଟାଣ୍ଡର ନାମ ମଧ୍ୟ ବଦଳିବାକୁ ଯାଉଛି। ଗୋଟିଏ ଷ୍ଟାଣ୍ଡ ପୂର୍ବତନ ବିସିସିଆଇ ଅଧକ୍ଷ ଶରଦ ପାୱାର ଓ ଅନ୍ୟ ଏକ ଷ୍ଟାଣ୍ଡ ମହାନ ବ୍ୟାଟର ଅଜିତ ୱାଦେକରଙ୍କ ସମ୍ମାନରେ ରଖାଯାଇଛି। ଆସୋସିଏସନ ନିଜ ପ୍ରେସ୍ ବିବୃତିରେ ଜଣାଇଛି ଯେ, ଗୃହରେ ସର୍ବସମ୍ମତି କ୍ରମେ ଷ୍ଟାଣ୍ଡର ନାମକରଣକୁ ମଞ୍ଜୁରୀ ଦିଆଯାଇଛି।



ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମର ଗ୍ରାଣ୍ଡ ଷ୍ଟାଣ୍ଡ ଲେବଲ ୩କୁ ଶରଦ ପାୱାର ନାମରେ ନାମିତ ହେବ। ଗ୍ରାଣ୍ଡ ଷ୍ଟାଣ୍ଡ ଲେବଲ ୪କୁ ଅଜିତ ୱାଦେକର ଷ୍ଟାଣ୍ଡ ନାମରେ ନାମକରଣ କରାଯିବ। ସେହିପରି ଦିବେଚା ପାଭିଲିୟନ ଲେବଲ ୩କୁ ରୋହିତ ଶର୍ମା ଷ୍ଟାଣ୍ଡ ନାମରେ ନାମକରଣଜ କରାଯିବ। ୨୦୧୧ ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍‌ର ଆୟୋଜନ କରିଥିବା ଏହି ଷ୍ଟାଡିୟମରେ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ମହାନ କ୍ରିକେଟର ସଚିନ ତେନ୍ଦୁଲକର, ସୁନୀଲ ଗାଭାସ୍କର, ବିଜୟ ମର୍ଚ୍ଚାଣ୍ଟ ଓ ଦିଲୀପ ଭେଙ୍ଗସରକାରଙ୍କ ନାଁରେ ଷ୍ଟାଣ୍ଡ ରହିଛି। ତେବେ ଏହା ବହୁତ ବିରଳ ଯେଉଁଠି ଖେଳାଳି ପେଶାଦାର କ୍ରିକେଟ୍‌ରେ ସକ୍ରିୟ ଥାଇ ତାଙ୍କ ନାମରେ କୌଣସି ଷ୍ଟାଡିୟମର ଷ୍ଟାଣ୍ଡ ନାମକରଣ କରାଯାଉଛି।

# ୱେଭସ୍ ବଜାର : ଭାରତ ପାଇଁ ମିଡିଆ ଓ ମନୋରଞ୍ଜନର ବୈଶ୍ୱିକ ମଞ୍ଚରେ 'ଲଗାନ୍' ଅବସର



ଅମିର ଖାନ୍
ପ୍ରଖ୍ୟାତ ଅଭିନେତା

ମନୋରଞ୍ଜନ ଓ ମିଡିଆ ଶିଳ୍ପ କ୍ଷେତ୍ରରେ ଭାରତ ଏକ ପ୍ରମୁଖ କାରକ ଯାହା ଦ୍ରୁତ ବେଗରେ ପ୍ରଗତି ପଥରେ ଧାବମାନ। ଏହାର ବିବର୍ତ୍ତିତ ପରିସର ନିରବଚ୍ଛିନ୍ନ ଭାବରେ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଚାଲିଛି। ବିବିଧ ପ୍ଲାଟଫର୍ମରେ କଣ୍ଟେଣ୍ଟ୍ ସୃଜନରେ ବିପୁଳ ଅଭିବୃଦ୍ଧିକୁ ଆମେ ଲଗାତାର ଭାବରେ ଲକ୍ଷ୍ୟ କରିପାରୁଛୁ। ଡିଜିଟାଲ ଷ୍ଟ୍ରିମିଂ ସେବା, ଆଞ୍ଚଳିକ ଭାଷାରେ ସେସବୁର ଉତ୍ପାଦନ ଏବଂ ପ୍ରଯୁକ୍ତି- ସକ୍ଷମ ଦର୍ଶକଙ୍କ ଚାହିଦା ସଦାସର୍ବଦା ତାଜା, ନୂଆ, ମନଛୁଆଁ ଏବଂ ସମାବେଶୀ କଥାବସ୍ତୁ ସହିତ ଯୋଡ଼ିହୋଇ ରହିଥିବାରୁ ଏହି କ୍ଷେତ୍ରକୁ ତାହା ତ୍ୱରାନ୍ୱିତ କରିଚାଲିଛି। ଭାରତର ଏହି କ୍ଷେତ୍ରରେ ଭବିଷ୍ୟତ ପାଇଁ ବିପୁଳ ସମ୍ଭାବନା ଭରି ରହିଥିବାର ବାସ୍ତବତାକୁ ଉପଲବ୍ଧି ପୂର୍ବକ, ଏହାକୁ କେବଳ ମନୋରଞ୍ଜନର ଏକ ଉତ୍ସ ବୋଲି ବିବେଚନା କରାଯାଉନାହିଁ, ଅପର ପକ୍ଷେ ଏହା ସାଂସ୍କୃତିକ ଭାବ ପ୍ରକଟ, ଆର୍ଥିକ ବିକାଶ ଏବଂ ବୈଶ୍ୱିକ ପ୍ରଭାବ ଦୃଷ୍ଟିରୁ ମଧ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ମୁଣ୍ଡ ଟେକିଛି। ବିଶ୍ୱ ଶ୍ରାବ୍ୟ-ଦୃଶ୍ୟ ଏବଂ ମନୋରଞ୍ଜନ ସମ୍ମିଳନୀ, ଯାହାକି ସଂକ୍ଷେପରେ 'ୱେଭସ୍' ନାମରେ ସମସ୍ତଙ୍କ ନିକଟରେ ସୁପରିଚିତ, ତାହା ୨୦୨୫ ମସିହା ମେ ୧ ଠାରୁ ୪ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ମୁମ୍ବାଇଠାରେ ଭାରତ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଉଛି। ଭାରତର କ୍ରମବର୍ଦ୍ଧିଷ୍ଣୁ ମର୍ଯ୍ୟାଦାର ଏହା ପ୍ରମାଣ ଏବଂ 'ୱେଭସ୍'ବଜାର ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଘଟଣା। ଏହି ଶିଳ୍ପରେ ଦଶନ୍ଧି ଦଶନ୍ଧି ସମୟ ଅତି ନିବିଡ଼ ଭାବରେ ବିତାଇଥିବା ଜଣେ ବ୍ୟକ୍ତି ହିସାବରେ, ମୋର ଦୃଢ଼ ବିଶ୍ୱାସ ଯେ କଥା ବାଚନରେ ଲୋକମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା, ପ୍ରେରଣା ଯୋଗାଇବା ଏବଂ ସେମାନଙ୍କ ଚିନ୍ତା ଚେତନାରେ ଉତ୍ତରଣ ଘଟାଇବାର ଏକ ଅଦ୍ଭୁତ ଶକ୍ତି ଭରି ରହିଛି। ୱେଭସ୍ ଏବଂ ୱେଭସ୍ ବଜାର ସହିତ ଆମେ ବିଶ୍ୱ ମନୋରଞ୍ଜନ ଗୋଷ୍ଠୀଙ୍କ ନିମନ୍ତେ ଏକ ଅଧିକ ସହଭାଗୀ ଓ ସମାବେଶୀ ଭବିଷ୍ୟତ ଗଠନ କରିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛୁ।

ୱେଭସ୍ ବଜାର ଏକ ବୈପ୍ଳବିକ ଅନଲାଇନ୍ ବଜାର ବ୍ୟବସ୍ଥାରେ ପରିଣତ ହେବାକୁ ପ୍ରୟାସ କରୁଛି ଏବଂ ସେଥିପାଇଁ ପେସାଦାର, ବ୍ୟବସାୟିକ ଜଗତ, ବୈଶ୍ୱିକ ମନୋରଞ୍ଜନ ବ୍ୟବସ୍ଥାର ସମସ୍ତଙ୍କ କାରକଙ୍କୁ ଏକତା ସୂତ୍ରରେ ଆବଦ୍ଧ କରିବା ସକାଶେ ଏକ ଢାଞ୍ଚା ଗଠନ କରାଯାଇଛି। ଏହି ସହଯୋଗକୁ ନିରବଚ୍ଛିନ୍ନ ପ୍ରବାହର ଏକ ମିଶନରେ ପରିଣତ କରିବା ଉଦ୍ଦେଶ୍ୟରେ, ୱେଭସ୍ ବଜାର ମିଡିଆ ଓ ମନୋରଞ୍ଜନ ଶିଳ୍ପର ଏହା ଚୂଡ଼ାନ୍ତ ମିଳନସ୍ଥଳୀ (ହବ୍) ରୂପେ କାର୍ଯ୍ୟ କରିବା ସକାଶେ ପ୍ରୟାସ କରାଯାଉଛି ଯାହା ଫଳରେ ସମର୍ଥ ପେସାଦାରମାନେ ସେମାନଙ୍କ ପହଞ୍ଚର ପରିସରକୁ ସମ୍ପ୍ରସାରିତ କରିପାରିବେ, ନୂଆ ନୂଆ ସୁଯୋଗମାନ ହାତେଇ ପାରିବେ ଏବଂ ଅତ୍ୟୁଚ୍ଚ ମୂଲ୍ୟଯୁକ୍ତ ସହଭାଗିତାରେ ନିଜକୁ ନିୟୋଜିତ କରିପାରିବେ। ଆନୁଷ୍ଠାନିକ ଭାବରେ କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଜାନୁଆରୀ ୨୭, ୨୦୨୫ ତାରିଖ ଦିନ ୱେଭସ୍ ବଜାରର ଶୁଭାରମ୍ଭ କରାଯାଇଛି ଯାହା ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପରିକଳ୍ପନାକୁ ୱେଭସ୍ ସମ୍ମିଳନୀ ମାଧ୍ୟମରେ ସାକାର କରିବାକୁ ଯାଉଛି। ମିଡିଆ ଓ ମନୋରଞ୍ଜନ କ୍ଷେତ୍ରର ଏହା ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଯାହାକି ରାଜସ୍ୱ ଓ ଆର୍ଥିକ କ୍ଷେତ୍ରରେ ଡାଭୋସ୍ ଶିଖର ସମ୍ମିଳନୀ ସହିତ ତୁଳନୀୟ।

ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଦିନଠାରୁ ମୋର ବିଶ୍ୱାସ ୫,୫୦୦ କ୍ରେତା, ୨୦୦୦ରୁ ଅଧିକ ବିକ୍ରେତା ଏବଂ ପ୍ରାୟ ୧୦୦୦ ପ୍ରକଳ୍ପ ଏହି ପୋର୍ଟାଲରେ ସେମାନଙ୍କର ନାମ ପଞ୍ଜୀକରଣ କରିସାରିଛନ୍ତି ଏବଂ ସେସବୁ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରର ବିଭିନ୍ନ ବିଭାଗର ଅଟନ୍ତି। ଦୀର୍ଘକାଳୀନ ଆଧାରରେ, ଏହି ପୋର୍ଟାଲ ସମୟକ୍ରମେ ଏକ ବ୍ୟାପକ କଣ୍ଟେଣ୍ଟ୍ ବଜାର ବ୍ୟବସ୍ଥାରେ ପରିଣତ ହେବ ଏବଂ ମିଡ଼ିଆ ଓ ମନୋରଞ୍ଜନ ଶିଳ୍ପ ପାଇଁ ଏକ ନେଟୱାର୍କିଂ ହବର ସ୍ୱରୂପ ଧାରଣ କରିବ। ଏଥିରେ ଥିବା କୃତ୍ରିମ ପ୍ରଜ୍ଞାଯୁକ୍ତ କ୍ଷମତାରୁ ସୁଫଳ ପ୍ରାପ୍ତ ହେବ ଏବଂ ଏହା ଏକ 'ମ୍ୟାଚ୍ ମେକିଂ'ସାଧନର ଭୂମିକା ମଧ୍ୟ ଗ୍ରହଣ କରିପାରିବ। ଏହା ଅନଲାଇନ୍ ପିଚିଂ ଅଧିବେଶନ, ଭର୍ଚୁଆଲ୍ ବି୨ବି ବୈଠକ, ୱେବିନାର ଏବଂ ଆହୁରି ଢେର୍ କିଛି ଅଧିକ ସାଧନ ନିଜ ପ୍ଲାଟଫର୍ମ ମଧ୍ୟରେ ଆୟୋଜନ କରିବାକୁ ସକ୍ଷମ ହେବ।

ୱେଭସ୍ ବଜାର ଏକ ଅଭିନବ ଇ-ମାର୍କେଟପ୍ଲେସ୍ ଯାହା ସମଗ୍ର ମିଡିଆ ଓ ମନୋରଞ୍ଜନ କ୍ଷେତ୍ରର ସମସ୍ତ ହିତଧାରକ- ଯଥା ଚଳଚ୍ଚିତ୍ର, ଟେଲିଭିଜନ, ଏନିମେସନ୍, ଗେମିଂ, ବିଜ୍ଞାପନ, ଏକ୍ସଆର, ସଙ୍ଗୀତ, ସାଉଣ୍ଡ୍ ଡିଜାଇନ, ରେଡିଓ ତଥା ଆହୁରି ଅନେକ କ୍ଷେତ୍ରର ପ୍ରତିଭାମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରାଇ ପାରିବ। ଏହା ବ୍ୟତୀତ ଏହି ପ୍ଲାଟଫର୍ମ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିବ ଯାହା ପ୍ରତ୍ୟକ୍ଷ ରୂପରେ ସୁନିଶ୍ଚିତ କରିବ ଯେ ଏହି ଶିଳ୍ପର ପେସାଦାରମାନେ ବେଶ୍ ସହଜରେ ସେମାନଙ୍କର ବିଶେଷ ଜ୍ଞାନ ଓ ଅଭିଜ୍ଞତାକୁ ପ୍ରଦର୍ଶିତ କରିପାରିବେ, ସମ୍ଭାବ୍ୟ କ୍ରେତାମାନଙ୍କ ସହ ଯୋଡ଼ି ହୋଇପାରିବେ ଏବଂ ଅର୍ଥପୂର୍ଣ୍ଣ ସହଯୋଗ ମଧ୍ୟ ପ୍ରାପ୍ତ ହୋଇପାରିବେ।

ଆପଣ ଜଣେ ଚଳଚ୍ଚିତ୍ର ନିର୍ମାତା ଭାବରେ ଆଉ ଜଣେ ନିର୍ମାତା ସହଭାଗୀଙ୍କୁ ଖୋଜୁ ଥାଆନ୍ତୁ ଅବା ଜଣେ ବିଜ୍ଞାପନଦାତା ହିସାବରେ ଉପଯୁକ୍ତ ମଞ୍ଚ ସନ୍ଧାନରେ ଥାଆନ୍ତୁ, କିମ୍ବା ଜଣେ କଳାକାର ଭାବରେ ବୈଶ୍ୱିକ ଦର୍ଶକଙ୍କ ନିକଟରେ ନିଜର କଳାତ୍ମକ କାର୍ଯ୍ୟକୁ ପ୍ରଦର୍ଶନ କରିବାକୁ ଚାହୁଁଥାଆନ୍ତୁ, ୱେଭସ୍ ବଜାର ଆପଣମାନଙ୍କ ନିମନ୍ତେ ଏକ ସକ୍ରିୟ ଓ ଫଳପ୍ରସୂ ସ୍ଥାନ (ମଞ୍ଚ) ପ୍ରଦାନ କରିବ ଯେଉଁଥିରେ ଶିଳ୍ପ ପେସାଦାରମାନେ ନେଟୱାର୍କିଂ, ସହଯୋଗ ସ୍ଥାପନ ସହିତ ନିଜ ନିଜର ବ୍ୟବସାୟକୁ ବଢ଼ାଇ ପାରିବେ।

ୱେଭସ୍ ବଜାର ଏକ ସମନ୍ୱିତ ବି୨ବି ବିପଣନସ୍ଥଳୀ ଯାହା ବୈଶ୍ୱିକ ମନୋରଞ୍ଜନ ଶିଳ୍ପକୁ ପରସ୍ପର ସହିତ ସଂଯୋଗ କରିବା, ସହଯୋଗ ସ୍ଥାପନ କରିବା ଏବଂ ଆଗକୁ ପ୍ରଗତି କରିବା ଦିଗରେ ବୈପ୍ଳବିକ ପରିବର୍ତ୍ତନ ଘଟାଇଛି। ତେଣୁ ଚଳଚ୍ଚିତ୍ର, ଟେଲିଭିଜନ, ସଙ୍ଗୀତ, ଗେମିଂ, ଏନିମେସନ, ବିଜ୍ଞାପନ ଏବଂ ଏକ୍ସ.ଆର., ଏ.ଆର., ଭି.ଆର., ଭଳି ସଂଯୋଗୀ ପ୍ରଯୁକ୍ତି ଭଳି ପେସାଦାରମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ୱେଭସ୍ ବଜାର ସେସବୁକୁ ତାଲିକାଭୁକ୍ତ, ଆବିଷ୍କାର ଏବଂ ପରସ୍ପର ମଧ୍ୟରେ ବିବିଧ ସୃଜନ କ୍ଷେତ୍ର ମଧ୍ୟରେ କାରବାର କରିବାର ଏକ ଅଭିନବ ସୁଯୋଗ ପ୍ରଦାନ କରିବ। ଆପଣ ଜଣେ ଚଳଚ୍ଚିତ୍ର ନିର୍ମାତା ହିସାବରେ ବିତରଣ ସୁଯୋଗ ସନ୍ଧାନରେ ଥାଆନ୍ତୁ, କିମ୍ବା ଜଣେ ଗେମ୍ ଡେଭଲପର ଭାବରେ ନୂଆ ଆଇ.ପି. ଖୋଜୁଥାଆନ୍ତୁ ଅଥବା ସାଉଣ୍ଡ୍ ଡିଜାଇନର ଭାବରେ ଲାଇସେନ୍ସିଂ ସୁଯୋଗ ଖୋଜୁଥାଆନ୍ତୁ, ୱେଭସ୍ ବଜାର ଏହି ସମସ୍ତ କ୍ଷେତ୍ର ବିନିର୍ଦ୍ଦିଷ୍ଟ ତାଲିକା ଆପଣମାନଙ୍କୁ ପ୍ରଦାନ କରିବ ଏବଂ ସେସବୁର ନିରାପଦ ଭିଉଇଂ କୋଠରି ଓ ସଂଗୃହୀତ ନେଟୱାର୍କିଂ ବୈଶିଷ୍ଟ୍ୟମାନ ଯୋଗାଇବ।

ନିରନ୍ତର ବ୍ୟାବସାୟିକ କାରବାର ନିମନ୍ତେ ଡିଜାଇନ୍ କରାଯାଇଥିବା ଏହି ୱେଭସ୍ ବଜାର ଉଭୟ ବିକ୍ରେତା ଏବଂ କ୍ରେତାମାନଙ୍କୁ ସଶକ୍ତ କରିଥାଏ ଏବଂ ସେମାନଙ୍କୁ କୌଣସି ଭୌଗୋଳିକ ସୀମା ବିନା ଉପଯୁକ୍ତ ସହଭାଗୀ ଓ ସୁଯୋଗ ଯୋଗାଇଥାଏ। ବିକ୍ରେତାମାନେ- ଚଳଚ୍ଚିତ୍ର ଷ୍ଟୁଡିଓଠାରୁ ଆରମ୍ଭ କରି ଏନିମେସନ୍ ହାଉସ, ପଡକାଷ୍ଟ ସୃଜକ ଏବଂ ମାର୍କେଟିଂ ଏଜେନ୍ସି ପର୍ଯ୍ୟନ୍ତ- ସଭିଏଁ ନିଜ ନିଜର ସେବା ଏବଂ କଣ୍ଟେଣ୍ଟ୍ ବୈଶ୍ୱିକ ଦର୍ଶକ, ନିବେଶକ, ବିତରକ ଏବଂ ସହଯୋଗୀମାନଙ୍କ ନିକଟରେ ପହଞ୍ଚାଇ ପାରିବ। ସେହିଭଳି କ୍ରେତାମାନଙ୍କ ସକାଶେ ଉଚ୍ଚ ଗୁଣାତ୍ମକ ମାନଯୁକ୍ତ, ଅତ୍ୟାଧୁନିକ ପ୍ରଯୁକ୍ତିଯୁକ୍ତ ପ୍ରକଳ୍ପ ଉପଲବ୍ଧ ହୋଇପାରିବ। ଅପର ପକ୍ଷରେ, ନିବେଶକମାନେ ମଧ୍ୟ ସହ-ନିର୍ମାତାମାନଙ୍କ ସହିତ ବ୍ୟାବସାୟିକ ବୁଝାମଣା କରିପାରିବେ ଏବଂ ଆକଳନଯୋଗ୍ୟ ଉପକ୍ରମମାନ ଆରମ୍ଭ କରିପାରିବେ। ଏହି ପ୍ଲାଟଫର୍ମ ଶିଳ୍ପ କାର୍ଯ୍ୟକ୍ରମ, ଦର୍ଶକ କୋଠରି, ନିବେଶକମାନଙ୍କ ନିମନ୍ତେ ସାକ୍ଷାତ-ଆଲୋଚନା ଏବଂ ଲାଇଭ୍ ସ୍କ୍ରିନିଂର ବିଶେଷ ସୁଯୋଗକୁ ଏକତ୍ର ସମନ୍ୱିତ କରିଛି ଯାହାକି ଭର୍ଚୁଆଲ୍ ଭାବ ଆଦାନ ପ୍ରଦାନ ପରିସର ବାହାରକୁ ଯାଇ ବେଶ୍ ଅର୍ଥପୂର୍ଣ୍ଣ ଚୁକ୍ତିନାମା ଆଦି ସ୍ୱାକ୍ଷରର ସୁଯୋଗ ପ୍ରଦାନ କରେ।

୨୦୨୫ ମସିହା ମେ' ୧ ଠାରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇର ଜିଓ ସମ୍ମିଳନୀ କକ୍ଷ, ବି.କେ.ସି. ଠାରେ ଆୟୋଜିତ ହେବାକୁ ଥିବା ୱେଭସ୍ ଶିଖର ସମ୍ମିଳନୀ ଅବସରରେ ୱେଭସ୍ ବଜାରକୁ ବାସ୍ତବ ସ୍ୱରୂପରେ ଉପସ୍ଥାପନ କରିବାର ଏକ ଅଭିନବ ଅବସର। ତେଣୁ ଏହି ଅବସରରେ ଡିଜିଟାଲ ମାର୍କେଟପ୍ଲେସର ଚୟନକୃତ ଅଂଶଗ୍ରହଣକାରୀମାନେ ସେମାନଙ୍କର କଳା ସାମର୍ଥ୍ୟ ପ୍ରଦର୍ଶନ, ନେଟୱାର୍କିଂ ଏବଂ ଚୁକ୍ତିନାମା ସ୍ୱାକ୍ଷର କରିବାର ସୁଯୋଗ ଲାଭ କରିବେ। କାରଣ ଏହି ସମ୍ମିଳନୀ ଅବସରରେ ବିଶ୍ୱର ଶୀର୍ଷ ସ୍ଥାନୀୟ ହିତଧାରକମାନେ ବ୍ୟକ୍ତିଗତ ରୂପରେ ଏଠାରେ ଉପସ୍ଥିତ ରହିବେ। କ୍ୟୁରେଟେଡ୍ ସ୍କ୍ରିନିଂ ଠାରୁ ନେଇ ସିଧାସଳଖ ଆଲୋଚନା ଏବଂ ସହଯୋଗର ଫୋରମ୍ - ସବୁକିଛି ଏହି ସମ୍ମିଳନୀ ଅବସରରେ ଏକତ୍ର ଗୋଟିଏ ମଞ୍ଚରେ ସାମିଲ କରାଯାଇଛି ଯାହା ଡିଜିଟାଲ ଏବଂ ବାସ୍ତବ ସ୍ୱରୂପରେ ଭବିଷ୍ୟତର ମନୋରଂଜନ ନେଟୱାର୍କିଂର ଭବିଷ୍ୟତର ରୂପ ନିର୍ଦ୍ଧାରଣ କରିବ। ଏଭଳି ସୃଜନାତ୍ମକ ଆଭିମୁଖ୍ୟ ସହିତ, ୱେଭସ୍ ବଜାରକୁ କେବଳ ଏକ ମଞ୍ଚ (ପ୍ଲାଟଫର୍ମ) ବୋଲି କୁହାଯିବନାହିଁ, ବରଂ ଏହାକୁ ଏକ ଅଧିକ ସ୍ମାର୍ଟ, ଅଧିକ ସଂଯୋଗୀ ଏବଂ ବୈଶ୍ୱିକ ସମାବେଶୀ ମନୋରଞ୍ଜନ ଶିଳ୍ପ ପରିବେଶ ସୃଷ୍ଟି କରିବାର ବିରଳ ସୁଯୋଗ ବୋଲି ବିବେଚନା କରାଯାଇପାରେ।

କଳାକାର ହିସାବରେ, ଆମେ ସଦାସର୍ବଦା ଯେଉଁ ସ୍ଥାନ ଆମକୁ ଚାଲେଞ୍ଜର ସମ୍ମୁଖୀନ କରାଇଥାଏ ତାହାରି ସନ୍ଧାନରେ ଥାଉ। କାରଣ ତାହା ହିଁ ଆମମାନଙ୍କୁ ବାସ୍ତବ ପ୍ରେରଣା ଯୋଗାଇଥାଏ ଏବଂ ପାରମ୍ପରିକତାର ଗଣ୍ଡିରୁ ବାହାରି କିଛି ନୂଆ ଚିନ୍ତା କରିବା ନିମନ୍ତେ ପ୍ରେରିତ କରିଥାଏ। ୱେଭସ୍ କାର୍ଯ୍ୟକ୍ରମରେ ଠିକ୍ ସେହିଭଳି ଏକ ସ୍ଥାନ ସୃଷ୍ଟି କରିବାର ପ୍ରୟାସ କରାଯାଇଛି – ଏହା ଏପରି ଏକ ଆନ୍ଦୋଳନ ଯାହା ଭାଷା, ସଂସ୍କୃତି ଏବଂ ନିର୍ଦ୍ଦିଷ୍ଟ ମାଧ୍ୟମର ଗଣ୍ଡି ଭିତରୁ ବାହାରି ସହଯୋଗିତା ସ୍ଥାପନ ନିମନ୍ତେ ଉତ୍ସାହିତ କରେ। ଏଭଳି ଏକ ଦୂରଦର୍ଶୀ ଉପକ୍ରମର ଅଂଶବିଶେଷ ହୋଇପାରିଥିବାରୁ ମୁଁ ନିଜକୁ ଗର୍ବ ଅନୁଭବ କରେ ଏବଂ ଉତ୍କଣ୍ଠା ସହିତ ଅପେକ୍ଷାରତ ଯେ ୱେଭସ୍ କିପରି ଭାବରେ ସଂଯୋଗ, ସୃଜନ ଓ ଗଳ୍ପର ଉତ୍ସବର ପୁନଃ ସଂଜ୍ଞା ନିରୂପଣ କରିବାକୁ ଯାଉଛି ତାହା ଅନୁଭବ କରିବି। ଏହା କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଏକ ଢେଉ ସୃଷ୍ଟି କରିବାକୁ ଯାଉଛି। ମୋର ବିଶ୍ୱାସ ଯେ ମିଡିଆ ଓ ମନୋରଞ୍ଜନ ଦୁନିଆରେ ଏବେ ଭାରତ ତା'ର 'ଲଗାନ୍ ମୁହୂର୍ତ୍ତ'କୁ ଅନୁଭବ କରିବାକୁ ଯାଉଛି। ଏହା ଏଭଳି ଏକ ଅବସର ଯେଉଁଥିରେ ଏକତା, ସାହସ ଏବଂ ପରିକଳ୍ପନା ଆମର ଭୌଗୋଳିକ ସୀମାରେଖା ଡେଇଁ ଗୁଞ୍ଜରିତ ହେବ। ତେବେ ଆସନ୍ତୁ, ଆମେ ସଭିଏଁ ମିଶି ଏପରି ଏକ ଭବିଷ୍ୟତ ପାଇଁ କଳ୍ପନା, ସହଭାଗୀ ଏବଂ ନିର୍ମାଣ ପାଇଁ ହାତ ବଢ଼ାଇବା ଯେଉଁଠାରେ ପ୍ରତ୍ୟେକ ସହଭାଗୀଙ୍କ ସ୍ୱର ଦୁନିଆ ନିକଟରେ ପହଞ୍ଚିବାର ସୁଯୋଗ ପାଇପାରିବ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୬ ଅପ୍ରେଲ ୨୦୨୫ ବୁଧବାର





## ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

# ଚଳିତ ବର୍ଷ ରଥଯାତ୍ରାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ



**ପୁରୀ, ନ୍ୟୁଜ ବ୍ୟୁରୋ**
ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗ ରେ ମହାପ୍ରଭୁଙ୍କ ରଥଯାତ୍ରା କୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।ଚଳିତ ବର୍ଷ କେବଳ ରଥଯାତ୍ରା ନୁହେଁ ସ୍ନାନ ପୂର୍ଣ୍ଣିମା ରେ ମଧ୍ୟ ଭିଡ଼ର ଆଶା କରାଯାଉ ଥିବାରୁ ସମସ୍ତ ବିଭାଗ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ।ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ ବ୍ୟବସ୍ଥା,ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ,ସୂଚନା କେନ୍ଦ୍ର ଓ ହଜିବା ଖୋଜିବା କେନ୍ଦ୍ର ବ୍ୟବସ୍ଥା, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ ପି ବିନୀତ ଅଗ୍ରୱାଲ ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷା,ଟ୍ରାଫିକ ନିୟନ୍ତ୍ରଣର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟର ସଫଳତା ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।ଅସୁରକ୍ଷିତ ବିଲ୍ଡିଂ ର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ର ସମୀକ୍ଷା ଇତ୍ୟାଦି କୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ପରାମର୍ଶ ଦିଆଯାଇଥିଲା। ନିତୀ ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥକାଠ ର ଆବଶ୍ୟକତା, ଉପଲବ୍ଧ କାଠର ବିବରଣୀ, ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ମୁଖ୍ୟ ହେମନ୍ତ କୁମାର ପାଢୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଏସପି ଦେବବ୍ରତ ଚକ୍ର, ବିଷ୍ଣୁ ପ୍ରସାଦ ପତି,ଉପ ଜିଲ୍ଲାପାଳ ରାଜ କିଶୋର ଜେନା, , ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ମନୀଷା ଷଡ଼ଙ୍ଗୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରୂପଭାନୁ ମିଶ୍ର,ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ରଥଯାତ୍ରା ଜୁନ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଅକ୍ଷୟ ତୃତୀୟା ଅପ୍ରେଲ ୩୦ତାରିଖରେ, ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧ ତାରିଖରେ ଅନୁଷ୍ଠିତ ହେବ।ସେହିପରି ସଂଧ୍ୟା ଦର୍ଶନ ଜୁଲାଇ ୪ ତାରିଖ, ବାହୁଡା ଯାତ୍ରା ଜୁଲାଇ ୫ ତାରିଖ, ସୁନାବେଶ ଜୁଲାଇ ୬ ତାରିଖ, ଅଧରପଣା ଜୁଲାଇ ୭ ତାରିଖ ଓ ନୀଳାଦ୍ରି ବିଜେ ଜୁଲାଇ ୮ ତାରିଖ ରେ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

# ଓଡ଼ିଶା ଗସ୍ତରେ ଦିଲ୍ଲୀ ବିଧାନସଭାର ବାଚସ୍ପତି

## ନେଭାର କାର୍ଯ୍ୟକାରିତା ନେଇ ଆଲୋଚନା କଲେ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଦିଲ୍ଲୀ ବିଧାନସଭା ବାଚସ୍ପତି ଶ୍ରୀ ବିଜେନ୍ଦର ଗୁପ୍ତା ଓ ଉପବାଚସ୍ପତି ଶ୍ରୀ ମୋହନ ସିଂ ବିଷ୍ଟ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ ରାଜ୍ୟ ବିଧାନସଭା ଠାରେ ସାକ୍ଷାତ କରିଛନ୍ତି । ଦିଲ୍ଲୀ ବିଧାନସଭା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି କମିଟିର ସଦସ୍ୟମାନେ ଓଡ଼ିଶା ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ବିଶେଷ ଭାବେ ଅବଗତ ହେବା ସହ ଓଡ଼ିଶା ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍ (ନେଭା) ମାଧ୍ୟମରେ କାଗଜବିହୀନ ବିଧାନସଭା ପରିଚାଳନାର ସଫଳ କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ ।
ଏହି ଅବସରରେ ଦିଲ୍ଲୀ ବିଧାନସଭାର ସଚିବ ଶ୍ରୀ ରଣଜିତ ସିଂ, ବିତ୍ତ ଅଧିକାରୀ ଶ୍ରୀ ଗୁରୀନ୍ଦର ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟ ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ପୌରାଞ୍ଚଳରେ ନାଗରିକ କୈନ୍ଦ୍ରିକ ପଦକ୍ଷେପଗୁଡ଼ିକୁ ସୁଦୃଢ ପାଇଁ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟ ସାରା ସହରାଂଚଳ ସ୍ଥାନୀୟ ସଂସ୍ଥା ପ୍ରଶାସନରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଦିଗରେ ଏକ ଦୃଢ଼ ପ୍ରୟାସ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ସମସ୍ତ ପୌର ଅଧିକାରୀଙ୍କ ମଧ୍ୟରେ ସମୟାନୁବର୍ତ୍ତୀତା ଏବଂ ବୃତ୍ତିଗତ ଆଚରଣ ଉପରେ ଗୁରୁତ୍ୱାରୋପ କରି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।
ସମୟାନୁବର୍ତ୍ତୀତା ବଜାୟ ରଖିବାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶଂସନୀୟ ପ୍ରୟାସକୁ ସ୍ୱୀକାର କରି, ଶ୍ରୀମତୀ ପାଢୀ ପୌରସଂସ୍ଥା ଅଧୀନରେ ସମସ୍ତ କର୍ମଚାରୀଙ୍କଠାରୁ ସମାନ ପ୍ରତିବଦ୍ଧତା ପାଇଁ ଆହ୍ୱାନ କରିଛନ୍ତି। ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉଦାହରଣ ଦେଇ ନେତୃତ୍ୱ ନେବାକୁ ଏବଂ ବିଳମ୍ବ ନକରି ବାୟୋମେଟ୍ରିକ୍ ଉପସ୍ଥିତି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ଶୃଙ୍ଖଳାକୁ ସଂସ୍ଥାଗତ କରିବା, ସାଧାରଣ ସେବାର ସମୟାନୁବର୍ତ୍ତୀ ବିତରଣ ସୁନିଶ୍ଚିତ କରିବା ଏବଂ ସ୍ଥାନୀୟ ଶାସନ ଉପରେ ନାଗରିକଙ୍କ ବିଶ୍ୱାସକୁ ମଜବୁତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।
ଏହା ବ୍ୟତୀତ, ନିର୍ଦ୍ଦେଶନାମା କର୍ମଚାରୀଙ୍କ ଆଚରଣ ଏବଂ ସାଧାରଣ ପାରସ୍ପରିକ କ୍ରିୟା ଉପରେ ନଜର ରଖିବା ପାଇଁ କାର୍ଯ୍ୟାଳୟ ପରିସରରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ସ୍ଥାପନ କରିବାକୁ ସୁପାରିଶ କରିଛି। ଏହି ପଦକ୍ଷେପଗୁଡ଼ିକ ନାଗରିକ-ପ୍ରଥମେ ସଂସ୍କୃତି ଏବଂ ପ୍ରତିକ୍ରିୟାଶୀଳ ପ୍ରଶାସନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବ୍ୟାପକ ପଦକ୍ଷେପର ଅଂଶ।
"ଶାସନରେ ଏକ ସାଂସ୍କୃତିକ ପରିବର୍ତ୍ତନର ସମୟ ଆସିଛି – ଯାହା ସଚ୍ଚୋଟତା, ପ୍ରତିକ୍ରିୟାଶୀଳତା ଏବଂ ଦକ୍ଷତାକୁ ପ୍ରତିଫଳିତ କରେ। ସମୟାନୁବର୍ତ୍ତିତା ଏବଂ ବୃତ୍ତିଗତ ଆଚରଣ ଆଲୋଚନାଯୋଗ୍ୟ ହେବା ଉଚିତ ନୁହେଁ, ଏବଂ କେବଳ ବ୍ୟତିକ୍ରମିକ ପରିସ୍ଥିତିରେ ନମନୀୟତାକୁ ଅନୁମତି ଦିଆଯାଇପାରିବ," ଶ୍ରୀମତୀ ପାଢୀ କହିଛନ୍ତି।
ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆଙ୍କୁ ଏହି ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ସକ୍ରିୟ ଭାବରେ ତଦାରଖ କରିବା ଏବଂ ସମସ୍ତ ପୌରସଂସ୍ଥା ମଧ୍ୟରେ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।
ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛ, ଦକ୍ଷ ଏବଂ ନାଗରିକ-ଅନୁକୂଳ ସହରାଂଚଳ ସେବା ପ୍ରଦାନ କରିବା ପାଇଁ ରାଜ୍ୟର ଦୃଷ୍ଟିକୋଣ ସହିତ ସମନ୍ୱିତ, ସହରାଂଚଳ ଶାସନ ଏବଂ ସାର୍ବଜନୀନ ଦାୟିତ୍ୱର ମୂଳଦୁଆକୁ ସୁଦୃଢ଼ କରିବା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜୁବାବୁଙ୍କ...

ଆଧାରରେ ପୁଲିସ ମାମଲା ରୁଜୁ କରିଛି ଏବଂ ଅଭିଯୁକ୍ତକୁ ଗିରଫ କରାଯାଇଛି। ଆଇଜି ହିମାଂଶୁ ଲାଲଙ୍କ ସୂଚନା ଅନୁସାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ପୋଡି ଘଟଣାରେ ଯୁଗଳ କୁମାର ସାହୁ ନାମକ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ସଂପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ଏବଂ ତାଙ୍କୁ ଗିରଫ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପାଟଣାଗଡ଼ ବ୍ଲକ ଛକ ବିଭିନ୍ନ କାରଣକୁ ନେଇ ଦୀର୍ଘ ବର୍ଷ ଧରି ବିବାଦୀୟ ସ୍ଥିତିରେ ରହିଥିଲା। ସ୍ଥାନୀୟ ଲୋକେ ଏବଂ ରାଜନୈତିକ ଦଳ ମଧ୍ୟରେ ଏଥିପାଇଁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସ୍ଥାନକୁ ପର୍ଶୁରାମ ଛକ ଭାବେ ନାମକରଣ କରାଯିବା ପାଇଁ ବ୍ରହ୍ମଣ ସମାଜ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ସମ୍ପୃକ୍ତ ସ୍ଥାନରେ ଭଗବାନ ପର୍ଶୁରାମଙ୍କ ଫଟୋ ରଖି ପୂଜା ମଧ୍ୟ କରା ଯାଉଥିଲା। କିଛି ବର୍ଷ ହେବ ସେଠାରେ ପର୍ଶୁରାମ ଜୟନ୍ତୀରେ ପୂଜାର୍ଚ୍ଚନା କରି ଶୋଭାଯାତ୍ରା ମଧ୍ୟ କରାଯାଉଥିଲା । କିନ୍ତୁ ଭଗବାନ ପର୍ଶୁରାମଙ୍କ ଫଟୋକୁ କିଛି ଲୋକ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ନେଇ ବିବାଦ ଚରମସୀମାରେ ପହଞ୍ଚିଥିଲା। ତେବେ ଦୀର୍ଘ ଦିନର ନୀରବତା ପରେ ମଙ୍ଗଳବାର ସକାଳୁ ବିଜୁବାବୁଙ୍କ ସେହି ପ୍ରତିମୂର୍ତ୍ତିରେ ଜଣେ ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲା। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମୂର୍ତ୍ତି ପୋଡ଼ିବା ଘଟଣା ନେଇ ବିଜୁ ଜନତା ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର ଦୁଃଖ ଓ କ୍ଷୋଭ ପ୍ରକାଶ କରିଛନ୍ତି । ଶ୍ରୀ ମିଶ୍ର ମଙ୍ଗଳବାର ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅପମାନିତ କରିବା ଭଳି ବାରମ୍ବାର ଏଭଳି ଘଟଣା ରାଜ୍ୟରେ ଘଟୁଥିବା ବେଳେ ସରକାର ନୀରବଦ୍ରଷ୍ଟା ରହିଛନ୍ତି। ଘଟଣାରେ ସଂପୃକ୍ତ ଦୁର୍ବୃତ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ସେ କହିଛନ୍ତି। ଏଭଳି ଘଟଣାକୁ ଦଳ ତୀବ୍ର ନିନ୍ଦା କରୁଛି। ପ୍ରବାଦ ପୁରୁଷ ତଥା ଭାରତ ବର୍ଷ ମୁକ୍ତି ଆନ୍ଦୋଳନର ଅନନ୍ୟ ଜନନାୟକ ବିଜୁ ପଟ୍ଟନାୟକ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ହେଲେ ରାଜ୍ୟ ସରକାର ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁନାହାନ୍ତି।

### ନିନ୍ଦା କଲେ...

ଆସିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିକଟରେ ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୟନ୍ତୀକୁ ରାଜ୍ୟସ୍ତରରେ ବିପୁଳ ଉତ୍ସାହର ସହ ପାଳନ କରାଯାଇଥିଲା ସେଥିରେ ସେ ନିଜେ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ମଧ୍ୟ ଏପ୍ରିଲ ୧୭ ତାରିଖରେ ପାଳନ କରାଯିବ ବୋଲି ସେ କହିଛନ୍ତି।

### ପ୍ରଶାନ୍ତ ନନ୍ଦ ପାଇଲେ ...

ମନଜିତ କୌର ସିଂହ ତାଙ୍କୁ ସମ୍ମାନିତ କରିଥିଲେ। ଅପରପକ୍ଷେ ଓଡ଼ିଆ କଲ୍‌ଚରାଲ ଆସୋସିଏସନ ସାଉଥଆଫ୍ରିକା ପକ୍ଷରୁ ମଧ୍ୟ ଉତ୍କଳ ଦିବସ ମାଲବୋରୋ ମନ୍ଦିର ପରିସରରେ ରବିବାର ଧୁମଧାମରେ ପାଳନ କରାଯାଇଥିଲା। ଓଡ଼ିଶାର କଳା ସଂସ୍କୃତି ଓ ପର୍ବପର୍ବାଣୀକୁ ଖୁବ ସୁନ୍ଦର ଭାବରେ ପିଲାମାନେ ନୃତ୍ୟ ଗୀତ ମାଧ୍ୟମରେ ପରିବେଷଣ କରିଥିଲେ। ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ ଉପସ୍ଥିତ ସବୁ ରାଜ୍ୟର ପ୍ରତିନିଧିମାନଙ୍କ ମନ ମୋହିଥିଲା।

### ଦୁଗ୍ଧ ଚାଷୀଙ୍କୁ ...

ଅଧିନରେ ଥିବା ଚାଷୀଙ୍କ ଖାତାକୁ ୨.୬୨ କୋଟି, ପୁରୀ ଜିଲ୍ଲାକୁ- ୨.୩୨ କୋଟି ଟଙ୍କା ଯାଇଥିବା ବେଳେ ସର୍ବନିମ୍ନ ପ୍ରୋତ୍ସାହନ ରାଶି ଯାଇଛି ମୟୂରଭଞ୍ଜ ଜିଲ୍ଲା ଦୁଗ୍ଧସମବାୟ ସମିତି ଅଧିନରେ ଥିବା ଚାଷୀଙ୍କ ଖାତାକୁ। ମୟୂରଭଞ୍ଜ ଜିଲ୍ଲାକୁ ଯାଇଛି ମାତ୍ର ୨୦ ଲକ୍ଷ ଟଙ୍କା । ଓମଫେଡ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ବର୍ଷରେ ଏହି ପ୍ରୋତ୍ସାହନ ରାଶି ପ୍ରଦାନ ପ୍ରକ୍ରିୟା ଜାରି ରହିବ। କେବଳ ସେତିକି ନୁହେଁ, ବର୍ଷ ସାରା ଓମଫେଡର ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୨ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି କହିଛନ୍ତି ଓମଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ। ଏହି ଅର୍ଥ କୌଣସି ୟୁନିୟନ ମାଧ୍ୟମରେ ଦିଆଯାଇ ନାହିଁ । ଏହା ସିଧାସଳଖ ଡିବିଟି ମାଧ୍ୟମରେ ଚାଷୀଙ୍କ ଖାତାକୁ ଯାଇଛି । ଫଳରେ ଚାଷୀମାନେ ଏହି ପ୍ରୋତ୍ସାହନ ରାଶି ପାଇବା ପରେ ବେଶ ଖୁସି ପ୍ରକଟ କରିବା ସହ ଓମଫେଡ ଏବଂ ରାଜ୍ୟ ସରକାରଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି।

### ୨୫୦୦ ଗୃହରକ୍ଷୀ ...

ତାଙ୍କର ସାକ୍ଷାତ ପରେ ଏହି ଘୋଷଣା କରିଥିଲେ। ଶାହଙ୍କ ସହ ଆଲୋଚନାରେ ବିଶେଷ କରି ପୋଲିସ ବାହିନୀ ମଧ୍ୟରେ କର୍ମଚାରୀ ଅଭାବକୁ ଦୂର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଖାଲି ପଦବୀକୁ ପୂରଣ କରିବା ସହିତ, ମୁଖ୍ୟମନ୍ତ୍ରୀ ମାଝୀ ଟ୍ରାଫିକ ପରିଚାଳନା ଏବଂ ସାଇବର ଅପରାଧ ଭଳି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ସମୟୋଚିତ ନିଯୁକ୍ତି ଉପରେ ଧ୍ୟାନ ଦେଇ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସମନ୍ୱିତ ପ୍ରୟାସ କରୁଛନ୍ତି । ଏହା ବ୍ୟତୀତ, ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମାଓ ଆନ୍ଦୋଳନର ସମସ୍ୟା ଯଥେଷ୍ଟ ହ୍ରାସ ପାଇଛି, ବର୍ତ୍ତମାନ କେବଳ ୧୦ଟି ଜିଲ୍ଲାକୁ ପ୍ରଭାବିତ କରୁଛି। ପୂର୍ବ ସରକାରଙ୍କ ସମୟରେ ଗୃହ ବିଭାଗର ଅଧିକାରୀମାନଙ୍କ ସମେତ ପୋଲିସ କର୍ମଚାରୀଙ୍କ ଅନେକ ଖାଲି ପଦବୀ ପୂରଣ କରିବାରେ ଅଭାବ ଥିଲା। ଆମ ସରକାର କ୍ଷମତାକୁ ଆସିବା ପରେ ଖାଲି ପଦବୀ ପୂରଣକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛି, ମୁଖ୍ୟମନ୍ତ୍ରୀ କହିଥିଲେ ଆମେ ପ୍ରାୟ ୧୨,୦୦୦ ଖାଲି ପଦବୀ ପୂରଣ କରିବାକୁ ଯାଉଛୁ । ଖାଲି ପଦବୀଗୁଡ଼ିକ ମଧ୍ୟରେ ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ (୩,୦୦୩ ପଦବୀ), ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ (୩,୦୦୦ ପଦବୀ), ଟ୍ରାଫିକ ପୋଲିସ (୨,୦୦୦ ପଦବୀ), ହୋମଗାର୍ଡ (୫,୦୦୦ ପଦବୀ), ପ୍ରସିକ୍ୟୁସନ କ୍ୟାଡର (୨୬୭ ପଦବୀ), ଫରେନ୍ସିକ (୨୫୪ ପଦବୀ) ଏବଂ ଅନ୍ୟାନ୍ୟ ପଦବୀ ଅନ୍ତର୍ଭୁକ୍ତ ବୋଲି ମୁଖ୍ୟମନ୍ତ୍ରୀ ସାମ୍ବାଦିକ ମାନଙ୍କୁ କହିଥିଲେ।

### ପିଲା ଚୋରି ...

ମଧ୍ୟ ସମାଲୋଚନା କରିଛନ୍ତି। ଶିଶୁ ଚାଲାଣ ମାମଲାରେ ଭାରତୀୟ ପ୍ରତିଷ୍ଠାନ ଦ୍ୱାରା ଦିଆଯାଇଥିବା ପରାମର୍ଶଗୁଡ଼ିକୁ ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ ସାମିଲ କରିଛନ୍ତି ଏବଂ ସମସ୍ତ ରାଜ୍ୟ ସରକାରଙ୍କୁ ସେଗୁଡ଼ିକୁ ପଢ଼ି କାର୍ଯ୍ୟକାରୀ କରିବାକୁ କହିଛନ୍ତି । ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ କୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ଶିଶୁ ଜନ୍ମ ଦେବାକୁ ହସ୍ପିଟାଲକୁ ଆସନ୍ତି ଏବଂ ସେଠାରୁ ନବଜାତ ଶିଶୁ ଚୋରି ହୋଇଯାଏ, ତେବେ ସର୍ବପ୍ରଥମେ ସରକାର ହସ୍ପିଟାଲର ଲାଇସେନ୍ସ ବାତିଲ କରିବା ଉଚିତ । ଏହା କିଛି ପରିମାଣରେ ପିଲା ଚୋରି ଘଟଣା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ। କୋର୍ଟ ସମସ୍ତ ମାତାପିତାଙ୍କୁ ହସ୍ପିଟାଲରେ ନବଜାତ ଶିଶୁଙ୍କ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟକୁ ଶିଶୁ ଚାଲାଣ ମାମଲାଗୁଡ଼ିକର ବିବରଣୀ ନେବାକୁ ଏବଂ ୬ ମାସ ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ଟ୍ରାଏଲ କୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ କହିଛନ୍ତି। କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ କହିଛନ୍ତି, ଯଦି ଜଣେ ମାତାପିତାଙ୍କ ନବଜାତ ଶିଶୁର ମୃତ୍ୟୁ ହୁଏ, ତେବେ ସେମାନେ ଦୁଃଖ ଅନୁଭବ କରନ୍ତି । ସେମାନେ ଭାବନ୍ତି ଯେ ପିଲାଟି ଭଗବାନଙ୍କ ପାଖକୁ ଫେରିଯାଇଛି, କିନ୍ତୁ ଯଦି ସେମାନଙ୍କର ନବଜାତ ପିଲାଟି ଚୋରି ହୋଇଯାଏ, ତେବେ ସେମାନଙ୍କର ଦୁଃଖ କଳ୍ପନା କରାଯାଇପାରିବ ନାହିଁ । କାରଣ ବର୍ତ୍ତମାନ ସେମାନଙ୍କ ପିଲାଟି ଏକ ଅଜଣା ଦଳ ସହିତ ଅଛି। ଏହି ଗ୍ୟାଙ୍ଗରୁ ପିଲା କିଣିଥିବା ଲୋକଙ୍କ ଜାମିନ ମଧ୍ୟ ସୁପ୍ରିମକୋର୍ଟ ବାତିଲ କରିଛନ୍ତି । କୋର୍ଟ କହିଛନ୍ତି ଯେ ଯଦି କେହି ନିଃସନ୍ତାନ, ତେବେ ଅନ୍ୟ କାହାର ସନ୍ତାନ କିଣିବା ହିଁ ସନ୍ତାନ ପାଇବାର ଏକମାତ୍ର ଉପାୟ ହୋଇପାରିବ ନାହିଁ ତାହା ମଧ୍ୟ ଜାଣି ଯେ ପିଲାଟି ଚୋରି ହୋଇଯାଇଛି।

### ୫ ଲ୍ୟାଣ୍ଡମାଇନ୍ ...

ଓଜନର ୩ଟି ଏବଂ ୫ କିଲୋ ଓଜନର ୨ଟି ବୋମା ଖଞ୍ଜା ଯାଇଥିଲା। ଯାହାକୁ ସୁରକ୍ଷାକର୍ମୀ ଠାବ କରିବା ପରେ ବୋମା ନିଷ୍କ୍ରିୟ ଦଳକୁ ଡକାଯାଇଥିଲା । ଘଟଣାସ୍ଥଳରେ ହିଁ ବୋମା ନିଷ୍କ୍ରିୟ ଦଳ ଏହି ବୋମାକୁ ନିଷ୍କ୍ରିୟ କରିଥିଲେ। ତେବେ ଏକ ବଡ଼ଧରଣର ଅଘଟଣ ସୁରକ୍ଷାକର୍ମୀ ଟାଳି ଦେଇଥିବା କୁହାଯାଇଛି। ନକ୍ସଲଙ୍କର ସମସ୍ତ ଚାଲକୁ ସୁରକ୍ଷାକର୍ମୀ ବିଫଳ କରିବାରେ ସଫଳତା ହାସଲ କରିବାରେ ଲାଗିଛନ୍ତି।

### କାଳବୈଶାଖୀ ପ୍ରଭାବ...

କାଳବୈଶାଖୀ ପ୍ରଭାବ ଅନୁଭୂତ ହୋଇଥିଲା। ରାଜ୍ୟରେ ଗତ କିଛିଦିନ ଧରି କାଳବୈଶାଖୀ ଜାରି ରହିଛି । ବିଭିନ୍ନ ଜିଲାରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ଦେଖିବାକୁ ମିଳୁଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ କାଳବୈଶାଖୀଜନିତ ଝଡ଼ବର୍ଷା ଲାଗିରହିବ। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହୋଇଥିବା ବେଳେ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିଥିଲା। କାଳବୈଶାଖୀ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଛି। ଯାହାଫଳରେ ଗ୍ରୀଷ୍ମ ତାପରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

### ଏଥର ସ୍ୱାଭାବିକ...

ବୋଲି ପୂର୍ବାନୁମାନ କରାଯାଇଛି। ଭାରତରେ ମୌସୁମୀ ବର୍ଷାକୁ ପ୍ରଭାବିତ କରୁଥିବା ସମସ୍ତ ବୈଶ୍ୱିକ କାରକ ମଧ୍ୟରୁ ଚଳିତ ବର୍ଷ ୨ଟିର ନିଷ୍କ୍ରିୟ ପ୍ରଭାବ ରହିବାକୁ ଥିବାବେଳେ ଗୋଟିଏର ସକାରାତ୍ମକ ପ୍ରଭାବ ଅନୁଭୂତ ହେବ। ତେଣୁ ଆଗାମୀ ମୌସୁମୀରେ ସ୍ୱାଭାବିକ ବର୍ଷା ହେବାର ୩୦ ପ୍ରତିଶତ ସୁଯୋଗ ରହିଥିବାବେଳେ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ହେବାର ୩୩% ଅତ୍ୟଧିକ ବର୍ଷା ହେବାର ୨୬% ସମ୍ଭାବନା ରହିଥିବା। ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ପାଣିପାଗ ବିଭାଗ କହିବା ଅନୁଯାୟୀ, ୫୦ ବର୍ଷର ହାରାହାରି ବୃଷ୍ଟିପାତ ୮୭ ସେଣ୍ଟିମିଟରର ୯୬ରୁ ୧୦୪ ପ୍ରତିଶତ ମଧ୍ୟରେ ବର୍ଷା ହେଲେ, ଏହାକୁ ସ୍ୱାଭାବିକ ବିବେଚନା କରାଯାଇଥାଏ। ୯୦ ପ୍ରତିଶତରୁ କମ୍ ବର୍ଷାକୁ ବର୍ଷାଭାବ ଧରାଯାଉଥିବାବେଳେ ୯୦ରୁ ୯୫ ପ୍ରତିଶତକୁ ସ୍ୱାଭାବିକଠାରୁ କମ୍ ଏବଂ ୧୦୫ରୁ ୧୧୦ ପ୍ରତିଶତ ମଧ୍ୟରେ ବୃଷ୍ଟିପାତକୁ ସ୍ୱାଭାବିକଠାରୁ ଅଧିକ ତଥା ୧୧୦ ପ୍ରତିଶତରୁ ଅଧିକ ବର୍ଷାକୁ ଅତ୍ୟଧିକ ବୃଷ୍ଟିପାତ ବିବେଚନା କରାଯାଏ।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ: ବିଜେପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବଲାଙ୍ଗୀର ଜିଲ୍ଲା ପାଟଣାଗଡର ପର୍ଶୁରାମ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିକୁ ପୋଡି ଦେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ । ସରକାରଙ୍କ ନିର୍ଦ୍ଦେଶରେ ଭଗବାନ ପର୍ଶୁରାମ ଏବଂ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରିବାକୁ ପ୍ରଶାସନିକ ନିଷ୍ପତି ନିଆଯାଇଛି । ମାତ୍ର ଉନ୍ମୋଚନ ହେବା ପୂର୍ବରୁ ପ୍ରତିମୂର୍ତିକୁ ପୋଡିଦେବା ଅତ୍ୟନ୍ତ ନିନ୍ଦନୀୟ । ତ୍ୱରିତ ପଦକ୍ଷେପ ସ୍ୱରୂପ ଘଟଣାରେ ସଂପୃକ୍ତ ଯୁବକ ଯୁଗଳ କୁମାର ସାହୁ (ହୀରୁ)କୁ ତୁରନ୍ତ ଗିରଫ କରାଯାଇ ସରକାର ଓ ପ୍ରଶାସନ ତରଫରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି । ଗିରଫ ଅଭିଯୁକ୍ତ ଯୁଗଳ ଜଣେ ମାନସିକ ବିକୃତ ବ୍ୟକ୍ତି ଏବଂ ଘଟଣା ସମୟରେ ନିଜେ ଛିଡା ହୋଇଥିବା ସ୍ପଷ୍ଟ ଦେଖାଯାଉଛି । ପ୍ରକାଶ ଥାଉକି, ଅଭିଯୁକ୍ତ ଯୁଗଳ କୁମାର ସାହୁ କିଛି ମାସ ପୂର୍ବରୁ ଏକ ଇଲେକ୍ଟ୍ରିକ ଖୁଂଟ ଉପରେ ଚଢିଯାଇଥିଲେ ଏବଂ ଇଲେକ୍ଟ୍ରିକ ସପ୍ଲାଇ ବନ୍ଦ କରାଯାଇ ତାଙ୍କୁ ଉଦ୍ଧାର କରାଯାଇଥିଲ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତି ଭାରତୀୟ ଜନତା ପାର୍ଟୀର ଯଥେଷ୍ଟ ସମ୍ମାନ ରହିଛି । ଏଭଳି ହୀନ ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ବିଜେପି ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି ।

## ଆୟୁଷ୍ମାନ କାର୍ଡ ବାଣ୍ଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରର ଡୁମଡୁମା ଓ ପୋଖରୀପୁଟ ସ୍ୱାସ୍ଥ୍ୟ କେନ୍ଦ୍ର ଅଂଚଳରେ ଆସୁଥିବା ବିଭିନ୍ନ ୱାର୍ଡରେ ଏକାମ୍ର ବିଧାୟକ ବାବୁ ସିଂଙ୍କ ସହ ମିଶି ଆୟୁଷ୍ମାନ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ସ୍ୱାସ୍ଥ୍ୟ କାର୍ଡକୁ ହିତାଧିକାରୀ ମାନଙ୍କୁ ବଂଟିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହଲିଂଙ୍ଗ। ଏହା ସହ ସାଙ୍ଗରେ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ନେଇ ୱାର୍ଡ ରୁ ୱାର୍ଡ ବୁଲି ସ୍ୱାସ୍ଥ୍ୟ କାର୍ଡ ବାଂଟିଛନ୍ତି। ଆଗାମୀ ୩ ମାସ ମଧ୍ୟରେ ସରକାର ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟ କାର୍ଡ ପହଂଚାଇବା ପାଇଁ ଟାର୍ଗେଟ ରଖିଛନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହଲିଂଙ୍ଗ।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଜାଳିଦେବା ଘଟଣାକୁ ନିନ୍ଦା କଲେ ସଞ୍ଜୟ ଦାସବର୍ମା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ମହାନ ଜନନାୟକ, ପ୍ରବାଦ ପୁରୁଷ ତଥା ଭାରତବର୍ଷ ମୁକ୍ତି ଆନ୍ଦୋଳନର ଅନନ୍ୟ ଜନନାୟକ ବିଜୁ ପଟ୍ଟନାୟକ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ସେ କୌଣସି ଦଳ ବା ଗୋଷ୍ଠୀର ନେତା ନୁହନ୍ତି, ସେ ଓଡ଼ିଶାର ସର୍ବମାନ୍ୟ ନେତା ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିବା ଓଡ଼ିଆ ଜାତିର ମହାନ ଜନନାୟକ । ବିଜୁ ବାବୁଙ୍କ ପ୍ରତିମୂର୍ତିରେ ନିଆଁ ଲଗାଇବା କେବଳ ଏକ ଜଘନ୍ୟ ଅପରାଧ ନୁହେଁ ଓଡ଼ିଶାର ସ୍ୱାଭିମାନୀ ଓ ଅସ୍ମିତାକୁ ଭୁଲୁଣ୍ଠିତ କଲା ଭଳି ଦୁର୍ଭାଗ୍ୟଜନକ ଘଟଣା। ଏହି ସରକାରରେ ଏକାଧିକ ଥର ବିଜୁ ବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଅପମାନ ଦେଲାଭଳି ଘଟଣା ଘଟି ଚାଲିଛି। ରାଜ୍ୟ ସରକାରଙ୍କ ନିରବତା ରହସ୍ୟମୟ । ଦିବଙ୍ଗତ ବିଜୁ ବାବୁଙ୍କ ପ୍ରତି ହେଉଥିବା ଏ ଅପମାନ ରାଜ୍ୟବାସୀଙ୍କୁ ଗଭୀର ବ୍ୟଥିତ କରିଛି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତି ପୋଡ଼ାଜଳା ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦୁଃଖଦାୟକ ବୋଲି ଏକ ପ୍ରେସ ବିବୃତିରେ କହିଛନ୍ତି ବିଜୁ ଜନତା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ କୁମାର ଦାସବର୍ମା । ଶ୍ରୀ ଦାସବର୍ମା କହିଥିଲେ ଯେ, ଏହି ଘଟଣାକୁ ମୁଁ ତୀବ୍ର ନିନ୍ଦା କରୁଛି ଓ ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତି ମାନଙ୍କୁ ତୁରନ୍ତ ଗିରଫ ଦାବି କରୁଛି। ଆଗକୁ ଏହିଭଳି ଘଟଣାକୁ ବିଜୁ ଜନତା ଦଳ ବରଦାସ୍ତ କରିବ ନାହିଁ, ଏହାର ଉଚିତ ଜବାବ ଦିଆଯିବ ।


**ପୂର୍ବତଟ ରେଳପଥ**

File No. DRM/Engg/KUR/24-26/E-Tender/03, ତା.10.04.2025ରିଖ

(1) Tender No.: e-tender-HQ-KUR-06-2025, ତା.04.04.2025ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ ମଣ୍ଡଳର ଖୋର୍ଦ୍ଧା ରୋଡ ଏବଂ ପୁରୀ ସେକସନ ମଧ୍ୟରେ BR. NO.19 ପ୍ରସ୍ତାବିତ ସବଷ୍ଟ୍ରେକ୍ଚରିଙ୍ଗ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.145.95 ଲକ୍ଷ
EMD : ଟ.2,23,000/-, କାର୍ଯ୍ୟ ସମାପ୍ତିର ଅବଧି : 8 (ଆଠ) ମାସ

(2) Tender No.: e-tender-eastkur-01-2025, Dtd.: 03.04.2025
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ ମଣ୍ଡଳର ADEN-II-CTC କ୍ଷେତ୍ରାଧୀନ କଟକ-ପାରାଦୀପ ସେକସନର ଷ୍ଟେସନ ପାର୍ଶ୍ୱ କ୍ୱାଟର୍ସଗୁଡ଼ିକର ପ୍ରସ୍ତାବିତ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.210.70 ଲକ୍ଷ
EMD : ଟ.2,50,900/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ

(3) Tender No.: e-tendersouthkur-06-2025, Dtd.: 04.04.2025
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ ମଣ୍ଡଳର କାଇପଦର ରୋଡ, ତାପଙ୍ଗ, ନିରାକାରପୁର, ଭୁଷଣ୍ଡପୁର, ଗଙ୍ଗାଧରପୁର ଏବଂ ଖଲ୍ଲିକୋଟ ଷ୍ଟେସନରେ ଷ୍ଟେସନ ମାଷ୍ଟର୍ସ କାର୍ଯ୍ୟାଳୟର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.119.74 ଲକ୍ଷ
EMD : ଟ.2,09,900/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.25.04.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ୱେବସାଇଟ୍ : www.ireps.gov.in

ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଞ୍ଜିନିୟରିଂ)
PR-35/Q/25-26 ଖୋର୍ଦ୍ଧା ରୋଡ୍



C-110
**CUTTACK MUNICIPAL CORPORATION**

"e" PROCUREMENT NOTICE
Tender Call Notice No. 4901 (PW) Date.15.04.2025

Tender ID : 2025_ORULB_112215
&
Tender ID : 2025_ORULB_112216 (2-Bid-Double Cover)

Bid Value : Rs.5.65 Lakhs to Rs.49.65 Lakhs
&
Bid Value : Rs.52.85 Lakhs
Date and Time schedule: One Calendar Month to Three Calendar Month

| Start | End | Opening |
|---|---|---|
| 11.00 AM on dt. 17.04.2025 | 5.00 PM on dt.29.04.2025 | 11:00 A.M. on dt.02.05.2025 |

Tender Details : can be seen from the procurement portal : www.tendersorissa.gov.in

Sd/- Executive Engineer
City Division-III, CMC
OIPR-13031/11/0166/2526



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ-୪, ଭୁବନେଶ୍ୱର
Office of the Superintending Engineer,
Bhubaneswar ( R&B ) Division No. IV,
Nirman Soudha, Unit-V, Bhubaneswar

E-mail ID- eernb4bbsr@gmail.com
Tel - (0674)-2390245

B-25

**INVITATIONS FOR BIDS THROUGH e-Procurement**
No- 2654 Date- 11.04.2025
Bid Identification No- C.C. (R&B) - 04
e – Procurement Notice No. 02 of 2025-26

| | | |
|---|---|---|
| 1 | Name of the Work | Electrical Works |
| 2 | Total No of works | 2 Nos. Electrical Work |
| 3 | Estimated Cost | Rs.13,32,703.00 and Rs.20,46,161.00 |
| 4 | Class of Contractor | HT Class |
| 5 | Period of Completion | 2 (Two) Calendar Months |
| 6 | Type of Tender | Single Cover System |
| 7 | Date & time of availability of bid document in the portal | From Dt.22.04.2025 to 17.30 hrs of Dt.30.04.2025 |
| 8 | Last Date & Time for Receipt of bids in the Portal | Dt.30.04.2025 up to 17.30 hrs |
| 9 | Opening of Bid through online | Dt.01.05.2025 at 11.30 hrs onwards |
| 10 | Name & Address of the Officer inviting Bid | Er. Sundara Madhaba Padhi, Superintending Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in
N.B: Subsequent corrigendum / addendum if required shall be available in the website as indicated above

OIPR-34090/11/0014/2526

Superintending Engineer,
BBSR (R &B) Division No Iv,
BBSR

ଭୁବନେଶ୍ୱର
୧୬ ଅପ୍ରେଲ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



**ଭୁବନେଶ୍ୱର, ୧୫/୪ ନ୍ୟୁଜ ବ୍ୟୁରୋ**

ପବିତ୍ର ବୈଶାଖ ମାସର ପ୍ରଥମ ମଙ୍ଗଳବାର । ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପାଳି ଯାତ୍ରାର ଶେଷ ଦିନ । ବିଳମ୍ବିତ ରାତ୍ରରୁ ମା'ଙ୍କ ଦ୍ୱାରଫିଟା, ମଙ୍ଗଳଆଳତୀ, ସ୍ନାନ, ମାର୍ଜନା, ବେଶ, ଚନ୍ଦନ ଲାଗି, ସୂର୍ଯ୍ୟ ପୂଜା, ବଲ୍ଲଭ ଧୂପ, ସକାଳ ଧୂପ ପରେ ସକାଳ ୫ଘ ୩୦ମିନିଟ୍ ସମୟ ସାହାଣମେଳା ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ମା' ମଙ୍ଗଳା ଶ୍ରଦ୍ଧାଳୁଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଥିଲେ। ବିଳମ୍ବିତ ରାତ୍ରରେ ମା'ଙ୍କ ବେଢା ପରିସରରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଠାରୁ ମା' ମଙ୍ଗଳାଙ୍କ ଏହି ପାଳି ଯାତ୍ରା ଆରମ୍ଭ ହୋଇ ବୈଶାଖ ମାସ ପ୍ରଥମ ମଙ୍ଗଳବାରରେ ପଞ୍ଚମ ପାଳିରେ ମା' ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରାରେ ସମାପନ ହୋଇଥିଲା। ଶେଷ ମଙ୍ଗଳବାରରେ ବ୍ରତଧାରୀ ମହିଳାମାନେ ପରିବାର ମଙ୍ଗଳକାମନା ପାଇଁ ଗାଁ ଦାଣ୍ଡରେ ପନ୍ଥେଇ ନିର୍ମାଣ କରି ଗୁଆ, ନଡ଼ିଆ, କଦଳୀ, ଖଇ ସହ ପଣା ହଳଦୀ ପାଣି ଦେଇ ପୂଜା ସମାପନ କରିଥାନ୍ତି । ମା' ଶାରଳାଙ୍କ ପୀଠରୁ ଆସିଥିବା ଘଣ୍ଟ ପାଟୁଆମାନେ ପ୍ରାଚୀ ନଦୀରୁ ଜଳ ଆଣି ମା'ଙ୍କ ଉଦ୍ଦେଶ୍ୟରେ ଝାମୁ ନିଆଁରେ ଧାସ ଦେଇଥିଲେ। ଶେଷ ପାଳିରେ ମା' ମଙ୍ଗଳାଙ୍କ ନିକଟରେ ନାହିଁ ନଥିବା ଭିଡ ପରିଲିକ୍ଷିତ ହୋଇଥିଲା । ପିଲାଙ୍କ ମଙ୍ଗଳ କାମନା କରି ମା'ଙ୍କ ଆଶୀର୍ବାଦ ନେବାକୁ ଧାଇଁ ଆସିଛନ୍ତି ବହୁ ଶ୍ରଦ୍ଧାଳୁ ।



ଭୁବନେଶ୍ୱର : ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦ୍ର ଗୁପ୍ତା ଏବଂ ଉପବାଚସ୍ପତି ମୋହନ ସିଂ ବିଷ୍ଟ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ବାଣ ଉପରେ କଟକଣା ହଟାଇବାକୁ ମନାକଲେ ସୁପ୍ରିମକୋର୍ଟ

# ଦିଲ୍ଲୀରେ ବିପଦଜନକ ରହିଛି ବାୟୁ ପ୍ରଦୂଷଣ ସ୍ତର



**ନୂଆଦିଲ୍ଲୀ, ୧୫।୪**

ଦିଲ୍ଲୀ-ଏନସିଆରରେ ବାଣ ତିଆରି, ସଂରକ୍ଷଣ ଏବଂ ବିକ୍ରୟ ଉପରେ ଲଗାଯାଇଥିବା କଟକଣାକୁ ଉଠାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି, ଏଠାରେ ବାୟୁ ପ୍ରଦୂଷଣ ଦୀର୍ଘ ସମୟ ଧରି ବିପଜ୍ଜନକ ସ୍ତରରେ ରହିଛି। ମାମଲାର ଶୁଣାଣି ସମୟରେ ବିଚାରପତି ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂଇଁଆଙ୍କ ଖଣ୍ଡପୀଠ କହିଛନ୍ତି, ରାସ୍ତାରେ କାମ କରୁଥିବା ଲୋକମାନେ ପ୍ରଦୂଷଣ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ସମସ୍ତଙ୍କର ଘରେ କିମ୍ବା କାର୍ଯ୍ୟସ୍ଥଳରେ ଏୟାର ପ୍ୟୁରିଫାୟର୍ ଲଗାଇବାର ସୁବିଧା ନାହିଁ। ସୁପ୍ରିମକୋର୍ଟ ଆହୁରି କହିଛନ୍ତି, 'ଗତ ଛଅ ମାସରେ, କୋର୍ଟ ଅନେକ ନିର୍ଦ୍ଦେଶ ଦେଇଛନ୍ତି ଯାହା ଦର୍ଶାଉଛି ଯେ ଦିଲ୍ଲୀରେ ବାୟୁ ପ୍ରଦୂଷଣର ସ୍ଥିତି ବହୁତ ଖରାପ ରହିଛି।' ସମ୍ବିଧାନର ଧାରା ୨୧ ଅନୁଯାୟୀ ସ୍ୱାସ୍ଥ୍ୟ ଅଧିକାର ପ୍ରତ୍ୟେକ ନାଗରିକଙ୍କର ଅଧିକାର, ଯେଉଁଥିରେ ଏକ ସ୍ୱଚ୍ଛ ଏବଂ ପ୍ରଦୂଷଣମୁକ୍ତ ପରିବେଶରେ ବଞ୍ଚିବାର ଅଧିକାର ମଧ୍ୟ ରହିଛି।' ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଯେଉଁ ପର୍ଯ୍ୟନ୍ତ ଏହା ପ୍ରମାଣିତ ନହୁଏ ଯେ ଗ୍ରୀନ୍ କ୍ରାକର ଖୁବ୍ କମ୍ ପ୍ରଦୂଷଣ ସୃଷ୍ଟି କରେ, ସେପର୍ଯ୍ୟନ୍ତ ଏହି ନିଷେଧ ଉପରେ ପୁନର୍ବିଚାର କରିବାର କୌଣସି ପ୍ରଶ୍ନ ଉଠୁନାହିଁ। କୋର୍ଟଙ୍କ ଅନୁଯାୟୀ, ଦିଲ୍ଲୀରେ ଅସାଧାରଣ ସ୍ଥିତି ଲାଗିରହିଛି, ସେହି କାରଣରୁ ବାଣ ଉପରେ କଟକଣା ଲଗାଇବା ସମ୍ପୂର୍ଣ୍ଣ ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ମା' କୋଳକୁ ଶିଶୁପୁତ୍ର ଫେରି ଆସିବା ଖବର ମତେ ଆଶ୍ୱସ୍ତି ଦେଇଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫/୪ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରୁ ଚୋରି ହୋଇଥିବା ଶିଶୁପୁତ୍ର ନିଜ ଦୃଷ୍ଟିବାଧିତ ମା' କୋଳକୁ ଫେରି ଆସିବା ଖବର ପାଇ ଆଶ୍ୱସ୍ତି ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମା'ଙ୍କ ମୁହଁରେ ଶିଶୁ ପୁତ୍ରକୁ ପାଇବାର ହସ ଦେଖି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦିତ ହୋଇଛନ୍ତି । ଘଟଣା ଘଟିବାର ୩ ଦିନ ମଧ୍ୟରେ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇଛି । ଜଣେ ଗରିବ, ଅସହାୟ ମହିଳାଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ ଦିଗରେ ପୋଲିସ ପ୍ରଶାସନର ପଦକ୍ଷେପ ନିଶ୍ଚୟ ପ୍ରଶଂସନୀୟ ବୋଲି ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ । ତୃଣମୂଳସ୍ତରରେ ସବୁ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ଆହୁରି ନିକଟତର ହୋଇ କାମ କରିବା ଦିଗରେ ଆମ ସରକାର ସର୍ବଦା ସମ୍ବେଦନଶୀଳ । ପ୍ରତ୍ୟେକଟି ଓଡ଼ିଶାବାସୀ ବିଶେଷ କରି ଗରିବ, ଅସହାୟ ଲୋକମାନେ ଯାହାଙ୍କ ପାଇଁ କେହି ନାହାନ୍ତି, ସରକାରୀ ବ୍ୟବସ୍ଥା ସବୁବେଳେ ତାଙ୍କ ପାଖରେ ଅଛି । ତାଙ୍କ



ସମସ୍ୟାର ସମାଧାନ ହିଁ ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ସେପଟେ ଶିଶୁପୁତ୍ରକୁ ପାଇ ଭାବ ବିହ୍ୱଳ ହୋଇପଡିଛନ୍ତି ମା' ଜୟନ୍ତୀ ମଲ୍ଲିକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି, ଏହାସହ ପୋଲିସକୁ ବି ଧନ୍ୟବାଦ ଜଣାଇଛନ୍ତି ଶୁଭମଙ୍କ ମାଆ ଜୟନ୍ତୀ । ପ୍ରାୟ ୭୨ ଘଣ୍ଟାର ଛାନଭିନ ପରେ ମା' କୋଳକୁ ଫେରିଛି ପୁଅ ଶୁଭମ । ଛୁଆକୁ ପାଇ ଭାବବିହ୍ୱଳ ହୋଇପଡିଲେ ମା' । ଛୁଆକୁ ଫେରି ପାଇବି ବୋଲି ଭାବି ନଥିଲି । ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦରୁ ଛୁଆକୁ ଫେରି ପାଇଛି ବୋଲି କହିଛନ୍ତି ଦୃଷ୍ଟିବାଧିତ ମହିଳା ଜୟନ୍ତୀ ମଲ୍ଲିକ । କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପରେ ମାଆକୁ ଶିଶୁପୁତ୍ର ହସ୍ତାନ୍ତର କରାଯାଇଛି । ସେହି ମୁହୂର୍ତ୍ତ ଥିଲା ଅବର୍ଣ୍ଣନୀୟ । ଛୁଆକୁ କୁଣ୍ଢାଇ ନିଜ ଲୁହ ସମ୍ଭାଳି ପାରିନଥିଲେ ମା' । ଗେଲ କରି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଥିଲେ । ଏପରିକି ମନ୍ଦିର ପୂଜକ...ପାଖ ଦୋକାନୀ ସମସ୍ତେ ଛୁଆ ମିଳିବା ପରେ ଖୁସି ହେବା ସହ ଭାବବିହ୍ୱଳ ହୋଇପଡିଛନ୍ତି । ଶନିବାର ବିଳମ୍ବିତ ରାତିରେ ମାଆ କୋଳରୁ ଶିଶୁକୁ ଅପହରଣ କରିଥିଲା ଦୁର୍ବୃତ୍ତ କେଦାରସନ ପଣ୍ଡା । ସିସିଟିଭି ଫୁଟେଜ ଆଧାରରେ ବିଭିନ୍ନ ସ୍ଥାନରେ ଚଢଉ କରିଥିଲା ପୋଲିସ । କଠିନ ଅପରେସନ ପାଇଁ କମିଶନରେଟ୍ ପୋଲିସର ହୋଇଥିଲା ସ୍ୱତନ୍ତ୍ର ରଣନୀତି । ତୁରନ୍ତ ନିଖୋଜ ଶିଶୁକୁ ଠାବ ପାଇଁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ । ଶିଶୁ ଅପହରଣ ସ୍ପର୍ଶକାତର ଘଟଣା ହୋଇଥିବାରୁ ଥିଲା ବଡ ଚ୍ୟାଲେଂଜ। ପୋଲିସ କମିଶନର କହିଛନ୍ତି , ସମସ୍ତଙ୍କୁ ଏ ଘଟଣା ବ୍ୟଥିତ କରିଥିଲା । ମୁଖ୍ୟମନ୍ତ୍ରୀ ଏ ଘଟଣା ବିଷୟରେ ଜାଣିବା ପରେ ଯଥା ଶୀଘ୍ର ଆରେଷ୍ଟ ଓ ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲଗାତାର ଆମ ସହ ସମ୍ପର୍କରେ ଥିଲେ । ସୋମବାର ରାତିରେ ବିଭିନ୍ନ ଜାଗାରେ ଚଢ଼ଉ ବେଳେ ମହିଳାଙ୍କ ନିକଟରୁ ଭଦ୍ରକ ଅଞ୍ଚଳରେ ଠାବ ହେଲା । ପରେ ବାଲେଶ୍ୱର ଅଞ୍ଚଳରେ ମଧ୍ୟ ଚଢ଼ଉ କରାଗଲା । କେଦାରସନକୁ ପୁରୀ ଅଞ୍ଚଳରୁ କାବୁ କରାଗଲା। ଅପହରଣ ପରେ ଶିଶୁ ପୁତ୍ରକୁ ଝିଅ ଡ୍ରେସ ପିନ୍ଧେଇ ଦେଇଥିଲେ ଅଭିଯୁକ୍ତ । ଚୁଟି କାଟି ଦେବା ସହ ଘରେ ଝିଅ ବୋଲି କହୁଥିଲେ । ପରେ ଅଭିଯୁକ୍ତ କେଦାରସନ ପଣ୍ଡା ପୁରୀ ପ୍ରାୟଶ୍ଚିତ ପାଇଁ ଆସିଥିବା ବେଳେ ପୋଲିସ ମାଡି ବସିଥିଲା । ଅଭିଯୁକ୍ତ ନାଁରେ ୩ଟି ଚୋରି ମାମଲା ରହିଛି । ଅଙ୍ଗ ତସ୍କରି ନେଇ କୌଣସି ସୁରାକ ମିଳିନି । ଆପାର୍ଟମେଣ୍ଟରେ ସିକ୍ୟୁରିଟି ଗାର୍ଡ ଭାବେ ମଧ୍ୟ କାମ କରୁଥିଲା କେଦାରସନ ।

## ପ୍ରକାଶ ପାଇଲା ୨୦୨୫-୨୬ ଶିକ୍ଷାବର୍ଷ କ୍ୟାଲେଣ୍ଡର

# ମେ' ୬ରୁ ସ୍କୁଲ ଖରା ଛୁଟି



**ଭୁବନେଶ୍ୱର, ୧୫/୪ ନ୍ୟୁଜ ବ୍ୟୁରୋ**

ପ୍ରକାଶ ପାଇଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୨୦୨୫-୨୬ ଶିକ୍ଷାବର୍ଷ କ୍ୟାଲେଣ୍ଡର । ୨୦୨୫ ଶିକ୍ଷାବର୍ଷ ପାଇଁ ପ୍ରକାଶିତ କ୍ୟାଲେଣ୍ଡରରେ ସମସ୍ତ ଛୁଟି ବିବରଣୀ ପ୍ରକାଶ ପାଇଛି। ଓସେପା ପକ୍ଷରୁ ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀ ପାଇଁ ଶିକ୍ଷା କ୍ୟାଲେଣ୍ଡର ପ୍ରକାଶ କରାଯାଇଛି । ୨୦୨୫ ଶିକ୍ଷାବର୍ଷରେ ୨୩୧ଟି କାର୍ଯ୍ୟ ଦିବସ ରହିଛି । ଆସନ୍ତା ମେ ୬ ତାରିଖରୁ ଖରାଛୁଟି ରହିଛି । ଶିକ୍ଷା କ୍ୟାଲେଣ୍ଡରକୁ କଡ଼ାକଡ଼ି ପାଳନ ଲାଗି ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ମେ' ୬ ତାରିଖରୁ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ସମସ୍ତ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ବିଶେଷ ଭାବରେ ବିଦ୍ୟାଳୟରେ କାର୍ଯ୍ୟ ସମୟ ସକାଳ ସାଢ଼େ ୯ଟା ୩୦ରୁ ଅପରାହ୍ନ ସାଢ଼େ ୪ଟା ୩୦ ପର୍ଯ୍ୟନ୍ତ ପାଠପଢା ରଖାଯାଇଛି । ଶନିବାର ଦିନ ସକାଳ ସାଢ଼େ ୬ଟାରୁ ଦିନ ୧୨ ଟା ୩୦ ଯାଏଁ ପାଠପଢ଼ା ହେବ । ଏହା ସହ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ରହିବା ବାଧ୍ୟତାମୂଳକ କରାଯାଇଛି। ତେବେ ସ୍କୁଲରେ ୨୩୧ଟି କାର୍ଯ୍ୟ ଦିବସ ରହିଛି। ଏହା ସହ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଟୋଲ ଫ୍ରି ନମ୍ବର ୧୮୦୦୩୪୫୬୭୨୨/ ୧୪୪୧୭ ଦିଆଯାଇଛି। ଏପ୍ରିଲ ମାସରେ ୨୨ଟି କାର୍ଯ୍ୟଦିବସ ରହିଥିବା ବେଳେ ମଇରେ ୪ଟି, ଜୁନରେ ୮ଟି, ଜୁଲାଇରେ ୨୬, ଅଗଷ୍ଟରେ ୨୨ ଲେଖାଏଁ କାର୍ଯ୍ୟ ଦିବସ ରହିଛି । ସେହିପରି ଭାବରେ ସେପ୍ଟେମ୍ବରରେ ୨୩, ଅକ୍ଟୋବରରେ ୨୦, ନଭେମ୍ବରରେ ୨୧, ଡିସେମ୍ବରରେ ୧୮, ଜାନୁଆରୀରେ ୨୩, ଫେବୃୟାରୀରେ ୨୪ ଓ ମାର୍ଚ୍ଚରେ ୨୨ଟି ଲେଖାଏଁ କାର୍ଯ୍ୟ ଦିବସ ରହିଛି । ମୋଟ ଆକାରରେ ୮୨ଟି ଛୁଟି ରହିଥିବା ବେଳେ ୫୨ଟି ରବିବାର ରହିଛି। ଖରା ଛୁଟି ମଇ ୬ ତାରିଖରୁ ଜୁନ ୧୯ ତାରିଖ ପର୍ଯ୍ୟନ୍ତ ରହିବ। ସେହିପରି ପୂଜା ଛୁଟି ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ରହିଛି। ଏକ୍ ମାସ ଛୁଟି ଡିସେମ୍ବର ୨୩ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ରହିଛି । ଅନ୍ୟପଟେ ଶିକ୍ଷାବର୍ଷ ୨୦୨୫ -୨୬ ନିମନ୍ତେ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ମଧ୍ୟ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଏବଂ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

# ବେଆଇନ ନିଶା କାରବାରର ହବ୍ ପାଲଟିଛି ଯାଜପୁର

## ଗିରଫ ହେଲେଣି ୯୨୩ ମହିଳାଙ୍କ ସମେତ ୫୯୦୬ ଜଣ



**ଯାଜପୁର, ୧୫/୪ ନ୍ୟୁଜ ବ୍ୟୁରୋ**

ବେଆଇନ ନିଶା କାରବାରର ହବ୍ ପାଲଟିଲାଣି ଯାଜପୁର। ଜିଲ୍ଲାରେ କାୟାବିସ୍ତାର କରିଥିବା ଏହି ଅନୈତିକ ବେପାରରେ ମହିଳାମାନଙ୍କୁ ଆୟୁଧ କରିଛନ୍ତି ମାଫିଆ। ନିଶା କାରବାର ମାମଲାରେ ଯାଜପୁର ଜିଲ୍ଲାରେ ଗତ ୬ ବର୍ଷରେ ମୋଟ ୫୯୦୬ ଜଣ ଗିରଫ ହୋଇଛନ୍ତି। ସେଥିମଧ୍ୟରୁ ୯୨୩ ଜଣ ହେଉଛନ୍ତି ମହିଳା। ଯାଜପୁର ଜିଲ୍ଲାର ଗାଁ ଗଣ୍ଡା, ଛକ, ବଜାର ଅବୈଧ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଚକିତ କଲା ଭଳି ତଥ୍ୟ ହେଉଛି, ଏହି ଅବୈଧ କାରବାରରେ ମହିଳାମାନଙ୍କର ଅଧିକ ସଂପୃକ୍ତି। ୨୦୧୯-୨୦ ବର୍ଷରେ ୪୮୪ ଜଣ ମଧ୍ୟରୁ ୫୨ ଜଣ ମହିଳା, ୨୦୨୦-୨୧ ବର୍ଷରେ ୪୩୦ ଜଣଙ୍କ ମଧ୍ୟରୁ ୧୩୭ ମହିଳା ଓ ୨୦୨୧-୨୨ ବର୍ଷରେ ୮୭୮ଜଣଙ୍କ ମଧ୍ୟରୁ ୧୮୪ ଜଣ ମହିଳା ଗିରଫ ହୋଇଛନ୍ତି। ସେହିପରି ୨୦୨୨-୨୩ ବର୍ଷରେ ୧୨୦୭ ଜଣଙ୍କ ମଧ୍ୟରୁ ୨୨୫ ମହିଳା, ୨୦୨୩-୨୪ ବର୍ଷରେ ୧୪୫୮ ଜଣଙ୍କ ମଧ୍ୟରୁ ୧୫୦ ଜଣ ମହିଳା ଓ ୨୦୨୪-୨୫ ବର୍ଷ ଫେବ୍ରୁୟାରୀ ସୁଦ୍ଧା ୧୪୪୯ ଜଣଙ୍କ ମଧ୍ୟରୁ ୧୭୫ ଜଣ ମହିଳା ଗିରଫ ହୋଇଛନ୍ତି। ୬ ବର୍ଷରେ ବେଆଇନ ନିଶା କାରବାରରେ ମୋଟ ୫୯୦୬ ଜଣ ଗିରଫ ହୋଇଥିବାବେଳେ ଏଥିମଧ୍ୟରେ ୯୨୩ ଜଣ ମହିଳା ଅଛନ୍ତି। ମହିଳାମାନେ ନିଶା କାରବାରକୁ ବନ୍ଦ କରୁଥିବାବେଳେ ଯାଜପୁର ଜିଲ୍ଲାରେ ବେଆଇନ ନିଶା ବେପାର କାରବାରରେ ଶତାଧିକ ମହିଳା ଗିରଫ ହେବା ଘଟଣା ଚିନ୍ତାର କାରଣ ହୋଇଛି। ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ନିଶା ବେପାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୁଲିସ ଓ ଅବକାରୀ ବିଭାଗ ଯେତିକି ଧରୁଛନ୍ତି, ତା'ଠାରୁ କାହିଁ କେତେଗୁଣ ଅଧିକ ନିଶାଦ୍ରବ୍ୟ କାରବାର କରୁଛନ୍ତି ମାଫିଆ। ନକଲି ମଦ, ଗଞ୍ଜେଇ ଓ ବ୍ରାଉନ୍ ସୁଗାର ଭଳି ଉତ୍କଟ ନିଶାଦ୍ରବ୍ୟ ପଡ଼ୋଶୀ ଜିଲ୍ଲାରୁ ଅବାଧରେ ଆସୁଛି। ନିଶା ଖାଇ ଯୁବକମାନେ ପଥଭ୍ରଷ୍ଟ ହେଉଥିବାବେଳେ ଅନେକଙ୍କ ଜୀବନ ଅକାଳରେ ଚାଲିଯାଉଛି। ଏଥିପ୍ରତି କାହାର ନିଘା ନଥିବାବେଳେ ଅବକାରୀ ବିଭାଗ ଓ ପୁଲିସକୁ ନିୟନ୍ତ୍ରଣରେ ରଖି ମାଫିଆମାନେ ନିର୍ବିଘ୍ନରେ ନିଶା ବେପାର ଚଳାଇଥିବା ଅଭିଯୋଗ ହୋଇଆସୁଛି। ଏହାର ପ୍ରଭାବରେ ଚାରିଆଡ଼େ ସାମାଜିକ ବିଶୃଙ୍ଖଳା ଲାଗିରହିଛି।

# ପୋଖରୀରେ ବୁଡ଼ି ଚାଲିଗଲା ଦୁଇ ଭଉଣୀଙ୍କ ଜୀବନ

**ଜଳେଶ୍ୱର, ୧୫।୪ ନ୍ୟୁଜ ବ୍ୟୁରୋ**

ଘର ପାଖରେ ଖେଳୁଥିବା ବେଳେ ପୋଖରୀରେ ପଡିଗଲେ ୨ ଭଉଣୀ। ପାଣିରେ ବୁଡ଼ି ୨ ଭଉଣୀଙ୍କ ଚାଲିଗଲା ଜୀବନ। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଗାନ୍ଧୀ ଛକରେ ଏଭଳି ଦୁଃଖଦ ଘଟଣା ଘଟିଛି । ମୃତ ୨ ଭଉଣୀ ହେଲେ ସେକ ତାଇରୁଦ୍ଦିନ ଏବଂ ସେକ ନଜିମଉଦ୍ଦିନଙ୍କ ଦୁଇ ନାବାଳିକା ଝିଅ। ଉଭୟଙ୍କ ବୟସ ୬ ବର୍ଷ ହେବ। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଗାନ୍ଧୀ ଛକରେ ସେକ ତାଇରୁଦ୍ଦିନ ଏବଂ ସେକ ନଜିମଉଦ୍ଦିନ ଦୁଇ ଭାଇ ରୁହନ୍ତି। ଉଭୟଙ୍କ ଦୁଇ ଝିଅ ଘର ପାଖରେ ଖେଳୁଥିଲେ। ପରିବାର ଲୋକଙ୍କ ଅଜାଣତରେ ଘର ପଛ ପାଖରେ ଥିବା ପୋଖରୀରେ ସେମାନେ ବୁଡ଼ି ଯାଇଥିଲେ। ୨ ଝିଅଙ୍କୁ ନ'ପାଇ ପରିବାର ଲୋକ ଖୋଜାଖୋଜି କରିଥିଲେ। ଦୁଇ ଭଉଣୀ ପାଣିରେ ଭାସୁଥିବା ଦେଖି ପରିବାର ଲୋକ ଉଦ୍ଧାର କରି ବସ୍ତା ଡ଼ାକ୍ତରଖାନାକୁ ନେଇଥିଲେ । ମାତ୍ର ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ହୃଦ୍‌ରୋଗୀଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି : ୨୫ ହସ୍ପିଟାଲ୍ ବିଶେଷଜ୍ଞ ଶୂନ୍ୟ

**ଭୁବନେଶ୍ୱର, ୧୫/୦୪ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ହୃଦ୍‌ରୋଗୀଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି । ରୋଗୀ ଠିକ ସମୟରେ ଚିକିତ୍ସା ନପାଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଗୋଟିଏ ହସ୍ପିଟାଲ୍‌ରୁ ଆଉ ଗୋଟିଏ ହସ୍ପିଟାଲ୍ ଜୀବନ ବିକଳରେ ଧାଉଁଛନ୍ତି। ହେଲେ ସବୁଠି ନିରାଶ ହେଉଛନ୍ତି। କାରଣ ୨୫ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ହୃଦ୍‌ରୋଗ ବିଶେଷଜ୍ଞ ନାହାନ୍ତି । ରାଜ୍ୟରେ ୩୫ଟି ହୃଦ୍‌ରୋଗ ବିଶେଷଜ୍ଞ ପଦବୀ ରହିଥିଲେ ହେଁ ଅଛନ୍ତି ୧୦ଜଣ । ସେଥିରେ ବି ଖାଲି ପଡ଼ିଛି ୨୫ ପଦବୀ । ରାଜ୍ୟରେ ୭୨% ପଦବୀରେ ବିଶେଷଜ୍ଞ ନାହାନ୍ତି । ବାଲେଶ୍ୱର, କଟକ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର ଆଦି ୫ ଜିଲ୍ଲାରେ ଡାକ୍ତର ଅଛନ୍ତି । ଆଉ ୨୫ ଜିଲ୍ଲା ମୁଖ୍ୟ ହସ୍ପିଟାଲ୍‌ରେ ବିଶେଷଜ୍ଞ ନାହାନ୍ତି । ଚିକିତ୍ସାରେ କ୍ଷଣିକ ବିଳମ୍ବ ହୃଦ୍‌ରୋଗୀଙ୍କ ଜୀବନ ନେଇଥାଏ । ଜିଲ୍ଲାସ୍ତରରୁ ହୃଦରୋଗୀ ରେଫର ହୋଇ କଟକ କିମ୍ବା ଭୁବନେଶ୍ୱର ଆସିଲା ବେଳକୁ ବାଟରେ ପ୍ରାଣ ଯାଉଛି । ଏଥିରୁ ସ୍ପଷ୍ଟ ଅନୁମେୟ ତୃଣମୂଳସ୍ତରରେ ହୃଦ୍‌ରୋଗ ଚିକିତ୍ସା ଲାଗି ରୋଗୀ କିଭଳି ଅବସ୍ଥାର ସମ୍ମୁଖୀନ ହେଉଥିବ। ସରକାର ଡାକ୍ତର ପଦବୀ ପୂରଣ ଦିଗରେ ଉଦ୍ୟମ କରୁଥିବାବେଳେ ହୃଦରୋଗ ଡାକ୍ତରଙ୍କ ଅଭାବ ଏ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ପାଲଟିଛି। ୨୦୧୫ରୁ ୨୦୨୨ ଭିତରେ ଏନ୍‌ସିଡି ପ୍ରୋଗ୍ରାମ ମାଧ୍ୟମରେ ରାଜ୍ୟରେ ୬୩,୯୬୭ ଜଣ ହୃଦ୍‌ରୋଗୀ ଚିହ୍ନଟ ହୋଇଛନ୍ତି । ଏସ୍‌ସିବିରେ ୨୦୨୧- ୨୨ରେ ୭୯,୫୩୭ ଓପିଡିରେ ଚିକିତ୍ସିତ ହୋଇଥିଲା ବେଳେ ଆଇପିଡିରେ ୩,୨୨୭ ଜଣ ଭର୍ତ୍ତି ହୋଇଥିଲେ। ଏହାବ୍ୟତୀତ ଅନ୍ୟ ମେଡିକାଲ କଲେଜରେ ହୃଦ୍‌ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ହେଲେ ଜିଲ୍ଲା ମୁଖ୍ୟ ହସ୍ପିଟାଲ୍‌ରେ ବିଶେଷଜ୍ଞ ନଥିବାରୁ ସ୍ଥିତି ସଙ୍ଗିନ ରହିଛି । ରାଜ୍ୟରେ ହୃଦରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ହେଲେ ବିଶେଷଜ୍ଞ ଅଭାବ ରୋଗୀଙ୍କ ଚିନ୍ତା ବଢ଼ାଉଛି ।

# ୧୮ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କଲା ବିଜେଡି

**ଭୁବନେଶ୍ୱର, ୧୫/୦୪ ନ୍ୟୁଜ ବ୍ୟୁରୋ**

୧୮ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରିଛି ବିଜେଡି। ବିଜେଡି ସାଂଗଠନିକ ନିର୍ବାଚନରେ ୧୮ ଜିଲ୍ଲା ପାଇଁ ଜଣେ ଲେଖାଏଁ ନାମାଙ୍କନ ଭରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏନେଇ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଗୁଳ ଜିଲ୍ଲା ପାଇଁ ବ୍ରଜ କିଶୋର ପ୍ରଧାନ ବିଜେଡି ସଭାପତି ହୋଇଛନ୍ତି। ସେହିପରି ବରଗଡ-ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକ- ଜଗନ୍ନାଥ ସ୍ୱାଇଁ , ବୌଦ୍ଧ- ପ୍ରଦୀପ ଅମାତ, ଦେବଗଡ- ରୋମାଂଚ ରଞ୍ଜନ ବିଶ୍ୱାଳ, ଗଜପତି -ପ୍ରଦୀପ ନାୟକ, ଜଗତସିଂହପୁର- ପ୍ରଶାନ୍ତ ମୁଦୁଲି , ଯାଜପୁର - ସରୋଜ କୁମାର ମହାପାତ୍ର, ଝାରସୁଗୁଡା - ହରିଶ ଗଂତ୍ରା, କନ୍ଧମାଳ- ପଦ୍ମନାଭ ବେହେରା, ମାଲକାନଗିରି - ମାନସ ମାଡକାମୀ, ମୟୂରଭଞ୍ଜ ୧ - ସୁଦାମ ମାରାଣ୍ଡି, ନବରଙ୍ଗପୁର - ମନୋହର ରନ୍ଧାରୀ , ନୟାଗଡ଼ - ରମେଶ ବେହେରା, ନୂଆପଡା - ଅବନୀ ରଞ୍ଜନ ଯୋଶୀ , ପୁରୀ- ଉମାକାନ୍ତ ସାମନ୍ତରାୟ, ସୁବର୍ଣ୍ଣପୁର - ସରୋଜ କୁମାର କର୍ମା ଓ ସୁନ୍ଦରଗଡ଼ - ଯୋଗେଶ କୁମାର ସିଂ ସଭାପତି ହୋଇଛନ୍ତି।

# ଅଦାଲତ ହେପାଜତରେ ରହିବ ଜବତ ସାମଗ୍ରୀ

## ଭିଡିଓ ଗ୍ରାଫିରେ ହେବ ଗାଡି ନିଲାମ, ଲକରରେ ରହିବ ଗହଣା

**କଟକ, ୧୫/୪ ନ୍ୟୁଜ ବ୍ୟୁରୋ**

ସିବିଆଇ ଦ୍ୱାରା ଜବତ ହୋଇଥିବା ୧୫ ଲକ୍ଷ ଟଙ୍କାକୁ ରିଲିଜ୍ ପାଇଁ ହୋଇଥିବା ଆବେଦନର ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହୋଇଛି। ଏହି ଶୁଣାଣି ସମୟରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ପୁଲିସ୍ ବା ଯେକୌଣସି ତଦନ୍ତକାରୀ ସଂସ୍ଥା ଦ୍ୱାରା ଜବତ ହେଉଥିବା ଟଙ୍କା ଥାନାରେ ନ ରହି ରିଲିଜ୍ ହେବ। ଏହା ପୂର୍ବରୁ ସେସବୁର ସ୍ଥାୟୀ ରେକର୍ଡ଼ ରଖିବା ଲାଗି ହାଇ-ରିଜୋଲ୍ୟୁସନ ଫଟୋଗ୍ରାଫ୍ ଉଠାଯିବ। ଉକ୍ତ ଜବତ ଟଙ୍କାକୁ ନେଇ ପଞ୍ଚନାମା କରାଯିବ। ଯେଉଁଥିରେ ତଦନ୍ତକାରୀ ଅଧିକାରୀ, ଅଭିଯୋଗକାରୀ, ଅନ୍ୟ ପକ୍ଷ ଏବଂ ପ୍ରତ୍ୟକ୍ଷଦର୍ଶୀ ଦସ୍ତଖତ କରିବେ। ଏଥିସହ ଉପଯୁକ୍ତ ସର୍ତ୍ତ ଏବଂ ସିକ୍ୟୁରିଟି ବଣ୍ଡ ମଧ୍ୟ ରଖିବା ପାଇଁ କୁହାଯିବ। ଯଦି କୌଣସି କାରଣରୁ ତୁରନ୍ତ ଟଙ୍କା ରିଲିଜ୍ କରାଯାଇ ପାରୁନାହିଁ ତା'ହେଲେ ଅର୍ଥନୀତିକୁ ବୁଷ୍ଟିଂ ପାଇଁ ଉକ୍ତ ଜବତ ଟଙ୍କାକୁ ଏକ ଜାତୀୟକରଣ ବ୍ୟାଙ୍କରେ ଜମା କରାଯିବ। ଜବତ ଟଙ୍କାକୁ ଜୁଡିସିଆଲ ହେପାଜତରେ ରଖାଗଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ନାହିଁ ବୋଲି ଲକ୍ଷ୍ମଣ ଶ୍ରୀନିବାସନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଶିବ ଶଙ୍କର ମିଶ୍ର ଏହି ରାୟ ଦେଇଛନ୍ତି। ହାଇକୋର୍ଟ ଜବତ ଟଙ୍କା ରିଲିଜ୍ ପରିପ୍ରେକ୍ଷୀରେ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଜବତ ହେଉଥିବା ଟଙ୍କା ପଡ଼ି ରହିଲେ ଅର୍ଥନୀତିର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଟଙ୍କାର ପ୍ରକୃତ ଅର୍ଥ ହେଉଛି ଏହା ଗୋଟିଏ ହାତରୁ ଅନ୍ୟ ହାତକୁ ଘୂରି ବୁଲିବ। ଯାହାଫଳରେ ବ୍ୟବସାୟ ବୃଦ୍ଧି ସହ ଦେଶର ଅର୍ଥନୀତିରେ ଏହାର ବଡ଼ ଭାଗୀଦାରି ମଧ୍ୟ ରହିବ।





ତେଣୁ ଜବତ ହେଉଥିବା ଟଙ୍କା, ସାମଗ୍ରୀ ଯଥା ବ୍ୟାଙ୍କ୍ ଜମା, ସ୍ଥାୟୀ ଜମା (ଫିକ୍ସଡ୍ ଜମା), ଗାଡ଼ି, ସୁନା, ଗହଣା, କୃଷିଜାତ ସାମଗ୍ରୀ ବା ତୁରନ୍ତ ନଷ୍ଟ ହେଉଥିବା ସାମଗ୍ରୀ (ପେରିସେବୁଲ୍ ପ୍ରଡ୍‌କ୍ଟ), ମୋବାଇଲ୍, କ୍ୟାମେରା ଆଦି କିପରି ଥାନାରେ ଜମା ନରହି ତୁରନ୍ତ ରିଲିଜ୍ ହେବ ସେନେଇ ହାଇକୋର୍ଟ ଆଦେଶରେ ଉଲ୍ଲେଖ କରିଛନ୍ତି। ଏଥିସହ ହାଇକୋର୍ଟ ନିମ୍ନ ଅଦାଲତ ଏବଂ ତଦନ୍ତକାରୀ ଅଧିକାରୀଙ୍କ ଏକ୍ଷେତ୍ରରେ କି' ଭୂମିକା ରହିଛି ସେନେଇ ମଧ୍ୟ ସ୍ପଷ୍ଟ କରିଛନ୍ତି। ଯଦି ତଦନ୍ତକାରୀ ସଂସ୍ଥା ଦ୍ୱାରା ବ୍ୟାଙ୍କ ଡିପୋଜିଟ୍ କିମ୍ବା ସ୍ଥାୟୀ ଜମା ଜବତ ହୋଇଥାଏ, ତା'ହେଲେ ଏହାର ରିଲିଜ୍ ପାଇଁ ଅଭିଯୁକ୍ତଙ୍କୁ ସମାନ ପରିମାଣର ବ୍ୟାଙ୍କ ଗ୍ୟାରେଣ୍ଟି ଅର୍ଥ ଦେବାକୁ ପଡ଼ିବ। ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରୋସିଡିଂ ଆରମ୍ଭ ହୋଇଥିଲେ ବ୍ୟାଙ୍କ୍ ଡିପୋଜିଟ୍ ବା ସ୍ଥାୟୀ ଜମା ରିଲିଜ୍ କରାଯାଇପାରିବ ନାହିଁ। କେବଳ ପ୍ରାଧିକୃତ ଅଦାଲତଙ୍କ ଅନୁମତିକ୍ରମେ ଉକ୍ତ ଜମା ରାଶି ରିଲିଜ୍ ହେବ। ପୁଲିସ୍ ଷ୍ଟେସନ୍‌ରେ ଜବତ ଗାଡ଼ି ପଡ଼ି ରହି ନଷ୍ଟ ହେଉଛି। ନିମ୍ନ ଅଦାଲତ ଏବଂ ବିଭାଗୀୟ ଅଧିକାରୀ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ନିହାତି ଆବଶ୍ୟକ। ଗାଡ଼ିର ମାଲିକଙ୍କୁ ଚିହ୍ନଟ କରି ସୁରକ୍ଷା ଜମା ବଦଳରେ ଗାଡ଼ି ଫେରସ୍ତ ଦିଆଯିବ। ଗାଡ଼ିର ମାଲିକାନାକୁ ନେଇ ବିବାଦ ଥିଲେ ବିଚାର ବିଭାଗୀୟ ଅଧିକାରୀମାନେ ଉକ୍ତ ବିବାଦକୁ ତୁଟାଇବା ସହ ଗାଡ଼ି ରିଲିଜ୍ ପାଇଁ ତୁରନ୍ତ ପଦକ୍ଷେପ ନେବେ। କୌଣସି ଗାଡ଼ି ତୁରନ୍ତ ରିଲିଜ୍ ହୋଇପାରୁନଥିଲେ ଏହାକୁ ସୁରକ୍ଷିତ ସ୍ଥାନରେ ରଖିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗାଡ଼ିର ପ୍ରକୃତ ମାଲିକ ଚିହ୍ନଟ ହୋଇପାରୁ ନଥିଲେ କିମ୍ବା କୌଣସି ଗୁରୁତର ମାମଲା ସହ ଜଡ଼ିତ ଥିଲେ ତଦନ୍ତକାରୀ ଅଧିକାରୀ ଗାଡ଼ିର ଫଟୋଗ୍ରାଫ୍ ସହ ସମସ୍ତ ରେକର୍ଡ଼ ରଖି ନିଲାମରେ ଡାକିବେ। ସେହିଭଳି ଜବତ ସୁନା ଆଦି ମୂଲ୍ୟବାନ ସାମଗ୍ରୀ ପୁଲିସ ହେପାଜତରେ ରଖିପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଗୁଡ଼ିକୁ ପୁଲିସ୍ ନିଜ ହେପାଜତ ବଦଳରେ ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାଙ୍କ ଲକରରେ ରଖିବ। ଯଦି ଉକ୍ତ ସୁନା, ଗହଣାର ମାଲିକ ଜଣାଅଛନ୍ତି ତାହେଲେ ସେକ୍ଷେତ୍ରରେ ପ୍ରମାଣ ପାଇଁ ଫଟୋଗ୍ରାଫି ଏବଂ ଭିଡ଼ିଓଗ୍ରାଫି କରି ସେହିସବୁ ସାମଗ୍ରୀକୁ ରିଲିଜ୍ କରିବା ଆବଶ୍ୟକ। ଭବିଷ୍ୟତରେ ଯଦି ଟ୍ରାଏଲ୍ ପାଇଁ ସେହିସବୁ ସାମଗ୍ରୀର ଆବଶ୍ୟକତା ପଡ଼େ ତାହେଲେ ଅଭିଯୋଗକାରୀ ଉକ୍ତ ସାମଗ୍ରୀ ପୁନର୍ବାର ଫେରାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବେ। ନିଶା ସାମଗ୍ରୀକୁ ନିଶ୍ଚିତ ଭାବରେ ରିଲିଜ୍ ବା ନଷ୍ଟ କରିବା ଆବଶ୍ୟକ। ତେବେ ଏଥିପାଇଁ କେତେକ ପଦକ୍ଷେପ ନେବାକୁ ପଡ଼ିବ। ଜବତ ନିଶା ସାମଗ୍ରୀର ନମୁନା ସଂଗ୍ରହ କରି ତାହାକୁ ଉପଯୁକ୍ତ ଭାବେ ଜଉମୁଦ କରି ରଖାଯିବ। ବାକି ସାମଗ୍ରୀକୁ ଅଦାଲତଙ୍କ ଅନୁମତିକ୍ରମେ ତୁରନ୍ତ ନଷ୍ଟ ପାଇଁ ପଦକ୍ଷେପ ନିଆଯିବବୋଲି ହାଇକୋର୍ଟ ମତ ଦେଇଛନ୍ତି। ତୁରନ୍ତ ନଷ୍ଟ ହେଉଥିବା ସାମଗ୍ରୀ ଏବଂ କୃଷିଜାତ ସାମଗ୍ରୀ ଯଦି ଜବତ ହୋଇଥାଏ ତାହାକୁ ପ୍ରାଥମିକତା ଭିତ୍ତିରେ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିବା ଆବଶ୍ୟକ। ଯଦି ଉକ୍ତ ସାମଗ୍ରୀର ପ୍ରକୃତ ମାଲିକ ନଥାନ୍ତି, ତା'ହେଲେ ସରକାରୀ ଏଜେନ୍ସି ଉକ୍ତ ସାମଗ୍ରୀକୁ ତୁରନ୍ତ ନିଲାମ କରିବ। ଯଦି ଆଇନଗତ ପ୍ରୋସିଡିଂର ଆବଶ୍ୟକତା ଥାଏ ସେକ୍ଷେତ୍ରରେ ନମୁନା (ସାମ୍ପୁଲ୍) ରଖି ବାକି ସାମଗ୍ରୀକୁ ପ୍ରଦାନ କରିବା ଉଚିତ୍। ବିସ୍ଫୋରକ ସାମଗ୍ରୀକୁ ଥାନାରେ ନରଖି ତୁରନ୍ତ ସେସବୁକୁ ସ୍ୱତନ୍ତ୍ର ସ୍ଥାନରେ ରଖିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଯଦି ଏହିଭଳି ବିସ୍ଫୋରକ ସାମଗ୍ରୀର କେହି ଆଇନଗତ ମାଲିକାନା ଥାଆନ୍ତି ତା'ହେଲେ ଉକ୍ତ ସାମଗ୍ରୀର ଯାଞ୍ଚ ପରେ ତାଙ୍କୁ ଫେରସ୍ତ ପାଇଁ ପଦକ୍ଷେପ ନିଆଯାଇ ପାରିବ। ଏହା କୌଣସି ଗୁରୁତର ଅପରାଧିକ କାର୍ଯ୍ୟରେ ଜଡ଼ିତ ଥାଏ ସେକ୍ଷେତ୍ରରେ ଉକ୍ତ ସାମଗ୍ରୀକୁ ତୁରନ୍ତ ନଷ୍ଟ କରାଯିବ ନଚେତ୍ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ପାଇଁ ପଦକ୍ଷେପ ନିଆଯିବ। ଜବତ କ୍ୟାମେରା, ଲାପ୍‌ଟପ, ମୋବାଇଲ୍ ଫୋନ୍ ଆଦି ଡାଟା ହେରଫେର ପୂର୍ବରୁ ସେସବୁର ଡକୁମେଣ୍ଟ ରଖାଯାଇ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯିବା ଆବଶ୍ୟକ। ତେବେ ମାଜିଷ୍ଟ୍ରେଟ୍ ଏବଂ ତଦନ୍ତକାରୀ ଅଧିକାରୀ ଏହିଭଳି ସାମଗ୍ରୀ ଯେପରି ତୁରନ୍ତ ରିଲିଜ୍ ହୋଇପାରିବ ସେଦିଗରେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିବାକୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି । ଏହି ରାୟର ନକଲ ପ୍ରତ୍ୟେକ ଜିଲ୍ଲାକୋର୍ଟ, ସ୍ୱତନ୍ତ୍ର କୋର୍ଟ, ନିମ୍ନ ଅଦାଲତ, ପୁଲିସ ଡିଜି, ଅନ୍ୟ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି, ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟ, ଅବକାରୀ ବିଭାଗ, ଜଙ୍ଗଲ ବିଭାଗ ଏବଂ ଅନ୍ୟ ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବାକୁ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।